
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୮ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 18 MARCH 2022
Vol.No. 33 ■ No. 74 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022





ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧ୍ୟାତ୍ମିକ, ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଆମେରିକାକୁ ଖୋଲା ଚେତାବନୀ ଦେଲେ ପୁଟିନଙ୍କ ସହଯୋଗୀ



ମସ୍କୋ,୧୭/୦୩ (ନି.ପ୍ର): ୟୁକ୍ରେନ ଉପରେ ହମଲା କରୁଥିବା ରୁଷ ଏବେ ଆମେରିକାକୁ ସିଧାସଳଖ ଟାର୍ଗେଟ କରିଛି । ଆମେରିକା ନେତୃତ୍ୱରେ ପଶ୍ଚିମ ଦେଶଗୁଡ଼ିକ ରୁଷ ଉପରେ କଟକଣା ଲଗାଉଛନ୍ତି । ହେଲେ ଆମେରିକା ନେତୃତ୍ୱାଧୀନ ଫୋର୍ସକୁ ରୁଷ ସେମାନଙ୍କ ସ୍ଥାନ ଦେଖାଇ ଉଚିତ ଜବାବ ଦେବ ବୋଲି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଡଭେଡେଭ କହିଛନ୍ତି । ମେଡଭେଡେଭ ୨୦୦୮ରୁ ୨୦୧୨ ଯାଏ ରୁଷର ରାଷ୍ଟ୍ରପତି ଥିଲେ । ଏବେ ସେ ରୁଷ ସୁରକ୍ଷା ପରିଷଦର ଉପ ମୁଖ୍ୟ ଭାବେ କାମ କରୁଛନ୍ତି । ଆମେରିକା ପକ୍ଷରୁ ରୁଷ ଉପରେ କଟକଣା ଲଗାଯାଉଥିବାରୁ ଆଜି ସେ ନିଜର ପ୍ରତିକ୍ରିୟା ରଖିଛନ୍ତି । ମେଡଭେଡେଭ କହିଛନ୍ତି, ଆମେରିକା ପ୍ରଶାସନ ରୁଷ ବିରୋଧୀ ଘୃଣ୍ୟ ଆଭିମୁଖ୍ୟ ପୋଷଣ କରୁଛି । ଏପରି କରି ରୁଷକୁ ବରବାଦ କରିବାକୁ ଚେଷ୍ଟା କରାଯାଉଛି । ବିଶ୍ୱରେ ରୁଷକୁ ଏକ ଘରକିଆ କରିବାକୁ ଆମେରିକା ସବୁ ପ୍ରକାରର ପ୍ରୟାସ କରୁଛି । ତେବେ ଏହା କୌଣସି ପ୍ରକାରର କାମ କରିବ ନାହିଁ । ରୁଷ ତା'ର ସବୁ ଶତ୍ରୁଙ୍କୁ ସେମାନଙ୍କ ଉପଯୁକ୍ତ ସ୍ଥାନ ଦେଖାଇବାରେ ସକ୍ଷମ । ରୁଷ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଦେଖାଇ ଉଚିତ ଜବାବ ଦେବ । ମସ୍କୋ ସେମାନଙ୍କ ସବୁ ଯୋଜନାକୁ ପଣ୍ଡ କରିଦେବ ବୋଲି ସେ ଚେତାବନୀ ଦେଇଛନ୍ତି । ଆମେରିକା କଥାରେ ପଶ୍ଚିମ ଦେଶଗୁଡ଼ିକ କାର୍ଯ୍ୟ କରୁଥିବା ମେଡଭେଡେଭ ପରୋକ୍ଷରେ କହିଛନ୍ତି । ଆମେରିକା ଓ ପଶ୍ଚିମ ଦେଶ ଗୁଡ଼ିକ ରୁଷର ୟୁକ୍ରେନ ଉପରେ ହମଲା ଯୋଗୁ ଅନେକ ପ୍ରକାରର ପଦକ୍ଷେପ ନେଇଛନ୍ତି । ରୁଷ ଉପରେ ଏକାଧିକ ରାଷ୍ଟ୍ର ଆର୍ଥିକ, ସାମରିକ ଓ ବ୍ୟବସାୟିକ କଟକଣା ମଧ୍ୟ ଲଗାଇଛନ୍ତି । ଏଥିଯୋଗୁ ରୁଷ ଏବେ ଆର୍ଥିକ କ୍ଷତି ସହିବା ଆରମ୍ଭ କରିଛି । ଏଥିରେ ଉତକ୍ଷିପ୍ତ ହୋଇ ମେଡେଭେଡେଭ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହାପୂର୍ବରୁ ସେ ଫ୍ରାନ୍ସକୁ ରିୟଲ ୱାରର ଧମକ ମଧ୍ୟ ଦେଇଥିଲେ । ଫ୍ରାନ୍ସ ଅର୍ଥମନ୍ତ୍ରୀ ରୁଷର ଦମନଲୀଳା ବିରୋଧରେ ଅର୍ଥନୀତିକ ଯୁଦ୍ଧ ଆରମ୍ଭ ହେବ ବୋଲି କହିଥିବାରୁ ଏହାର ଜବାବରେ ମେଡଭେଡେଭ ପ୍ରକୃତ ୱାର କଥା କହିଥିଲେ । ସେ ଟ୍ୱିଟ କରି କହିଥିଲେ ଯେ "କିଛି ଫ୍ରାନ୍ସ ମନ୍ତ୍ରୀ ରୁଷ ବିରୋଧରେ ଅର୍ଥନୀତିକ ଯୁଦ୍ଧ ଡାକରା ଦେଇଛନ୍ତି । ଦୟା କରି ନିଜ ଜିଭ ଉପରେ ନିୟନ୍ତ୍ରଣ କର ଜେଣ୍ଟିଲମ୍ୟାନ ! ▶▶ପୃଷ୍ଠା ୭

## କଂଗ୍ରେସରେ ଛକାପଞ୍ଝା ଜାରି : ୨୪ ଘଣ୍ଟାରେ ଦ୍ୱିତୀୟ ଥର ପାଇଁ ବିଦ୍ରୋହୀଙ୍କ ବୈଠକ



ନୂଆଦିଲ୍ଲୀ, ୧୭/୦୩ : ନିକଟରେ ଶେଷ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନରେ କଂଗ୍ରେସ ସାମ୍ନା କରିଥିବା ବିପିର୍ଯ୍ୟୟ ଏବେ ଦଳକୁ ଦି' ଫାଳ କରିବାକୁ ବସିଲାଣି । କଂଗ୍ରେସର ବିଦ୍ରୋହୀ ଗୋଷ୍ଠୀ ଭାବେ ପରିଚିତ ଜି-୨୩ ନେତାମାନେ ଘନଘନ ବୈଠକ କରି ଦଳୀୟ ହାଇକମାଣ୍ଡକୁ ସିଧାସଳଖ ଚ୍ୟାଲେଞ୍ଜ କରିବା ଆରମ୍ଭ କଲେଣି । ଏହି ବିଦ୍ରୋହୀ ଗୋଷ୍ଠୀର ମଙ୍ଗ ସମ୍ଭାଳିଛନ୍ତି ବରିଷ୍ଠ ନେତା ଗୁଲାମ ନବୀ ଆଜାଦ । ତାଙ୍କ ଘରେ ଆଜି ପୁଣି କଂଗ୍ରେସର ଜି-୨୩ ନେତାମାନେ ରୁଦ୍ଧ ଦ୍ୱାର ବୈଠକ କରିଛନ୍ତି । ୨୪ ଘଣ୍ଟା ମଧ୍ୟରେ ଏହା ଦ୍ୱିତୀୟ ବୈଠକ । ଦଳୀୟ ନେତୃତ୍ୱ ଓ ପରିଚାଳନାରେ ଖୁସି ନଥିବା ପ୍ରାୟ ୧୮ ଜଣ ନେତା ଏହି ତଥାକଥିତ ଜି-୨୩ର ସଦସ୍ୟ । ସେମାନେ କଂଗ୍ରେସର ଆଗାମୀ ଭବିଷ୍ୟତକୁ ନେଇ ମାନସମନ୍ଥନ କରୁଥିବା ଜଣାପଡ଼ିଛି । ଆଜିର ବୈଠକରେ କପିଲ ଶିବଲ, ଭୂପିନ୍ଦର ସିଂହ ହୁଡା, ଶଶି ଥରୁର, ମନୀଷ ତିୱାରୀ, ▶▶ପୃଷ୍ଠା ୭

## ଚୀନ୍, ଦକ୍ଷିଣ କୋରିଆ ଓ ଇସ୍ରାଏଲରେ ବଢ଼ୁଛି କରୋନା ସଂକ୍ରମଣ

ନୂଆଦିଲ୍ଲୀ, ୧୭/୦୩ : ଚୀନ୍, ଇସ୍ରାଏଲ, ଦକ୍ଷିଣ କୋରିଆ, ହଙ୍ଗକଙ୍ଗ ଓ ସିଙ୍ଗାପୁର ପରି ଦେଶରେ ବଢ଼ୁଛି କରୋନା ସଂକ୍ରମଣ । ଯାହା ଏବେ ଭାରତର ଚିନ୍ତା ବଢ଼ାଇଛି । ସଂକ୍ରମଣ ବଢ଼ୁଥିବାରୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡଭ୍ୟଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ ହୋଇଛି । ବରିଷ୍ଠ ଡାକ୍ତର, ସ୍ୱାସ୍ଥ୍ୟ ସଚିବ, ଜୈବ ପ୍ରଯୁକ୍ତି ବିଭାଗ ସଚିବ, ଏନସିଡିସି ମୁଖ୍ୟ ଓ ଡ୍ରଗ କଂଟ୍ରୋଲର ଜେନେରାଲ ଏହି ବୈଠକରେ ଉପସ୍ଥିତ ଥିଲେ । ଏଥିରେ ସମସ୍ତ ଅଧିକାରୀଙ୍କୁ ସତର୍କ ରହିବାକୁ କହିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ । ମୁଖ୍ୟତଃ ୩ଟି ବିନ୍ଦୁ ଉପରେ ଗୁରୁତ୍ୱ ଦେଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । କୋଭିଡ୍ ମାମଲା ବୃଦ୍ଧି ନେଇ ସତର୍କ ରହିବା, ବ୍ୟାପକ ପର୍ଯ୍ୟବେକ୍ଷଣ କରିବା, ବ୍ୟାପକ ଜିନୋମ୍ ସିକ୍ୱେନ୍ସିଂ କରିବା ଉପରେ ବିଶେଷ ଧ୍ୟାନ ଦେବା । ଇସ୍ରାଏଲରେ ବିଏ୧ ଓ ବିଏ୨ ଭ୍ୟାରିଆଂଟ ଚିହ୍ନଟ ହୋଇଛି । ଭାରତ ପାଇଁ ସମସ୍ୟା ପରିବନି ବିଏ୨ ଭ୍ୟାରିଆଂଟ କାରଣ ଏହି ଭ୍ୟାରିଆଂଟ ଯୋଗୁଁ ଭାରତରେ ପୂର୍ବରୁ ସଂକ୍ରମଣ ବଢିସାରିଛି । ତେବେ ଏପର୍ଯ୍ୟନ୍ତ ମହାମାରୀ ସରିନଥିଲେ ମଧ୍ୟ ଜୁଲାଇ ବେଳକୁ ସ୍ଥିତି ଭଲ ହୋଇସାରିଥିବା ବୋଲି କହିଛନ୍ତି ସ୍ୱାସ୍ଥ୍ୟ ବିଶେଷଜ୍ଞ । ଚୀନ୍‌ରେ ଓମିକ୍ରନ୍ ବିଏ.୨ ଭ୍ୟାରିଆଂଟ ଜନିତ ସଂକ୍ରମଣ ବଢିବା ସହ ଦକ୍ଷିଣ କୋରିଆ, ଜର୍ମାନୀ, ପଶ୍ଚିମ ୟୁରୋପ ଓ ଆମେରିକାରେ ମଧ୍ୟ ସଂକ୍ରମଣ ବୃଦ୍ଧି ପାଉଛି । ତେବେ ଓମିକ୍ରନର ସବ ଭ୍ୟାରିଆଂଟ ବିଏ୨ ଯୋଗୁଁ ଚୀନ୍‌ରେ ସଂକ୍ରମଣ ବଢିଥିବା ବେଳେ ଦକ୍ଷିଣ କୋରିଆରେ ଏବେ ଦୈନିକ ସଂକ୍ରମଣ ୪ ଲକ୍ଷ ଉପରେ ପହଂଚିଛି । ବଢ଼ୁଥିବା ସଂକ୍ରମଣକୁ ନଜରରେ ରଖି ସତର୍କ କରାଇଛି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ।

## 'ରୂପାୟନ' ପକ୍ଷରୁ ଅନୁଷ୍ଠିତ ହେଲା ବସନ୍ତ ଆସର




ବାଲେଶ୍ୱର,୧୭/୦୩ (ନି.ପ୍ର): ଉଦ୍ଦାମ ଶିହରଣ ମଣ୍ଡିତ ଋତୁରାଜ ବସନ୍ତକୁ ଦୂତ ରୂପେ ପ୍ରେରଣ କରି କାମଦେବ ଜୀବଜଗତରେ ଅବତରଣ କରନ୍ତି । ଏହି ସମୟରେ ଜଗତ ହୁଏ ପୁଷ୍ପମୟ ଓ ସୁରଭିମୟ । କୋଇଲିର କୁହୁକୁହୁ ନାଦରେ, ଆମ୍ର ବକୁଳର ଭୁରୁଭୁରୁ ବାସ୍ନାରେ, ଅଶୋକବୃକ୍ଷ ନବପଲ୍ଲବଯୁକ୍ତ ପୁଷ୍ପରାଜିରେ ବିମଣ୍ଡିତ ହୁଏ, ପଳାଶ ପୁଷ୍ପ ବିକଶିତ ହୁଏ, ସବୁଜିମାର ମନଲୋଭା ଚିତ୍ର ସହ ଚୋରାଚୋରା ମଳୟର ଶିହରଣ ଜୀବଜଗତକୁ କରାଏ ଉନ୍ମନା ଓ କେବଳ ପ୍ରକୃତିକୁ ନୁହେଁ ସମଗ୍ର ମାନବ ସମାଜକୁ ପ୍ରେମରେ ବାନ୍ଧି ରଖିବା ଆଭିମୁଖ୍ୟ ହେଉ ବୋଲି 'ରୂପାୟନ' ପକ୍ଷରୁ ଅନୁଷ୍ଠିତ ବସନ୍ତ ଆସରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏଥିରେ ସଭାପତିତ୍ୱ କରିଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀର ସଦସ୍ୟ କବି କାଳୀପଦ ପଣ୍ଡା । ରୂପାୟନର ମୁଖ୍ୟ କବି ଶ୍ରଦ୍ଧାଞ୍ଜଳି ରାୟ ପ୍ରାରମ୍ଭରେ ସମବେତ କବି ଓ ବିଶିଷ୍ଟ ବ୍ୟକ୍ତିଙ୍କୁ ସଂଗୀତ ଗାନକରି ସ୍ୱାଗତ ଜଣାଇଥିଲେ । କବି ସୈରିନ୍ଧ୍ରୀ ସାହୁ ଡ. ରାଧାରଂଜନ ପଟ୍ଟନାୟକ, ଆଡ଼ଭୋକେଟ ବିଜୟ କୁମାର ପାଣିଗ୍ରାହୀ, ଇନାୟତ ଅଲ୍ଲୀ, ସୁଧାକର ସେଠୀ, ବିଧାନଚନ୍ଦ୍ର ରାୟ, ରବୀନ୍ଦ୍ର ବିଶ୍ୱାଳ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ, ସତ୍ୟଜିତ୍ ମିଶ୍ର, ଧ୍ୱନିପ୍ରତିଧ୍ୱନିର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ମଧୁସୂଦନ ମିଶ୍ର, କଣ୍ଠଶିଳ୍ପୀ ସୁଜିତ୍ ଭୋଇ, ବିଧାନଚନ୍ଦ୍ର ରାୟ ପ୍ରମୁଖ ସ୍ୱରଚିତ କବିତା, ବସନ୍ତର ଆଗମନ ଓ ପ୍ରେମ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଶେଷରେ ଚିତ୍ତରଞ୍ଜନ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଶିକ୍ଷା ବିଭାଗର ବିଭିନ୍ନ ବରିଷ୍ଠ ଅଧିକାରୀଙ୍କ ସହ କେନ୍ଦ୍ରମନ୍ତ୍ରୀଙ୍କ ବୈଠକ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୭/୦୩ (ନି.ପ୍ର): ନୂଆଦିଲ୍ଲୀ ଠାରେ କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗୁରୁବାର ଶିକ୍ଷା ମନ୍ତ୍ରଣାଳୟ, ୟୁଜିସି, ଏଆଇସିଟିଇ, ଆଇଆଇଟି ଦିଲ୍ଲୀ ଏବଂ ଆଇଆଇଟି ମାଡ୍ରାସ ଭଳି ଶିକ୍ଷାନୁଷ୍ଠାନର ବରିଷ୍ଠ ଅଧିକାରୀଙ୍କ ସହ ପ୍ରସ୍ତାବିତ 'ଡ଼ିଜିଟାଲ ବିଶ୍ୱବିଦ୍ୟାଳୟ'ର ରୂପରେଖ ଉପରେ ଆଲୋଚନା କରିଛନ୍ତି । ଏ ସମ୍ପର୍କୀତ ଅନୁଷ୍ଠିତ ହୋଇଯାଇଥିବା ବୈଠକରେ ଡ଼ିଜିଟାଲ ୟୁନିଭରସିଟି ପାଇଁ ରୋଡମ୍ୟାପ ଏବଂ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଥିବା ବିଭିନ୍ନ ଯୋଜନା ଗୁଡ଼ିକ ଉପରେ କେନ୍ଦ୍ରମନ୍ତ୍ରୀ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ଚଳିତ ଆର୍ଥିକ ବର୍ଷ ୨୦୨୨-୨୩ କେନ୍ଦ୍ରୀୟ ବଜେଟରେ ଡିଜିଟାଲ ୟୁନିଭରସିଟି ଗଠନ ପାଇଁ ଘୋଷଣା ହୋଇଥିଲା । ଏହି ପଦକ୍ଷେପ ଉଚ୍ଚ ଶିକ୍ଷା କ୍ଷେତ୍ରରେ ନୂଆ ପରିବର୍ତନ ଆଣିବା ସହ ସୁଲଭ, ସମାନତା, ଉପଲବ୍ଧି, ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ନିଯୁକ୍ତି ଭିତିକ ଶିକ୍ଷା ଉପରେ ଫୋକସ କରିବ । ଶିକ୍ଷା ମନ୍ତ୍ରଣାଳୟ ଓ ବିଭିନ୍ନ ଷ୍ଟେକହୋଲଡର ଡ଼ିଜଟାଲ ୟୁନିଭରସିଟି ଗଠନ କରିବା ଦିଗରେ କାର୍ଯ୍ୟ କରୁଛନ୍ତି । ଏହାକୁ ତ୍ୱରାନ୍ୱିତ କରିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଶେଷ ଗୁରୁତ୍ୱ ଦେଉଛନ୍ତି । ଦେଶବ୍ୟାପୀ ଛାତ୍ରଛାତ୍ରୀଙ୍କୁ ବୈଶ୍ୱିକ ସ୍ତରର ଶିକ୍ଷା ପ୍ରଦାନ କରିବା ପାଇଁ ଏଭଳି ଅଭିନବ ପଦକ୍ଷେପ ନିଆଯାଇଛି ।

## ଏପ୍ରିଲ୍ ୨୮ରୁ ଯୁକ୍ତ ୨ ପରୀକ୍ଷା



ଭୁବନେଶ୍ୱର, ୧୭/୦୩ (ନି.ପ୍ର): ଆସନ୍ତା ଏପ୍ରିଲ୍ ୨୮ ତାରିଖରୁ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଯୁକ୍ତ ଦୁଇ ଦ୍ୱାଦଶ ପରୀକ୍ଷା ହେବ । ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି । ରାଜ୍ୟରେ ଏଥର ମୋଟ୍ ୩ ଲକ୍ଷ ୨୦ ହଜାର ଛାତ୍ରଛାତ୍ରୀ ପରୀକ୍ଷା ଦେବେ ବୋଲି ଜଣାଯାଇଛି । ଏଥର ଅଫଲାଇନ୍ ମୋଡରେ ପରୀକ୍ଷା ହେବ । ତେବେ ଖରାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦିନ । ସକାଳ ୯ଟାରୁ ଗୋଟିଏ ସିଟିଂରେ ପରୀକ୍ଷା କରାଯିବ । କରୋନା କାରଣରୁ କିଛିଟା କୋହଳ କରାଯାଇଛି ପରୀକ୍ଷା ବ୍ୟବସ୍ଥାରେ । ତାହା ଅନୁଯାୟୀ ନିଜ ଶିକ୍ଷକମାନଙ୍କ ଦ୍ୱାରା ସମସ୍ତ ପ୍ରାକ୍ଟିକାଲ ପରୀକ୍ଷା କରାଯିବ । ବାର୍ଷିକ ପରୀକ୍ଷାର ୮୦ ପ୍ରତିଶତ ଓ କ୍ୱାର୍ଟର ଏଣ୍ଡରେ ▶▶ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କପିଲ ଶର୍ମା



ଭୁବନେଶ୍ୱର, ୧୭/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି ପ୍ରସିଦ୍ଧ ହାସ୍ୟ ଅଭିନେତା କପିଲ ଶର୍ମା । ଗୁରୁବାର ଅପରାହ୍ନରେ କପିଲ ଶର୍ମା ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ । ଏହି ଅବସରରେ ଅଭିନେତ୍ରୀ ନନ୍ଦିତା ଦାସ ଓ ମୁଖ୍ୟମନ୍ତ୍ରୀଙ୍କ ୫ ଟି ସଚିବ ଭି.କେ ପାଣ୍ଡିଆନ ମଧ୍ୟ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଯେ ଏକ ଫିଲ୍ମର ସୁଟିଂ ପାଇଁ କପିଲ ଶର୍ମା ଓଡିଶା ଆସିଛନ୍ତି । ଗତ କିଛି ଦିନ ହେବ ଭୁବନେଶ୍ୱରର ଗଳିକନ୍ଦିରେ ବୁଲୁଥିବାର ତାଙ୍କୁ ଦେଖିବାକୁ ମିଳୁଛି । ଭୁବନେଶ୍ୱର ରାସ୍ତାରେ ବୁଲେଟ୍ ଧରି ବୁଲୁଥିବାରର ଏକ ଭିଡିଓ କପିଲ ତାଙ୍କ ଇନଷ୍ଟାଗ୍ରାମ୍ ଆକାଉଂଟରେ ସେୟାର କରିଛନ୍ତି ।

## ମତଦାନ ପାଇଁ ସରକାରୀ କର୍ମଚାରୀଙ୍କୁ ମିଳିବ ଛୁଟି

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ପୌର ନିର୍ବାଚନରେ ମତଦାନ ପାଇଁ ସରକାରୀ କର୍ମଚାରୀଙ୍କୁ ଛୁଟି ମିଳିବ । ଏସମ୍ପର୍କରେ ସବୁ ବିଭାଗ ମୁଖ୍ୟ ଓ ଜିଲ୍ଲାପାଳଙ୍କୁ ରାଜ୍ୟ ରାଜସ୍ୱ ବିଭାଗ ଚିଠି ଲେଖି ଅବଗତ କରିଛି । ସର୍ବାଧିକ ୩ ଦିନର ସ୍ୱତନ୍ତ୍ର ସବୈତନିକ ଛୁଟି ନେଇପାରିବେ କର୍ମଚାରୀ । ୨୦୨୨ର ଛୁଟି ତାଲିକା ବାହାରେ ଅତିରିକ୍ତ ଭାବେ ଛୁଟି ମିଳିବ । ସେହିପରି ପୌରାଂଚଳରେ ଥିବା ସରକାରୀ କର୍ମର୍ଚାରୀଙ୍କୁ ମତଦାନ ପାଇଁ ମାର୍ଚ୍ଚ ୨୪ରେ ଛୁଟି ମିଳିବ । ୩ ମହାନଗର ଓ ୧୦୬ ପୌରାଂଚଳ ପାଇଁ ଏହା ଲାଗୁ ହେବ । ସରକାରୀ ଅଫିସ ଓ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ କୋର୍ଟର କର୍ମଚାରୀଙ୍କୁ ମିଳିବ ଛୁଟି । ଟ୍ରେଜେରୀ ଓ ସବ୍ ଟ୍ରେଜେରୀ ପାଇଁ ନିର୍ଦ୍ଦେଶନାମା ଲାଗୁ ହେବନାହିଁ । ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗ ପକ୍ଷରୁ ଆଜି ଜାରି ବିଜ୍ଞପ୍ତି ଅନୁସାରେ ମାର୍ଚ୍ଚ ୨୪ତାରିଖରେ ପୌର ନିର୍ବାଚନ ପାଇଁ ଭୋଟ ଗ୍ରହଣ ହେବାକୁ ଥିବାରୁ ୩ଟି ମହାନଗର ନିଗମ ଓ ୧୦୬ଟି ପୌର ପରିଷଦ ଓ ଏନଏଏସି ଅଂଚଳର ସମସ୍ତ ସରକାରୀ ଅଫିସ୍ ଛୁଟି ରହିବ । ତେବେ ଭୋଟଗ୍ରହଣ ଦିନ ସରକାରୀ ଟ୍ରେଜେରୀ ଓ ସବଟ୍ରେଜେରୀ ଖୋଲା ରହିବ । ସେହିପରି ୨୪ ତାରିଖରେ ନିଜର ମତାଧିକାର ସାବ୍ୟସ୍ତ କରିବାକୁ ଚାହୁଁଥିବା ସରକାରୀ କର୍ମଚାରୀମାନେ ▶▶ପୃଷ୍ଠା ୭




## ନିର୍ବାଚନ ପ୍ରଚାରରେ କାର୍ତ୍ତିକ



ବାସୁଦେବପୁର,୧୭/୦୩ (ନି.ପ୍ର): ବାସୁଦେବପୁର ପୌରପାଳିକା ର ୧୮ ନମ୍ବର ୱାର୍ଡ ର କାଉନସିଲର କାର୍ତ୍ତିକ ଚନ୍ଦ୍ର ଖିଲାର ଭାରତୀୟ ଜାତୀୟ କଂଗ୍ରେସ ରେ ପ୍ରାର୍ଥୀ ଭାବେ ଛିଡା ହୋଇଛନ୍ତି ଓ ନିର୍ବାଚନ ପ୍ରଚାର ଚଳାଇଛନ୍ତି । ଆଗାମୀ ଦିନରେ କାର୍ତ୍ତିକ ବିଜୟ ଲାଭ କଲେ ବିଭିନ୍ନ ପ୍ରକାର ଉନ୍ନତି କରିବେ ବୋଲି ଲକ୍ଷ୍ୟ ରଖିଛନ୍ତି । ଭୋଟର ଭାଇ ଭଉଣୀ ଙ୍କ ଆଶୀର୍ବାଦ ରୁ କାର୍ତ୍ତିକ ବିଜୟ କରିବେ ବୋଲି ମନରେ ଦୃଢ଼ ଆଶା ବାନ୍ଧିଛନ୍ତି ।

# ବଲାଙ୍ଗିର ରେଳ ସମସ୍ୟାକୁ ନେଇ ପୂର୍ବତଟ ରେଳ ମହାପ୍ରବନ୍ଧକଙ୍କ ସହ ନରସିଂହଙ୍କ ଆଲୋଚନା

ବଲାଙ୍ଗିର,୧୭/୦୩ (ନି.ପ୍ର): ଆଜି ବଲାଙ୍ଗିର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଅର୍ଚ୍ଚନା ଯୋଷୀଙ୍କ ବଲାଙ୍ଗିର ଗସ୍ତ ସମୟରେ ସ୍ଥାନୀୟ ରେଳ ଷ୍ଟେସନର ଅତିଥି ଶାଳାରେ ଉଭୟେ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ବିଶେଷ କରି ବଲାଙ୍ଗିରର ଜନସାଧାରଣ ସମ୍ମୁଖୀନ ହେଉଥିବା ବିଭିନ୍ନ ରେଳଯାତ୍ରାଜନିତ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ଏହି ଆଲୋଚନା ସମୟରେ ମହାପ୍ରବନ୍ଧକ ଅର୍ଚ୍ଚନା ଯୋଷୀଙ୍କୁ ବିଧାୟକ ଶ୍ରୀ ମିଶ୍ର ବଲାଙ୍ଗିର ଜିଲ୍ଲାବାସୀଙ୍କ ବହୁ ଦିନର ଦାବୀ କଂଟାବାଞ୍ଜି ଠାରେ ଏକ ରେଳ ୱେଗନ କାରଖାନା ପାଇଁ ପୁନଃ ଦାବୀ ଉପସ୍ଥାପନ କରିଥିଲେ । ଯେହେତୁ ବଲାଙ୍ଗିର ଏକ ଦାଦନ ପ୍ରବଣ ଜିଲ୍ଲା । ଏହି ସମସ୍ୟା ଦୂର କରିବାକୁ କଣ୍ଟାବାଞ୍ଜି ଠାରେ ଉପଲବ୍ଧ ଥିବା ୭୦୦ ଏକର ଜମିରେ ରେଳ ସମ୍ବନ୍ଧୀୟ କୌଣସି ଏକ ଶିଳ୍ପ ପ୍ରତିଷ୍ଠା ହୋଇପାରିଲେ ଦାଦନ ସମସ୍ୟାର ଏକ ସ୍ଥାୟୀ ସମାଧାନର ବାଟ ଫିଟିବ ବୋଲି ଶ୍ରୀ ମିଶ୍ର କହିଥିଲେ । ମହାପ୍ରବନ୍ଧକ ଏହାକୁ ନେଇ ସକାରାତ୍ମକ ଭାବରେ ଚିନ୍ତା କରିବେ ବୋଲି କହିଥିଲେ । ଅନ୍ୟ ଦାବୀଗୁଡିକ ମଧ୍ୟରେ ବଲାଙ୍ଗିର ରେଳ ଷ୍ଟେସନରେ ଏକ ଉଚ୍ଚ ମାନର ପ୍ରତିକ୍ଷାଳୟ, ଦେଓଗାଁ ରେଳ ଷ୍ଟେସନର ଉନ୍ନତିକରଣ ସହିତ ଜାତୀୟ ରାଜପଥରୁ ଷ୍ଟେସନ ପର୍ଯ୍ୟନ୍ତ ପଥ ର ଉନ୍ନତିକରଣ, ଟିଟିଲାଗଡରୁ ବଲାଙ୍ଗିର ଦେଇ ଦିଲ୍ଲୀ ପର୍ଯ୍ୟନ୍ତ ଏକ ସୁପରଫାଷ୍ଟ ଏକ୍ସପ୍ରେସ ଗଡିବା, ରେଲୱେ କଲୋନୀ ସ୍ଥିତ ଖେଳପଡିଆର ଉନ୍ନତିକରଣ ସହ ଏଠାରେ ବେଡମିଣ୍ଟନ ଓ ଟେବୁଲ ଟେନିସ ଇନଡ୍ଡୋର ସ୍ଥାପନ କରିବା , ଦୃତଗାମୀ ରେଳ ଯଥା ଦୁର୍ଗ-ପୁରୀ ଓ ସିରିଡି- ସାଇନାଥ ରେଳରେ ବଲାଙ୍ଗିର କୋଟା ଭାବରେ ସିଟ ସଂରକ୍ଷଣ ରଖିବାକୁ ନେଇ ଆଲୋଚନା ହୋଇଥିଲା । ତାଛଡା ସମ୍ବଲପୁରରୁ ପୁରୀ ଯାଉଥିବା ଏକ୍ସପ୍ରେସ ରେଳକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରଣ କରିବା ପାଇଁ ବିଧାୟକ ଶ୍ରୀ ମିଶ୍ର ଦାବୀ ଜଣାଇଥିଲେ । ଯେହେତୁ ଏହି ଦାବୀର ଯର୍ଥାଥତା ରହିବା ସହ ଏହା ବଲାଙ୍ଗିରବାସୀଙ୍କ ବହୁ ଦିନର ଦାବୀ, ଆଜି ନହେଲେ ଆସନ୍ତା ଦିନରେ ଜନତାଙ୍କ ଏହି ଦାବୀ ପୁରଣ କରିବାକୁ ହେବ । ତେଣୁ ଏହି ଦାବୀଗୁଡିକ ଉପରେ ଆଜିଠାରୁ ହିଁ କାମ ଆରମ୍ଭ କରିବା ଆବଶ୍ୟକ ବୋଲି ମହାପ୍ରବନ୍ଧକ ଉପସ୍ଥିତ ଅଧିକାରୀଙ୍କୁ କହିଥିଲେ । ତାସହ ଅବଶ୍ୟକ ରେଳଡବା ରକ୍ଷାଣାବେକ୍ଷଣ ପାଇଁ ଏଠି ଶିଘ୍ର ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଏହି ଆଲୋଚନା ସମୟରେ କଦମପଡା ସ୍ଥିତ ରେଳ ଭୂତଳ ପଥ ନିମ୍ନମାନର ହୋଇଥିବାରୁ ସେଠାରେ ସବୁବେଳେ ପାଣି ଜମି ରହୁଛି । ଏଠାରେ ଥିବା ତୃଟିର ସମାଧାନ ଯଥା ଶିଘ୍ର କରା ନଗଲେ ସ୍ଥାନୀୟ ଲୋକେ କୌଣସି ସମୟରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରି ପାରନ୍ତି ବୋଲି ଶ୍ରୀ ମିଶ୍ର ଅଧିକାରୀମାନଙ୍କୁ ଚେତାଇ ଦେଇଥିଲେ । ତେବେ ମହାପ୍ରବନ୍ଧକ ଏହି ସମସ୍ୟାର ତୁରନ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

# ଗ୍ରାମୀଣ ଡାକ ସେବକ ସଂଘର ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଧାରଣା

ଜୟପୁର ,୧୭/୦୩ (ନି.ପ୍ର): ସର୍ବଭାରତୀୟ ଗ୍ରାମୀଣ ଡାକ ସେବକ ସଂଘର ଆହ୍ୱାନ କ୍ରମେ ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଜିଡିଏସ୍ କର୍ମୀ ମାନେ ଦିନିକିଆ ଧାରଣା ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନଙ୍କ ର ମୁଖ୍ୟ ଦାବି ଗୁଡିକ ମଧ୍ୟରେ ରହିଛି ମୋଦୀ ସରକାର ଆଣିଥିବା ନୂତନ ଶ୍ରମ କୋଡ୍ କୁ ରଦ୍ଦ କରିବା,ଜିଡିଏସ୍ କର୍ମୀ ମାନଙ୍କୁ ୧୯୭୨ ପେନସନ ସ୍କିମ୍ ରେ ଅନ୍ତର୍ଭୁକ୍ତ କରିବା, ପୋଷ୍ଟାଲ ବିଭାଗ ସମେତ ସମସ୍ତ ସରକାରୀ ଅନୁଷ୍ଠାନର ଘରୋଇକରଣ ବନ୍ଦ କରିବା, ଜିଡିଏସ୍ କର୍ମୀ ମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବା, ଯେଉଁ ମାନଙ୍କ ର ଚାକିରି କାଳ ୧୨,୨୪,୩୬ ବର୍ଷ ଭର୍ତି ହୋଇଛି ସେମାନଙ୍କୁ ଆର୍ଥିକ ପଦୋନ୍ନତି ଦେବା ଏବଂ ସର୍ବୋପରି ଜିଡିଏସ୍ କର୍ମୀ ମାନଙ୍କୁ ପୋଷ୍ଟାଲ ଇଧସୁରାନ୍ସ ସ୍କିମ ' ସୁକନ୍ୟା ସମୃଦ୍ଧି' ଯୋଜନା ରେ ଗାଁ ର ଲୋକ ମାନଙ୍କୁ ପଲିସି କରେଇବା ପାଇଁ ଅତ୍ୟଧିକ ସଂଖ୍ୟା ରେ ଟାର୍ଗେଟ ଦେବା ଓ ପୁରଣ ନହେଲେ ଦରମା ବନ୍ଦ କରିବା ଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବନ୍ଦ କରିବା ପାଇଁ ଦାବି ହୋଇଛି । ଏ ସମସ୍ତ ଦାବୀ ନେଇ ଆଜି ଦିନ ତମାମ ଧାରଣା ପରେ ଏକ ସ୍ମାରକ ପତ୍ର ମୁଖ୍ୟ ଡାକ ଅଧିକାରୀ ଙ୍କ ଜରିଆରେ ପ୍ରେରଣ କରାଯାଇଛି । ଆଜିର ଧାରଣା ରେ ଗ୍ରାମୀଣ ଡାକ ସେବକ ସଂଘର ସର୍ବଭାରତୀୟ କାର୍ଯ୍ୟକାରୀ ସଭାପତି ଜୟପୁର ର ଶ୍ରୀ ରାଜେନ୍ଦ୍ର ପ୍ରସାଦ ସାହୁ ଙ୍କ ନେତୃତ୍ୱ ରେ ସର୍ବଶ୍ରୀ ଦେବରାଜ ଦାସ, ଶିଶିର ଗନ୍ତାୟତ, ବସନ୍ତ ମହାନ୍ତି,ମଳୟ ବେହେରା, ନରସିଂହ ବିଷୋୟୀ, ଜଗଦୀଶ କର, ଅଭି ଦୋରା ପ୍ରମୁଖ ନେତୃତ୍ୱ ନେଇଥିବା ବେଳେ ସିଟି କୋଅର୍ଡିନେସନ୍ କମିଟି ର ସାଧାରଣ ସମ୍ପାଦକ ଶ୍ରୀ ପ୍ରମୋଦ କୁମାର ମହାନ୍ତି ଓ କମ୍ୟୁନିଷ୍ଟ ପାର୍ଟିର ଯୁବ ଛାତ୍ର ଆବାହକ ଶ୍ରୀ ସତ୍ୟବ୍ରତ ନନ୍ଦ ଆନ୍ଦୋଳନ ରେ ଯୋଗଦାନ କରି ସମର୍ଥନ କରିବା ସହ ଆଗାମୀ ମାର୍ଚ୍ଚ ୨୮,୨୯ ସର୍ବଭାରତୀୟ ଆନ୍ଦୋଳନ କୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ ।

## ବରଣ୍ଡୁଆ ସରପଂଚ ଗୋବିନ୍ଦ ମଳିକଙ୍କୁ ସମ୍ବର୍ଦ୍ଧନା



ବାସୁଦେବପୁର,୧୭/୦୩ (ନି.ପ୍ର): ୧୭ ୩ ୨୦୨୨ ବରଣ୍ଡୁଆ ଗ୍ରାମ ପଂଚାୟତ ର ନବ ନିର୍ବାଚିତ ସରପଂଚ ଗୋବିନ୍ଦ ଚନ୍ଦ୍ର ମଲିକ ଙ୍କୁ ବହୁ ଗ୍ରାମବାସୀ ଓ ଜନ ସାଧାରଣ ସ୍ୱାଗତ ସମ୍ବର୍ଦ୍ଧନା ଓ ଅଭିନନ୍ଦନ ଜଣାଇଛନ୍ତି । ଗୋବିନ୍ଦ ନୂଆ ସରପଂଚ ଭାବେ ଶପଥ ଗ୍ରହଣ କରିଛନ୍ତି ଓ ଆଗାମୀ ଦିନରେ ବରଣ୍ଡୁଆ ପଂଚାୟତରେ ଥିବା ବିଭିନ୍ନ ସମସ୍ୟା କୁ ସମାଧାନ କରିବା ସହିତ ଦୁଖୀ ଗରିବ ଙ୍କ କଥା ବୁଝିବେ ବୋଲି ମତ ପ୍ରକାଶ କରିଛନ୍ତି । ଏହି ପଞ୍ଚାୟତ ର କଂଗ୍ରେସ ଓ ବିଜେପି ସମର୍ଥିତ ସରପଂଚ ଗୋବିନ୍ଦ ଭଗବାନ ଙ୍କ କୃପାରୁ ସମସ୍ତ ଙ୍କ ଆଶୀର୍ବାଦ ନେଇ କାର୍ଯ୍ୟ କରିବେ ବୋଲି ସ୍ଥିର କରିଛନ୍ତି ।

# ଖଜୁରିପଡା ଆମ୍ବେଦକର ମହାବିଦ୍ୟାଳୟରେ କ୍ୟାରିୟର କାଉନସିଲ ବୈଠକ

କନ୍ଧମାଳ,୧୭/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡା ସ୍ଥିତ ଆମ୍ବେଦକର ମହାବିଦ୍ୟାଳୟ ଠାରେ ଆଜି କ୍ୟାରିୟର କାଉନସିଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟ ଅତିଥି ଭାବେ ନବ ନିର୍ବାଚିତ ପଂଚାୟତ ସମିତି ଅଧ୍ୟକ୍ଷା ସୁଶ୍ରୀ ଅନିମାଁ କହଁର ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟା ଶ୍ରୀମତୀ ଉର୍ବଶୀ ଦିଗାଲ ଖଜୁରୀପଡା ସରପଂଚ ଶ୍ରୀମତୀ ମନୋରଞ୍ଜନୀ ଯାନୀ ପ୍ରମୁଖ ଯୋଗଦାନ କରିଥିଲେ। କ୍ୟାରିୟର କାଉନସିଲ ବୈଠକର ମୁଖ୍ଯ ଭାବେ ନୂଆଦିଲ୍ଲୀ ଭାରତୀୟ ଷ୍ଟେଟ ବ୍ୟାଙ୍କ ଡିଡିଏମ ଏବଂ ଫିରିଙ୍ଗିଆ ମହାବିଦ୍ୟାଳୟ ଇଂରାଜୀ ଅଧାପକ ନିର୍ମଳ କୁମାର ମହାନ୍ତି ପ୍ରମୁଖ ଯୋଗଦାନ କରି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ କ୍ୟାରିୟର କାଉନସିଲ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଶିକ୍ଷା ଗ୍ରହଣ କରିବା ସହ ଭବିଷ୍ୟତ ରେ କିଭଳି ଜଣେ ଛାତ୍ରଛାତ୍ରୀ ନିଜକୁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ କରିପାରିବେ ସେନେଇ ଆଲୋଚନା କରିଥିଲେ। ଆମ୍ବେଦକର ମହାବିଦ୍ୟାଳୟ ଅଧ୍ୟକ୍ଷ ଡା .ପ୍ରଶାନ୍ତ କୁମାର କର ଙ୍କ ସମେତ ଅଧାପକ ବାସୁଦେବ ସାହୁ ସମୀର କୁମାର ବେହେରା ପମୋଦ କୁମାର ନାୟକ ପିଇଟି ଶ୍ରୀପଦ କୁମାର ନାୟକ ରଶ୍ମି ରଂଜନ ଲେଙ୍କା ରଂଜନ କୁମାର ବେହେରା ରାମକୃଷ୍ଣ ପଣ୍ଡାଙ୍କ ସହ ବୈବ ବେହେରା ପ୍ରଫୁଲ ବେହେରା ସଂଜୟ କୁମାର ଦେହୁରୀ ସୀତା ପ୍ରଧାନ ପଦ୍ମାବତୀ ଦିଗାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଜୁନିୟର ରେଡ଼କ୍ରସ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର ,୧୭/୦୩ (ନି.ପ୍ର): ଭାରତୀୟ ରେଡ଼ କ୍ରସ ସୋସାଇଟି ଓଡିଶା ରାଜ୍ୟ ଶାଖା ଓ ଜିଲ୍ଲା ଜୁନିୟର ରେଡ଼କ୍ରସ ସୋସାଇଟି କୋରାପୁଟର ମିଳିତ ଆନୁକୂଲ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ କୋରାପୁଟ ପରିସରରେ ଜିଲ୍ଲାର ୧୪ଟି ବ୍ଲକରୁ ୩୦ ଜଣ ଜୁନିୟର ରେଡ଼କ୍ରସ ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇ ଯାଇଛି। କୋରାପୁଟ ଜିଲ୍ଲା ଶିକ୍ଷା ଅଧିକାରୀ ମାନନୀୟ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆଂଚଳିକ ପରିବହନ ଅଧିକାରୀ ଶ୍ରୀଯୁକ୍ତ ତପନ କୁମାର ବେଟି ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ବିଜୟ କୁମାର ସାହୁ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ଉପଦେଷ୍ଟା ଶ୍ରୀଯୁକ୍ତ ଅସୀମ କୁମାର ମହାପାତ୍ର, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ବିଭାଗର ବିଭାଗୀୟ ଅଧିକାରୀ ଶ୍ରୀଯୁକ୍ତ ପ୍ରକାଶ କୁମାର ସାମଲ,ଶାରୀରିକ ଶିକ୍ଷା ପରିଦର୍ଶକ ଭୀମ ବେହେରା, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଯୋଗଦାନ କରି ପ୍ରଶିକ୍ଷାର୍ଥୀମାନଙ୍କୁ ରେଡ଼କ୍ରସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ରେଡ଼କ୍ରସର ମୂଳନୀତି ,ହେନେରୀ ଡୁନାଂଟଙ୍କ ଜୀବନୀ,ରେଡ଼କ୍ରସର ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନେ ନିଜ ନିଜର ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ଜୁନିୟର ରେଡ଼କ୍ରସ କମିଟି ଗଠନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଏଥିରେ ସାମିଲ କରି ସେମାନଙ୍କୁ ବିଭିନ୍ନ ସେବା ମୂଳକ କାର୍ଯ୍ୟରେ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ।କାର୍ଯ୍ୟକ୍ରମର ପ୍ରାରମ୍ଭରେ ସାଧନକର୍ମୀ ହରେକୃଷ୍ଣ ମହାରଣା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ସାଧନକର୍ମୀ ଜ୍ୟୋତିରଞ୍ଜନ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସାଧନକର୍ମୀ ସାହେଦା ପରବିନ ଶିବିରର ଅନୁଭୂତି ପ୍ରଦାନ କରିଥିଲେ।ଶିବିରାର୍ଥୀ ମାନଙ୍କ ମଧ୍ୟରୁ ଶିବିରର ଅନୁଭୂତି ବର୍ଣ୍ଣନା କରିଥିଲେ।ଏହି ଅବସରରେ ଶ୍ରେଷ୍ଠ ପରାମର୍ଶଦତା ଭାବେ ରାଜେନ୍ଦ୍ର ସେଠୀ ଓ ବାଳକୃଷ୍ଣ ଷଡ଼ଙ୍ଗୀଙ୍କୁ ଶିବିର ରନ୍ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଶିବିରାର୍ଥୀମାନଙ୍କ ଦ୍ୱାରା ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା ଓ ୨୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା।ରକ୍ତଦାନ କାର୍ଯ୍ୟକ୍ରମକୁ ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡ.ଫକୀର ଚରଣ ମୁଣ୍ଡା,ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ,ଶାରୀରିକ ଶିକ୍ଷା ପରିଦର୍ଶକ ଭୀମ ବେହେରା, ରେଡ଼କ୍ରସର ଆଜୀବନ ସଦସ୍ୟ ଶେଖ ଇବ୍ରାହିମ,ସାହେଦା ପରବିନ ପରିଚାଳନା କରିଥିବାବେଳେ ପ୍ରମୋଦ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।
ତିନି ଦିନ ଧରି ଜାରି ରହିଥିବା ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିଶିର କୁମାର ପାତ୍ର,ରେଡ଼କ୍ରସ ପରାମର୍ଶଦାତ୍ରୀ ରଶ୍ମିତା ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏବଂ କର୍ମକର୍ତାବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ବୃତ୍ତି ପରାମର୍ଶ

କେନ୍ଦ୍ରାପଡ଼ା,୧୭/୦୩ (ନି.ପ୍ର): କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ନେହେରୁ ଯୁବକେନ୍ଦ୍ର ମିଳିତ ଆନୁକୂଲ୍ୟରେ ଏକ ବୃତି ପରାମର୍ଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର କାର୍ଯ୍ୟକ୍ରମ ଅଧିକାରିଣୀ ଡ଼ଃ ପଦ୍ମଜା କବି ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସଭାରେ ନେହେରୁ ଯୁବ କେନ୍ଦ୍ରର ୟୁଥ୍ ଅଫିସର ଗୋଲି ତିରୁପତି ରେଡି ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ଭବିଷ୍ୟତରେ କିପରି ବିଭିନ୍ନ ଦିଗରେ କାର୍ଯ୍ୟପନ୍ଥା କରି ପାରିବେ ସେ ସଂପର୍କରେ ପରାମର୍ଶ ଦେଇଥିଲେ ।

## କୁତରଙ୍ଗ ସ୍କୁଲ ଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,୧୭/୦୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅଧିନ କୁତରଙ୍ଗ ପଂଚାୟତର ହାଇସ୍କୁଲର ଶିକ୍ଷୟିତ୍ରୀ ସୁପ୍ରଭା ମହାନ୍ତିଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ଅଭିମନ୍ୟୁ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରୀମତୀ ସୁପ୍ରଭା ମହାନ୍ତିଙ୍କୁ ମାନପତ୍ର, ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି ସଭାରେ ସରପଂଚ ଚିର ରଞ୍ଜନ ଜେନା, ପ୍ରଧାନ ଶିକ୍ଷକ ବିଦ୍ୟାଧର ବେହେରା, ପରମାନନ୍ଦ ଥାଟୋଇ, ଗୌରାଙ୍ଗ ଚରଣ ସାହୁ, ପୂର୍ବତନ ସରପଂଚ ରାଜେନ୍ଦ୍ର ଥାଟୋଇ, ଅକ୍ଷୟ ଜେନା, ସୁଧାଂଶୁ ଜେନା, ରଞ୍ଜନ ଜେନାଙ୍କ ସମେତ ବହୁ ସଂଖ୍ୟକ ଅବିଭାବକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ସିନ୍ଧ୍ରିମାଳ ପଚାଂୟତ ସରପଂଚ ଦାୟିତ୍ୱ ଗ୍ରହଣ କଲେ ଘାସି ନାୟକ

ମାଲକାନଗିରି,୧୭/୦୩ (ନି.ପ୍ର): ମାଲକାନଗିରି ସଦର ବ୍ଲକ ର ସିନ୍ଧ୍ରିମାଳ ଗ୍ରାମ ପଚାଂୟତରେ ନବ ନିର୍ବାଚିତ ସରପଂଚ ଘାସି ନାୟକ ଆଜି ଶପଥ ପାଠ କରି ସିନ୍ଧ୍ରିମାଳ ଗ୍ରାମପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅଶୋକ ମହାନ୍ତିଙ୍କ ଉପସ୍ଥିତିରେ ସିନ୍ଧ୍ରିମାଳ ଗ୍ରାମପଚାଂୟତ ଦାୟିତ୍ୱ ଗ୍ରହଣ କରିଛନ୍ତି । ଘାସି ନାୟକ ପୂର୍ବରୁ ୨୦୦୨ ରୁ ୨୦୦୭ ଓ ୨୦୧୨ରୁ ୨୦୧୭ ରେ ଦୁଇ ଥର ସିନ୍ଧ୍ରିମାଳ ସରପଂଚ ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ସେ ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିବା ବେଳେ ପୁନର୍ବାର ଏକ ପରିବର୍ତନର ସ୍ୱର ନେଇ ମାଲକାନଗିରି ବିଜୁ ଜନତା ଦଳରେ ସାମିଲ ହୋଇ ବିଜେଡି ସମର୍ଥିତ ସରପଂଚ ପାର୍ଥି ଭାବେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଓ ପୂର୍ବତନ ବିଧାୟକ ମାନସ ମାଡ଼କାମୀଙ୍କ ନିର୍ଦ୍ଦେଶରେ ଲୋକଙ୍କ ପାଖରେ ପହଂଚି ଲୋକଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇ ୪ ଜଣ ସରପଂଚ ପ୍ରାର୍ଥୀଙ୍କୁ ପରାସ୍ତ କରି ମୋଟ ୨୦୮ ଖଣ୍ଡ ଭୋଟ ରେ ଆଗୁଆ ରହି ବାଜି ମାରିଛନ୍ତି । ସରକାରଙ୍କ ପ୍ରତ୍ୟେକ ଜନହିତକର କାର୍ଯ୍ୟ ଗୁଡିକୁ ମୁଁ ମୋର ଅଧୀନରେ ଥିବା ପ୍ରତ୍ୟେକଟି ଗ୍ରାମରେ କିଭଳି ପହଂଚାଇବି ତା ଉପରେ ଅଧିକ ନଜର ରଖିବି ବୋଲି ମତ ପ୍ରକାଶ କରିଛନ୍ତି ସରପଂଚ ଘାସି ନାୟକ ।

## ବାଲିଗୁଡାରେ ବିଜେଡି ଓ ଅନ୍ୟ ପ୍ରାର୍ଥିଙ୍କ ନିର୍ବାଚନ ପ୍ରଚାର

କନ୍ଧମାଳ ,୧୭/୦୩ (ନି.ପ୍ର): ବୁଧବାର ବାଲିଗୁଡ଼ା ସହରର କେତକ ୱାର୍ଡ ରେ ସାଂସଦ ଡ଼ଃ. ଅଚ୍ୟୁତ ସାନମନ୍ତ ଓ ମନ୍ତ୍ରୀ ପ୍ରତାପ ଜେନା ପ୍ରମୁଖ ବିଜେଡି ଅଧକ୍ଷ ପାର୍ଥୀ ଗୋବିନ୍ଦ ପ୍ରଧାନ ଓ କାଉନସିଲର ମାନଙ୍କ ପାଇଁ ଯୋରଦାର ପ୍ରଚାର କରିଥିଲେ। ପୌର ନିର୍ବାଚନ ପ୍ରଚାର ଅବସରରେ ବାଲିଗୁଡ଼ାର ବିଭିନ୍ନ ୱାର୍ଡରେ ବୈଠକ କରି ମନ୍ତ୍ରୀ ପ୍ରତାପ ଜେନାଓ ସାଂସଦ ଡଃ.ଅଚ୍ୟୁତ ସାମନ୍ତ ,ସହପ୍ରଭାରୀ କିଶୋର ମେହର, ଜିଲ୍ଲା ସଭାପତି ସରୋଜ କର୍ଣ୍ଣ,ବାଲିଗୁଡା ବିଧାୟକ ଚକ୍ରମଣି କହଁର, କ. ନୂଆଗାଁ ବ୍ଲକ ବିଜେଡ଼ି ସଭାପତି କୃଷ୍ଣ ଚନ୍ଦ୍ର ପାଣିଗ୍ରାହୀ ବ୍ଲକ ବିଜେଡି ସଭାପତି ଟୁନା ଦାସ, ପୂର୍ବତନ ପୌରଅଧକ୍ଷ ଲୋକନାଥ ପାଢୀ, ଜିଲ୍ଲାପରିଷଦ ଅଧକ୍ଷା ନନ୍ଦିନୀ ମଲିକ ପ୍ରମୁଖ ପ୍ରଚାର କରିବା ସହ କର୍ମୀ ମାନଙ୍କୁ ଏକଜୁଟ ହୋଇ ନିଷ୍ଠା ର ସହ ପାର୍ଥୀ ଙ୍କ ସହ ଭୋଟର ଙ୍କ ପାଖକୁ ଯାଇ ଦଳୀୟ ପ୍ରାର୍ଥୀଙ୍କୁ ଜିତା ଇବା ଲାଗି କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ ନିର୍ବାଚନ ପ୍ରଚାରରେ ଚେୟାରମେନ ପ୍ରାର୍ଥୀ ଗୋବିନ୍ଦ ପ୍ରଧାନ ଓ ୱାର୍ଡ ମେମ୍ବର ପ୍ରାର୍ଥୀ ଓପ୍ରାର୍ଥୀନୀଙ୍କ ପାଇଁ ନଗର ଉନ୍ନୟନ ମନ୍ତ୍ରୀ . ପ୍ରତାପ ଜେନା ଓ କନ୍ଧମାଳ ସାଂସଦ ଡ଼ଃ ଅଚ୍ୟୁତାନନ୍ଦ ସାମନ୍ତ ପ୍ରମୁଖ ଭୋଟ ଭିକ୍ଷା କରିଥିଲେ । ମନ୍ତ୍ରୀ ଓ ସାଂସଦଙ୍କ ଉପସ୍ଥିତି ପ୍ରଚାରକୁ ସରଗରମ କରିଥିଲା ।

# ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ପୀଠରେ ଚୈତ୍ର ପର୍ବ ସକାଶେ ପ୍ରସ୍ତୁତି ବୈଠକ

ଗଂଜାମ,୧୭/୦୩ (ନି.ପ୍ର): ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରାତାରିଣୀଙ୍କ ପୀଠରେ ଚଳିତ ମାସ ୨୨,୨୯ ଏବଂ ଆସନ୍ତା ଏପ୍ରିଲ ମାସ ୫ ଏବଂ ୧୨ ତାରିଖ ଦିନ ପାଳିତ ହେବାକୁ ଥିବା ଚୈତ୍ର ପର୍ବ ପାଳନ ସକାଶେ ପ୍ରସ୍ତୁତି ବୈଠକ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଜିଲ୍ଲାପାଳ ଉତ୍ସବ ପାଳନ ସକାଶେ ଅନୁମତି ଦେବା ସହ ଭକ୍ତଗଣ ବିନା ଦ୍ୱିଧାରେ କିଭଳି ମା ଙ୍କର ଦର୍ଶନ ଲାଭ କରିପାରିବେ ସେଥିସକାଶେ ସମସ୍ତ ପ୍ରକାର ଆୟୋଜନ କରିବାକୁ ଜଣାଇଥିଲେ । ଚଳିତ ବର୍ଷ ଅଧିକ ଜନ ଗହଳି ହେବା ସମ୍ଭାବନା ରହିଛି । ଏଣୁ ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ଭକ୍ତଗଣ ପାହାଚ ଚଢିବା ରାସ୍ତା, ରୋପ୍ ୱେ ରାସ୍ତା ଏବଂ ଘାଟି ରାସ୍ତାରେ ବସ୍ ଯୋଗେ ମନ୍ଦିର ନିକଟକୁ ଯାଇ ମା ଙ୍କର ଦର୍ଶନ କରିପାରିବେ । ଜିଲ୍ଲାରେ ସମ୍ପ୍ରତି କୋଭିଡ୍ ସଂକ୍ରମଣ ସଂଖ୍ୟା ଦୁଇ ଅଙ୍କରେ ରହୁଥିବା ହେତୁ ମାଙ୍କର ଦର୍ଶନ ସକାଶେ ସମସ୍ତେ ମାସ୍କ ବ୍ୟବହାର କରିବାକୁ କୁହାଯାଇଛି । ମନ୍ଦିର ମଧ୍ୟକୁ ବିନା ମାସ୍କରେ ପ୍ରବେଶ କରିବାକୁ ଦିଆଯିବ ନାହିଁ । ମନ୍ଦିର ନିକଟରେ କୌଣସି ପୂଜା ସାମଗ୍ରୀ ବିକ୍ରିବଟା ହେବ ନାହିଁ । ମନ୍ଦିରର ପାଦ ଦେଶ ବା ପାହାଡ ତଳେ ନିର୍ଦ୍ଧିରିତ ସ୍ଥଳରେ ପୂଜା ସାମଗ୍ରୀ ବିକ୍ରି କରିବାକୁ ଅନୁମତି ଦିଆଯିବ । ମନ୍ଦିର ପାଦଦେଶରେ ଏବଂ ମନ୍ଦିର ନିକଟରେ ସ୍ୱାସ୍ଥ୍ୟ ବିଭାଗ ଦଳ ଅସ୍ଥାୟୀ ଭାବେ ସେମାନଙ୍କର ସ୍ୱାସ୍ଥ୍ୟସେବା ଯୋଗାଇବେ । ଆଇନ୍ ଶୃଙ୍ଖଳା ପରିସ୍ଥିତି ସକାଶେ ପୋଲିସ୍ ଦଳ କାର ?୍ୟ ନିର୍ବାହ କରିବେ । ମନ୍ଦିର ଉପରକୁ କୌଣସି ଯାନବାହାନ ଯିବ ନାହିଁ । ଯାତ୍ରୀଗଣ ନିଜର ଯାନ ବାହାନ ପାର୍କିଂ ସ୍ଥଳରେ ରଖି ପାହାଡ ତଳେ ରଖାଯାଇଥିବା ବସ୍ ସେବା ଦ୍ୱାରା ଟିକେଟ କାଟି ମନ୍ଦିରକ ଉପରକୁ ଯାଇ ଦର୍ଶନ କରିବେ । ସେବାୟତଙ୍କ ଯାତାୟତ ସକାଶେ ସ୍ୱତନ୍ତ୍ର ବ୍ୟବସ୍ଥା ରହିବ । ବାହାରୁ ଆସୁଥିବା ଭିଭିଆଇପି. ଙ୍କ ଯାତାୟତ ଦିଗରେ ଉପଜିଲ୍ଲାପାଳ ଦାୟୀତ୍ୱ ନିର୍ବାହ କରିବେ । ଅସୁସ୍ଥ ଥିବା ବ୍ୟକ୍ତି, ବୟସ୍କ ବ୍ୟକ୍ତି କିମ୍ବା କୋଭିଡ୍ ଲକ୍ଷଣ ଥିବା ବ୍ୟକ୍ତିଙ୍କୁ ମନ୍ଦିର ନ ଆସିବାକୁ ପରାମର୍ଶ ଦିଆଯାଇଛି । ଯାତ୍ରୀ ମାନଙ୍କ ସୁବିଧା ପାଇଁ ସାଇନେଜ୍ ବୋର୍ଡ ଦ୍ୱାରା ବିଭିନ୍ନ ସ୍ଥାନର ସୂଚନା ଦିଆଯିବ। ପାହାଚ ରାସ୍ତା, ପାର୍କିଂସ୍ଥଳ ଏବଂ ରାସ୍ତାରେ ପାନୀୟଜଳର ବ୍ୟବସ୍ଥା ଓ ଆଲୋକୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ମନ୍ଦିର ପରିସରରେ ଜରିର ବ୍ୟବହାରକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି । ଭକ୍ତ ମାନଙ୍କର ସୁବିଧା ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ତରଫରୁ ମନ୍ଦିର ନିକଟରେ ଏବଂ ପାଦ ଦେଶରେ ଅସ୍ଥାୟୀ ଶୌଚାଳୟ ଯାନର ବ୍ୟବସ୍ଥା କରାଯିବ । ମନ୍ଦିର ତରଫରୁ କାନିକା ଖେଚୁଡି ପ୍ରସାଦ ବିକ୍ରି ହେବ । ଭକ୍ତଗଣ ତାହା କିଣି ନିଜ ସାଥିରେ ନେବେ । ମନ୍ଦିର ଉପରିସ୍ଥ ସ୍ଥାନରେ ଖାଇବା ସମ୍ପୂର୍ଣ୍ଣ ମନା କରାଯାଇଛି । ଅସ୍ଥାୟୀ ସିସି ଟିଭି ବ୍ୟବସ୍ଥା ହେବ । ଚଳିତ ବର୍ଷ ମାନସିକଧାରୀ ଭକ୍ତଗଣ ମୁଣ୍ଡନ କରିପାରିବେ । ଆଲୁଅ ବ୍ୟବସ୍ଥା, ମନ୍ଦିର ପରିସରରେ ଛାଇ ନିମନ୍ତେ ଛାଉଣୀ ବ୍ୟବସ୍ଥା, ସାଂସ୍କୃତିକ ଦଳ ମାନଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଓ ଲୋକକଳା ପ୍ରଦର୍ଶିତ ହେବ । ଚଳିତ ବର୍ଷ ର ଚୈତ୍ର ପର୍ବରେ ଭକ୍ତ ଓ ଦର୍ଶକଗଣ ମା ଙ୍କର ଦର୍ଶନ ଶାନ୍ତି ଶୃଙ୍ଖଳାର ସହିତ କରିପାରିବେ ସେଥି ସକାଶେ ଜିଲ୍ଲାପାଳ ଶ୍ରୀ କୁଲେଙ୍ଗେ ଆଶା ପ୍ରକଟ କରିଥିଲେ ।
ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସଚ୍ଚିଦାନନ୍ଦ ନାୟକ, ଛତ୍ରପୁର ଉପଜିଲ୍ଲାପାଳ ନୀଳମାଧବ ଭୋଇ, ପୁରୁଷୋତମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ବେହେରା, ତହସିଲଦାର ନୀତିଶ୍ ତ୍ରିପାଠୀ, ଏସ୍.ଡି.ପି.ଓ ସୂର୍ଯ୍ୟମଣୀ ପ୍ରଧାନ, ଆଇଆଇସି ପ୍ରୀୟ ରଞ୍ଜନ ଛୋଟରାୟ, ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ମନ୍ଦିର ଟ୍ରଷ୍ଟର କାର୍ଯ୍ୟ ନିର୍ବାହୀ ଅଧିକାରୀ ଟି କେ ରେଡ୍ଡୀ, ତାରାତାରିଣୀ ଉନ୍ନୟନ ପରିଷଦର ସଂପାଦକ ତଥା ଟ୍ରଷ୍ଟ ବୋର୍ଡରେ ସଭ୍ୟ ପ୍ରମୋଦ କୁମାର ପଣ୍ଡା, ସେବାୟତ ସନତ ରଣା, ତପନ କୁମାର ରଣା ଏବଂ ବାପୁଜୀ ରଣା ଏବଂ ସାମ୍ବାଦିକ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ କ୍ଷମତାକୁ ଆସିଲେ ପୌରାଂଚଳର ଗରିବ ଭୂମିହୀନଙ୍କୁ ଦିଆଯିବ ଘର ଓ ଜମିପଟ୍ଟା : ନରସିଂହ

ବଲାଙ୍ଗିର ,୧୭/୦୩ (ନି.ପ୍ର): ବଲାଙ୍ଗୀର ପୌରାଂଚଳ ଏକ ବ୍ୟବସ୍ଥିତ ତଥା ଚେସ ବୋର୍ଡର ସହର ବୋଲି ଖ୍ୟାତି ରହିଛି । କିନ୍ତୁ ସମୟାନୁକ୍ରମେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା ଓ ବିଭିନ୍ନ ଲୋକଙ୍କ ଆଗମନ ଯୋଗୁଁ ଧିରେଧିରେ ସହରରେ ଅନେକ ବସ୍ତି ଗଢି ଉଠିଛି । ପେଟପାଟଣା ପାଇଁ ସହରକୁ ଆସିଥିବା ଗରିବ ଭୁମୀହୀନ ନିଜ ସୁବିଧା ମୁତାବକ ଘର କରି ରହି ଗଲେଣି । ସେ ଭିତରୁ ଅନେକେ ବର୍ଷ ବର୍ଷ ଧରି ସରକାରୀ ଜମିରେ ମଧ ବସବାସ କରିବାକୁ ବାଧ ହେଉଛନ୍ତି । କିନ୍ତୁ ଗରିବ ଜନସାଧାରଣଙ୍କ ଅସୁବିଧାକୁ ଧ୍ୟାନ ନଦେଇ ସେମାନଙ୍କୁ ନିର୍ଦ୍ଦୟତାର ସହ ବେଦଖଲ କରିବା ପାଇଁ ସରକାରୀ ଦଳ ବ୍ୟୁହ ରଚନା କରୁଛନ୍ତି । କିନ୍ତୁ ସେହି ଗରିବ ଅସହାୟଙ୍କୁ ମୁଁ ଆଜି ନିର୍ଭର ପ୍ରତିଶୃତି ଦେଉଛି ଯେ, ଯଦି ଏଥର ବଲାଙ୍ଗିର ପୌର ନିର୍ବାଚନରେ କଂଗ୍ରେସ ପ୍ରତକ୍ଷ୍ୟ ଭାବରେ ପରିଷଦ ଗଠନ କରେ, ତାହାଲେ କୌଣସି ବସ୍ତି ବସିନ୍ଦାଙ୍କୁ ଉଚ୍ଛେଦ କରିବାର କାହାର ଦମ୍ଭ ହେବ ନାହିଁ । ତା ସହିତ କଂଗ୍ରେସ ର ପୌର ପରିଷଦରେ ପୌରାଂଚଳରେ ରହୁଥିବା ସମସ୍ତ ଗରିବ ଓ ଭୁମିହୀନ ମାନଙ୍କୁ ଘର ଓ ଜମି ପଟ୍ଟା ପ୍ରଦାନ କରାଯିବ । ଯଦି କୌଣସି ବ୍ୟକ୍ତି ରାସ୍ତା, ନାଳ ବା ପୋଖରୀ ଭଳି ଆପତିଜନକ ଭୁମୀରେ ବସବାସ କରୁଛନ୍ତି , ତାହେଲେ ତାଙ୍କୁ ଉଚ୍ଛେଦ କରିବା ପୁର୍ବରୁ ତାଙ୍କ ପାଇଁ ବିନା ମୂଲ୍ୟରେ ସ୍ୱତନ୍ତ୍ର ଜମି ଓ ଘରର ବ୍ୟବସ୍ଥା କରାଯିବ । ତେଣୁ ଆମ ବଲାଙ୍ଗିର ସହରକୁ ଆହୁରି ସରସ ସୁନ୍ଦର କରି ଗଢି ତୋଳିବା ସହିତ ଗରିବ ଭୁମିହୀନଙ୍କ ଦାବୀକୁ ମଜବୁତ କରିବା ପାଇଁ କଂଗ୍ରେସର ପୌରାଧକ୍ଷା ପ୍ରାର୍ଥିନୀ ମିଳନୀ ସାହୁଙ୍କ ସହିତ ୱାର୍ଡ ନଂ ୧୭ର କାଉନସିଲର ପ୍ରାର୍ଥି ସବିତା ସାହୁ ଓ ୱାର୍ଡ ନଂ ୪ରେ ଅରବିନ୍ଦ ପରୁଆଙ୍କୁ ବିପୁଳ ପରିମମାଣରେ ଭୋଟ ଦେଇ ବିଜୟୀ କରାନ୍ତୁ ବୋଲି ଆଜି ପୌରନିର୍ବାଚନ ପ୍ରଚାର ପରିପ୍ରେକ୍ଷୀରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଜନସାଧାରଣଙ୍କୁ ନିବେଦନ କରିଛନ୍ତି । ସେ ଦୃଢତାର ସହ ଆହୁରି କହିଛନ୍ତି ଯେ, ବିଭିନ୍ନ ସରକାରୀ ଦଳ ଲେକେ ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦ କରାଯିବ ବୋଲି ଭୟଭୀତ କରୁଛନ୍ତି । କିନ୍ତ ମଁ ଦୃଢତାର ସହ କହୁଛି ଯେ, କୌଣସି ଭୁମିହୀନ ବସ୍ତି ବାସିନ୍ଦାଙ୍କୁ ସେମାନଙ୍କ ବାସସ୍ଥାନରୁ ଉଚ୍ଛେଦ କରାଯିବ ନାହିଁ । ଯଦି କେହି ନଜୁଲ ଜମିରେ ମଧ ବସବାସ କରୁଛନ୍ତି, ତାହେଲେ ମଧ ସେମାନଙ୍କ ବିନା ବସବାସର ବ୍ୟବସ୍ଥା କରିବା ପର୍ଯ୍ୟନ୍ତ କେହି ଉଚ୍ଛେଦ କରି ପାରିବେ ନାହିଁ । ତାସହ କେହି ଯଦି ଭୁମିହୀନ ହୋଇଥିବେ ସେମାନଙ୍କୁ ବିନା ମୂଲ୍ୟରେ ଜମି,ଘର ଦିଆଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି । ତେଣୁ ପୌରାଂଚଳର କୌଣସି ବସ୍ତି ବାସିନ୍ଦାଙ୍କୁ ଉଚ୍ଛେଦର ଭୟଭୀତ ହେବାର ଆବଶ୍ୟକତା ନାହିଁ । କଂଗ୍ରେସ ଆସିଲେ ସେମାନଙ୍କ ପାଇଁ ବିନା ମୁଲ୍ୟରେ ଘର ଓ ଜମି ଯୋଗାଇ ଦିଆଯିବ । ପୌରାଧକ୍ଷା ପ୍ରାର୍ଥିନୀ ମିଳନୀ କହିଛନ୍ତି ଯେ, ମୁ ଅନେକ ବର୍ଷ ହେବ ଲୋକଙ୍କ ପାଇଁ କାମ କରିବା ସହିତ ସେମାନଙ୍କ ହକ ପାଇଁ ରାଜରାସ୍ତାରେ ଲଢେଇ କରିଛି । ସୁଖ ଦୁଃଖରେ ସାମିଲ ହୋଇଛି । ବଲାଙ୍ଗିର ବାସୀଙ୍କ ନ୍ୟାର୍ଯ୍ୟ ଅଧିକାର ପାଇଁ ମୁ ସବୁବେଳେ ଲଢେଇ କରୁଥିବି ବୋଲି କହିବା ସହ ଏହି ନିର୍ବାଚନରେ କଂଗ୍ରେସ ସମସ୍ତ ପ୍ରାର୍ଥିଙ୍କୁ ବିପୁଳ ସମର୍ଥନ ଜଣାଇବା ପାଇଁ ଅନୁରୋଧ କରିଥିଲେ । ଆଜିର ସଭାମାନଙ୍କରେ ଜନତା ବିଧାୟକ ଶ୍ରୀ ମିଶ୍ରଙ୍କୁ ବିଭିନ୍ନ ସମସ୍ୟା ଉପରେ ଅବଗତ କରିଥିଲେ , ଉତରରେ ବିଧାୟକ ସମସ୍ତ ସମସ୍ୟା ର ତୁରନ୍ତ ସମାଧାନ କରାଯିବ ବୋଲି କହିଥିଲେ । ଆଜି ଅନୁଷ୍ଠିତ ସଭାମାନଙ୍କରେ ନଗର ସଭାପତି ବୁଲୁ ଦାନୀ , କିଷାନ ସେଲ ସଭାପତି ସାନନ୍ଦ ମିଶ୍ର , ସଂଜୟ ମିଶ୍ର , ପବିତ୍ର ବେହେରା , ଦୀନେଶ ଦାଶ, ଲୋପନ ମିଶ୍ର, ମଧୁ ନାଗ ଓ ବୁଲୁ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।



# ହୋଲି ବିଶେଷାଙ୍କ



## ସ୍ନେହ ଶ୍ରଦ୍ଧା ଓ ଭାଇଚାରାର ପର୍ବ ଦୋଳ ଉତ୍ସବ



ଅମୂଲ୍ୟ କୁମାର ପଣ୍ଡା



ଆମ ଉତ୍କଳୀୟ ଧର୍ମ ଧାରାରେ ଓଡ଼ିଆର ଆରାଧ୍ୟ ଶ୍ରୀଜଗନ୍ନାଥଙ୍କ ସ୍ଥାନ ସ୍ୱତନ୍ତ୍ର। ଏହି କଳିଯୁଗରେ ମାନବର ଗତିମୁକ୍ତି ପାଇଁ ଦାରୁବ୍ରହ୍ମ ରୂପରେ ସେ ଶ୍ରୀକ୍ଷେତ୍ରରେ ବିରାଜମାନ କରିଛନ୍ତି। ପୂତ ପବିତ୍ର ନୀଳାଚଳ ଧାମ ଏକ ସର୍ବ ଧର୍ମ ସମନ୍ୱୟ ପୀଠ। ଏଠାରେ କାଳ ପ୍ରବାହରେ ଜୈନ, ବୌଦ୍ଧ, ବୈଷ୍ଣବ ଇତ୍ୟାଦି ଧର୍ମ ଶ୍ରୀଜଗନ୍ନାଥଙ୍କ ମଧ୍ୟରେ ସମାହିତ ହୋଇ ଯାଇଛି। ଓଡ଼ିଶାରେ ଫଗୁ ଦଶମୀରୁ ଦୋଳ ଯାତ୍ରା ଆରମ୍ଭ ହୋଇଥାଏ। ଏହାର ଗୁରୁତ୍ୱ ବୈଷ୍ଣବ ଧର୍ମ ପରମ୍ପରାର ପ୍ରଚାର ଓ ପ୍ରସାର ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ମହାପ୍ରଭୁ ଶ୍ରୀଜଗନ୍ନାଥ ଲୀଳାମାନଙ୍କ ମଧ୍ୟରୁ ଦୋଳଯାତ୍ରାରେ ପ୍ରଭୁ ଶ୍ରୀଜଗନ୍ନାଥ ନିଜେ ମଦନମୋହନ ବା ଶ୍ରୀକୃଷ୍ଣ ହୋଇ ଫଗୁଖେଳ ବା ଚାଚେରୀ ଲୀଳା କରନ୍ତି। ଏହି ଯାତ୍ରାର ଐତିହାସିକ ପୃଷ୍ଠ ଭୂମିର ପ୍ରମାଣ ସ୍ୱରୂପ ମାଦଳା ପାଞ୍ଜିରେ ଉଲ୍ଲେଖ ଅଛି - ଗଉଡ଼ିଆ ଗୋବିନ୍ଦ ଦେବ ରାଜା ହେଲେ ଚାରି ବର୍ଷ, ସନ ୧୪୩ ପର୍ଯ୍ୟନ୍ତ ଏ ରାଜାଙ୍କ ଦିନରେ ଦୋଳ ବେଦି ଉପରେ ଦୋଳି ଛିଡ଼ିପଡ଼ିଲା। ବଡ଼ ଠାକୁରଙ୍କ ଭୁଜ ଭାଙ୍ଗି ଗଲା ଆଉ ଦେଉଳ ଭିତରେ ବିଜେ କଲା ଉଭାରୁ ଶ୍ରୀ ଭୁଜ ନିର୍ମାଣ ମହାସ୍ନାନ ହୋଇ ଏହିଠାରୁ ଦୋଳଯାତ୍ରାକୁ ଦୋଳ ଗୋବିନ୍ଦ ବିଜେ କଲେ। ଏଥିରୁ ଜଣାଯାଇ ଥାଏ ଯେ ୧୫୧୭ ଖ୍ରୀଷ୍ଟାବ୍ଦରେ ରାଜନୈତିକ ଘନଘଟା ଓ ବିପର୍ଯ୍ୟୟ ସତ୍ତ୍ୱେ କୃଷ୍ଣ ଉପାସନା ପ୍ରଧାନ ଏହି ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହ ପାଳନ ହେଉଥିଲା। ଏହି ଯାତ୍ରା ସମ୍ପର୍କରେ ବିଭିନ୍ନ ପୁରାଣ ମାନଙ୍କରେ ଯଥା ସ୍କନ୍ଦ ପୁରାଣ, ଯାତ୍ରା ଭାଗବତ, ନୀଳାଦ୍ରି ମହୋଦୟ, ବାମଦେବ ସଂହିତା ଇତ୍ୟାଦିରେ ବହୁ ତଥ୍ୟ ରହିଛି। ଏସବୁ ଗ୍ରନ୍ଥରେ ଏ ଯାତ୍ରା ଫାଲ୍‌ଗୁନ ଶୁକ୍ଳଦଶମୀ ତିଥିରୁ ଆରମ୍ଭ ହୋଇଥାଏ ବୋଲି ଉଲ୍ଲେଖ ସବୁ ରହିଛି। ମହାପ୍ରଭୁଙ୍କ ଏ ଉତ୍ସବକୁ ବସନ୍ତରାସ ଭାବେ ମଧ୍ୟ ଅଭିହିତ କରାଯାଇ ଥାଏ।

ଶ୍ରୀଜଗନ୍ନାଥ ପରମ୍ପରାରେ ଫଗୁଣ ଶୁକ୍ଳ ଦଶମୀଠାରୁ ମହାପ୍ରଭୁଙ୍କର ଦୋଳ ଉତ୍ସବ ବା ଦୋଳଯାତ୍ରା ଆରମ୍ଭ ହୋଇଥାଏ। ଫଗୁ ଦଶମୀ ଅବସରରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଏହି ସମୟରେ ଶ୍ରୀମନ୍ଦିରରେ ଚାଚେରୀ ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶ ଦ୍ୱିପ୍ରହର ଧୂପ ପରେ ପରେ ଆୟୋଜିତ ହୋଇ ସନ୍ଧ୍ୟା ଧୂପପର୍ଯ୍ୟନ୍ତ ରହିଥାଏ। ଠାକୁରମାନଙ୍କ ମଧ୍ୟାହ୍ନ ଧୂପ ସରିବାପରେ ସେବକମାନେ ଠାକୁରଙ୍କୁ ଚନ୍ଦନଲାଗି, ବସ୍ତ୍ର ଲାଗି କରାଇ ୬ ମୁଣ୍ଡି ଅଳଙ୍କାର ଯଥା ୪ ସୁବର୍ଣ୍ଣ କୁଣ୍ଡଳ ଓ ୨ ତଡ଼ଗୀ ଲାଗି କରିଥାଆନ୍ତି। ଶ୍ରୀଦେବୀ ଓ ଭୂଦେବୀଙ୍କୁ ଦକ୍ଷିଣୀ ଘରକୁ ବିଜେ କରାଯିବା ପରେ ଠାକୁରମାନଙ୍କ ଚାଚେରୀ ବେଶ ବଢ଼ିବାପରେ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବଙ୍କ ଦେଉଳି ଭୋଗ ଅନୁଷ୍ଠିତ ହୋଇ ରତ୍ନସିଂହାସନକୁ ବିଜେ କରାଯାଏ। ପାଳିଆ ମୁଦିରସ୍ତ ସେବକ ପ୍ରସାଦ ଲାଗି କରନ୍ତି। ପରେ ପାଣି ପଡି ଘଣ୍ଟଛତା ସହ ତିନି ବାଡ଼ରେ ସର୍ବାଙ୍ଗ ନୀତି ବଢିଥାଏ। ଶ୍ରୀଜଗନ୍ନାଥଙ୍କ ବାଡରେ ଚନ୍ଦନ, ଫଗୁ, ପ୍ରସାଦ ଲାଗି ଓ ବନ୍ଦାପନା ନୀତି କରାଯାଇ ପୁଣି କର୍ପୂର ଆଳତି କରାଯାଏ। ତିନି ବାଡରେ ଫଗୁ ଆଞ୍ଜୁଳି ଦେଇସାରିବା ପରେ ଠାକୁରଙ୍କ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ସେବକ ସିଂହାସନକୁ ଉଠି ପ୍ରସାଦ ମଇଲମ କରନ୍ତି। ଦୋଳଗୋବିନ୍ଦ, ଭୂଦେବୀ, ଶ୍ରୀଦେବଙ୍କୁ ଆଜ୍ଞାମାଳ ଦିଆଯିବାପରେ ପୁଷ୍ପାଳକ ସେବକମାନେ ଠାକୁରଙ୍କୁ ହାତରେ ନେଇ ଜୟବିଜୟ ଦ୍ୱାର ନିକଟରେ ବିଜେ କରାନ୍ତି। ସେଠାରେ ପ୍ରସାଦଲାଗି, କର୍ପୂରଆଳତୀ, ସାତବଟୀ, ସଞ୍ଜକାହାଳୀ ଓ ବନ୍ଦାପନା ଆଦି ନୀତି ସମ୍ପନ୍ନ ହୋଇଥାଏ। ଜଗନ୍ନାଥଙ୍କୁ ବିଭିନ୍ନ ନାମରେ ବିଭିନ୍ନ ମାସରେ ପୂଜା କରାଯାଇଥାଏ। ସେଥି ମଧ୍ୟରୁ ଫାଲଗୁନ ମାସରେ ତାଙ୍କର ନାମ ଗୋବିନ୍ଦ। ଏଣୁ ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ସୁପ୍ରସିଦ୍ଧ। ଗରୁଡ଼ ପୁରାଣରେ ଏହି ଗୋବିନ୍ଦ ଦ୍ୱାଦଶୀ ତିଥିର ମହିମା ବର୍ଣ୍ଣିତ ହୋଇଅଛି। ସାରା ଓଡ଼ିଶାରେ ଫଗୁଦଶମୀ ଠାରୁ ଦୋଳ ବିମାନରେ ଦୋଳଗୋବିନ୍ଦ ଗ୍ରାମ ଗ୍ରାମ ପରିକ୍ରମା କରିଥାଆନ୍ତି। ଶ୍ରୀକ୍ଷେତ୍ର ପୁରୀଠାରେ ଲୋକାୟତ ପରମ୍ପରା ରୂପେ ଏହି ଦୋଳଯାତ୍ରାକୁ ବୈଷ୍ଣବୀୟ ଢଙ୍ଗରେ ପାଳନ କରାଯାଏ। ଦୋଳରେ ଦୋଳ ଗୋବିନ୍ଦ, ଚନ୍ଦନ ଯାତ୍ରାରେ ମଧୁସୂଦନ ଓ ରଥ ଉପରେ ବାମନଙ୍କୁ ଦର୍ଶନ କଲେ ଆଉ ପୁନର୍ଜନ୍ମ ହୁଏ ନାହିଁ ବୋଲି ବିଶ୍ୱାସ ରହିଅଛି। ସେଥିପାଇଁ କୁହାଯାଇଛି - 'ଦୋଳେଚ ଦୋଳ ଗୋବିନ୍ଦ / ଚାପେଚ ମଧୁସୂଦନ, ରଥତୁ ବାମନଂ ଦୃଷ୍ଟ୍ୱା / ପୁନର୍ଜନ୍ମ ନ ବିଦ୍ୟତେ' ।

ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣୀ ମଧ୍ୟରୁ ରଥଯାତ୍ରା ଓ ଦେବସ୍ନାନ ପୂର୍ଣ୍ଣିମାକୁ ବାଦ ଦେଲେ ଦୋଳଯାତ୍ରା ଶ୍ରୀମନ୍ଦିରର ଏକ ବିଶିଷ୍ଟ ପର୍ବ। ଶ୍ରୀଜଗନ୍ନାଥଙ୍କର ବିଭିନ୍ନ ଯାତ୍ରା ସମ୍ପର୍କରେ ଯେଉଁ ସବୁ ଉଲ୍ଲେଖ ରହିଛି ତାହାରି ମଧ୍ୟରେ ଦୋଳଯାତ୍ରାର ବିଶେଷ ଗୁରୁତ୍ୱ ରହିଅଛି। ପୃଥିବୀରେ ନୂତନ ଶିହରଣ ଜଗାଇ ପାରିବା ଭଳି ଶକ୍ତିରେ ଶକ୍ତିମନ୍ତ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ବୋଲି ଗ୍ରହଣ କରାଯାଇଥାଏ। କେତେକ ସ୍ଥାନରେ କେବଳ ଦିନକ ପାଇଁ ଦୋଳପୂର୍ଣ୍ଣିମା ଦିନ ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ ଏହାକୁ ଫୁଲଦୋଳ କୁହାଯାଏ। ଆଉ କେତେକ ସ୍ଥାନରେ ଫଗୁ ଦଶମୀ ଠାରୁ ଆରମ୍ଭ ହୋଇ ଦୋଳପୂର୍ଣ୍ଣିମାରେ ଶେଷ ହୋଇଥାଏ। ଏହାକୁ ରାଜ ଦୋଳ କୁହାଯାଏ। ଫାଲଗୁନ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ପଞ୍ଚମୀରେ ଶେଷ ହେଉଥିବା ଦୋଳକୁ ପଞ୍ଚୁ ଦୋଳ କୁହାଯାଏ। ଫାଲଗୁନ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ଚୈତ୍ର କୃଷ୍ଣ ନବମୀରେ ଶେଷ ହେଉଥିବା ଦୋଳକୁ ଦଶ ଦୋଳ କୁହାଯାଏ। କେତେକ ସ୍ଥାନରେ ପୂର୍ଣ୍ଣିମା ଦିନରୁ ଆରମ୍ଭ ହୋଇ ଛଅ ଦୋଳ କିମ୍ବା ନବଦୋଳ ପାଳିତ ହୁଏ। ପୃଥିବୀରେ ଋତୁରାଜ ବସନ୍ତକୁ ସ୍ୱାଗତ କରିବା ସହିତ ଦୋଳଯାତ୍ରା ମାଧ୍ୟମରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ, ଗୋଷ୍ଠୀ ଗୋଷ୍ଠୀ ମଧ୍ୟରେ ଓ ଗ୍ରାମ ଗ୍ରାମ ମଧ୍ୟରେ ସ୍ନେହ, ଶ୍ରଦ୍ଧା ସୃଷ୍ଟି କରିବା ହେଉଛି ହିଁ ଦୋଳଯାତ୍ରାର ପ୍ରକୃତ ଉଦ୍ଦେଶ୍ୟ। ଶ୍ରୀ ଜଗନ୍ନାଥଙ୍କର ଏହି ବାସନ୍ତିକ ଉତ୍ସବ ଦୋଳ ଯାତ୍ରାକୁ ଚାଚେରୀ ଯାତ୍ରା ବା ଚାଚେରୀ ଲୀଳା ମଧ୍ୟ କୁହାଯାଏ। ବିଭିନ୍ନ କାବ୍ୟକବିତାରେ ମହାପ୍ରଭୁଙ୍କ ଏହି ଦୋଳ ଯାତ୍ରା ଓ ଚାଚେରୀ ଲୀଳାର ସୁନ୍ଦର ବର୍ଣ୍ଣନା ମାନ ରହିଛି। ଦୋଳ ଉତ୍ସବ, ଭକ୍ତ ଓ ଭଗବାନଙ୍କ ମହା ମିଳନ ଉତ୍ସବ। ଜାତି, ଲିଙ୍ଗ, ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସମସ୍ତେ ଭଗବାନଙ୍କ ପ୍ରେମରେ ଉଦବୁଦ୍ଧ ହୋଇ ଏକାକାର ହୋଇ ଉଠନ୍ତି। ପ୍ରେମ, ଉଲ୍ଲାସ ଭରା ଦୋଳମିଳନ ଆତ୍ମା ପରମାତ୍ମାଙ୍କର ମହାମିଳନ । ଜୟଦେବଙ୍କ ବର୍ଣ୍ଣିତ ବସନ୍ତ ରାସ ଏହି ଦୋଳଯାତ୍ରାର ପ୍ରତୀକ ଅଟେ। ଫଗୁ ଦଶମୀ ଠାରୁ ମୁଖ୍ୟ ଆରାଧ୍ୟ ରାଧାକୃଷ୍ଣଙ୍କୁ ଅବିର ଅର୍ପଣ ସହିତ ଦୋଳଯାତ୍ରା ଆରମ୍ଭ ହୁଏ। ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ମହାଡମ୍ବରରେ ଆକର୍ଷଣୀୟ ସାଜସଜ୍ଜା ସହିତ ଛୋଟ ଛୋଟ ବିମାନରେ ବସାଇ ଗ୍ରାମ ବା ସହରର କେତେକ ସ୍ଥାନରେ ପ୍ରତ୍ୟେକ ଦ୍ୱାରକୁ ନିଆଯାଇ ଗୁଡ ମିଶା ଚଣା ଓ ଅନ୍ୟାନ୍ୟ ଭୋଗ ଦ୍ୱାରା ଭୋଗ ଆକାରରେ ଅର୍ପଣ କରାଯାଏ। ଭକ୍ତର ଭଗବାନ ତେଣୁ ଭକ୍ତର ଦ୍ୱାରରେ ସ୍ୱୟଂ ଭଗବାନ ଉପସ୍ଥିତ ହେ୍ୱ ଏଭଳି ଅନନ୍ୟ ପରମ୍ପରା ସମଗ୍ର ବିଶ୍ୱରେ ବିରଳ। ଦୋଳଯାତ୍ରାକୁ ବସନ୍ତୋତ୍ସବ ମଧ୍ୟ କୁହାଯାଏ। ଶ୍ରୀମନ୍ଦିର ଭଳି ଶ୍ରୀ ଲିଙ୍ଗରାଜଙ୍କ ମନ୍ଦିରରେ ମଧ୍ୟ ଦୋଳଯାତ୍ରା ମହାଡ଼ମ୍ବରରେ ଅନୁଷ୍ଠିତ ହୋଇଥାଏ।

♥ ଅରଙ୍ଗାବାଦ, ବରୀ, ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

## ହୋଲିର ରଂଗ



ଡ. କିଶୋର ମହାନ୍ତି
♥ କଟକ
ମୋ: ୯୪୩୭୭୨୮୪୭୫

ରଂଗର ସ୍ୱତନ୍ତ୍ର ଏକ ଭାଷା ଅଛି । ରଂଗର ସ୍ୱତନ୍ତ୍ର ଏକ ଆବେଦନ ମଧ୍ୟ ରହିଛି । ରଂଗର କାଉଁରୀ ଛୁଆଁରେ ମନ କଦମ୍ୱିତ ହୋଇଯାଏ । ରଂଗର ବିଚିତ୍ରତା ହିଁ ସଭିଁଙ୍କୁ କେମିତି ସତରେ ଚମତ୍କୃତ କରିଦିଏ, ପୁଣି କରିଦିଏ ଆନନ୍ଦ ବିଭୋର। ଫୁଲର ରଂଗପରି ମନର ରଂଗ ମଧ୍ୟ ବହୁବର୍ଣ୍ଣା । ପ୍ରଜାପତିର ରଂଗ ଆଉ ଇନ୍ଦ୍ରଧନୁର ରଂଗ ଏହା ପ୍ରକୃତିର ଏକ ଆବେଗମୟ ଖେଳ । ରଂଗ ସଂପର୍କ ଯୋଡ଼େ, ରଂଗ ଭାଇଚାରା ବୁଣେ, ରଂଗ ମାଟି ଓ ମଣିଷ ଭିତରେ ଅଜସ୍ର ସ୍ନେହ ଢାଳିଦିଏ । ସୃଷ୍ଟିହୁଏ ରଂଗରେ ଆତ୍ମହରା ।

ସୂର୍ଯ୍ୟଙ୍କ କିରଣରେ ସାତରଂଗ । ପୁରାଣ ସୂଚୀତ ସୂର୍ଯ୍ୟଙ୍କ ରଥରେ ସାତୋଟି ଘୋଡ଼ାର ରୂପକୁ ହିଁ ଅଭିବ୍ୟକ୍ତ କରାଯାଇଥାଏ । ପ୍ରସିଦ୍ଧ କବି ଗେଟେ ସାତରଂଗକୁ ସଂଗୀତର ସାତସ୍ୱର ସହ ତୁଳନା କରିଛନ୍ତି । ଧରାର ରଂଗ ଖେଳିରେ ବସନ୍ତ ଆସେ, ବସନ୍ତ ଆସିଲେ ସସାଗରା ଧରା ରଂଗୀନ ହୋଇଉଠେ । ଏତିକି ବେଳେ ସହକାର କୁଂଜରେ ମଂଜରୀର ମହକ, ତାହା ମଧ୍ୟରେ ଉନ୍ମତ ମଦମତ୍ତ ଅଳି କୂଳର ଗୁଂଜନ, ବଉଳ ପ୍ରସ୍ଫୁଟିତ ଆମ୍ର କାନନରେ କୋକିଳର କୁହୁତାନ, ନବକିଶଳୟର ଉଦ୍‌ଗମ, ମନ୍ଦ ମନ୍ଦ ସମୀରର ଶୀତଳ ସ୍ପର୍ଶ ପ୍ରତିଟି ପ୍ରାଣରେ ଭରିଦିଏ ଅପୂର୍ବ ରୋମାଞ୍ଚ । ଏହି ପରିପ୍ରେକ୍ଷୀରେ ରସକଲ୍ଲୋଳ କାବ୍ୟର କବି ଗାଇଛନ୍ତି..

କୁସୁମବନ୍ତ ମାଧବୀ ଧନୁଶୋଭା ଭ୍ରମର କଦମ୍ବ ଗୁଣରେ
କିଂଶୁକ, ପାଟ କରବାଳ ତାହାର
କରିବାକୁ ରଂଗଶେଷେ ତାହା ସଂଗସୁଖ
ନୋହୁ ଅଛି କାହାର ?

ଋତୁରାଜ ବସନ୍ତ କେବଳ ମାନବକୁ ଆପ୍ଲୁତ କରେନାହିଁ ପଶୁପକ୍ଷୀ ସକଳଙ୍କ ମନରେ ଅପୂର୍ବ ଶିହରଣ ଖେଳାଇଦିଏ । ଏହା ହେଉଛି ଯଥାର୍ଥରେ ରଂଗର ଋତୁ । ସଂଗର ଋତୁ । ରଂଗ ଓ ବସନ୍ତକୁ ନେଇ ଉତ୍କଳୀୟ କବି ଜୟଦେବ ଗୀତ ଗୋବିନ୍ଦରେ ଲେଖିଛନ୍ତି-

'ଲଳିତ ଲବଂଗଲତା
ପରିଶୀଳନ କୋମଳ ମଳୟ ସମୀରେ
ମଧୁକର ନିକର କଦମ୍ବିତ କୋକିଳ,
କୂଜିତ କୁଂଜ କୁଟୀରେ... ।'

ଏପରିକି ପ୍ରକୃତି କବି ଗଂଗାଧର ମେହେର ତାଙ୍କ 'କୀଚକବଧ' କାବ୍ୟଖଣ୍ଡରେ ଉଲ୍ଲେଖ କରିଛନ୍ତି-

'ବସନ୍ତ ବିଜୟ ବାରତା ପ୍ରଚରିଲା ଭୁବନେ
ପାଦପ ଆନୀତ ପତର ପରଭୃତ ପଠନେ
ଗ୍ରହରାଜ କର୍ଣ୍ଣେ ପଡ଼ିଲା
ଋତୁ ସମ୍ରାଟ ଭାଷା
ଗମିଲେ ସରଳ ଗତିରେ, ତେଜି ଦକ୍ଷିଣ
ଆଶା ।
+++
ଗ୍ରହ ରାଜ୍ୟେ ପ୍ରସନ୍ନ
ତହିଁ ଗ୍ରହ ସରବେ
ବିଳସିଲେ ମଣ୍ଡି ବିଗ୍ରହ
ରମ୍ୟ ପ୍ରଭା ବିଭବେ ।

ବସନ୍ତକୁ କେନ୍ଦ୍ରକରି ନାନା କବି ପଣ୍ଡିତ ଭାଷାବିତ୍ ବିଭିନ୍ନ ଭାବରେ ବର୍ଣ୍ଣନା କରିଛନ୍ତି- ଏହି ଋତୁରେ ବିଶେଷ ପର୍ବ ଭାବରେ ବସନ୍ତରାସୋତ୍ସବ ଏକା ମାର୍ମିକ ତଥା ବର୍ଣ୍ଣଳ ପ୍ରୀତିମୟ ମହୋତ୍ସବ । ଶ୍ରୀରାଧା ଓ ଶ୍ରୀକୃଷ୍ଣଙ୍କର ଅପୂର୍ବ ମିଳନର ଏ ଯୁଗାନ୍ତକାରୀ ଆଧ୍ୟାତ୍ମିକ ତଥା ଭବ୍ୟ ଉତ୍ସବ ହିଁ ଭାରତୀୟ ହିନ୍ଦୁମାନଙ୍କର ବିଶିଷ୍ଟ ପର୍ବ ଭାବରେ ପରିଗଣିତ । ଏହା ଭାରତୀୟ ସଂସ୍କୃତିର ପ୍ରାଣ ପ୍ରବାହ କହିଲେ ଅତ୍ୟୁକ୍ତି ହେବନାହିଁ ।



ଏହାକୁ କେନ୍ଦ୍ର କରି ଦୋଳମେଳଣ, ହୋଲି ଉତ୍ସବ ଆମ ମହନୀୟ ସଂସ୍କୃତିକୁ ପରିପୁଷ୍ଟ ପରିବର୍ଦ୍ଧିତ କରିଛି । କହିବାକୁ ଗଲେ ଏହି 'ହୋଲି' ପର୍ବଟିକୁ ରଂଗର ପର୍ବ ଭାବରେ ସାରା ଭାରତରେ ପାଳନ କରାଯାଇଥାଏ । ପ୍ରାୟତଃ ସପ୍ତଦଶ ଶତାବ୍ଦୀରୁ ଏହାର ଅୟମାରମ୍ଭ ହୋଇଥିଲେ ହେଁ ଏହାର ପ୍ରାଚୀନତା ସଂପର୍କରେ ମହାକବି କାଳିଦାସଙ୍କ କୃତ ରଚିତ 'ଦଶକୁମାରରିତ'ରେ ଚତୁର୍ଥ ଶତାବ୍ଦୀ ବୋଲି ବର୍ଣ୍ଣିତ ହୋଇଛି । ଏପରିକି ପ୍ରାଚୀନ ସଂସ୍କୃତ ନାଟକ ଯାହାକି ସପ୍ତଶତାବ୍ଦୀରେ ରଚିତ 'ରତ୍ନାବଳୀ'ରେ ମଧ୍ୟ ଉଲ୍ଲେଖ ଅଛି । ପ୍ରାୟତଃ ଏହି ହୋଲି ମହୋତ୍ସବ କେବଳ ଭାରତରେ ନୁହେଁ ଦକ୍ଷିଣ ଏସିଆରେ ଏହା ବହୁଳ ଭାବରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ପାଳିତ ହେଉଛି । ଭାରତ ଓ ନେପାଳରେ ଏହା ବିଶିଷ୍ଟ ପର୍ବ ଭାବରେ ପାଳିତ ହୁଏ । ସାଂପ୍ରତିକ କାଳରେ ଏହି ରଂଗର ଉତ୍ସବ ଏତେ ପ୍ରଭାବ ବିସ୍ତାର କରି ପାରିଛି ଯେ ଏହା ୟୁରୋପ ତଥା ଉତ୍ତର ଆମେରିକାରେ ମଧ୍ୟ ପାଳିତ ହେଉଛି ମହାସମାରୋହରେ । ପୁରାତନ କାହାଣୀ ବା ପୁରାଣରୁ ହିରଣ୍ୟକଶ୍ୟପୁର ଏକମାତ୍ର ଦୁଷ୍ଟ ଭଗ୍ନୀର ମୃତ୍ୟୁକୁ ନେଇ ଏହି ଉତ୍ସବ ନାମିତ ହୋଇଛି । ଏହି ଉତ୍ସବରେ ଅଗ୍ନି ପୂଜାର ପରଂପରା ଅଦ୍ୟାବଧି ପ୍ରଚଳିତ ହୋଇ ଆସୁଛି । 'ଦୋଳେଚ ଦୋଳ ଗୋବିନ୍ଦମଂ' ବାସ୍ତବିକ ମଦନଗୋପାଳଙ୍କର ଦୋଳଉତ୍ସବ କେବଳ ପୁରୁଷୋତ୍ତମରେ କାହିଁକି ସମଗ୍ର ଉତ୍ତର ଭାରତ ବିଶେଷତଃ ମଥୁରା, ବୃନ୍ଦାବନ, ବାରଣାସୀରେ ଲୋକମାନେ ପାଳନ କରି ଆସୁଛନ୍ତି । ବୈଷ୍ଣବୀୟ ଭାବଧାରାରେ ଉଦ୍‌ବୁଦ୍ଧ ବୈଷ୍ଣବ ସଂପ୍ରଦାୟ ମାନଙ୍କର ଏହା ପ୍ରଧାନପର୍ବ । ଏହି ପୂର୍ଣ୍ଣିମା ତିଥିଟି ଓ ଏହାର ପୂର୍ବବର୍ତ୍ତୀ ପାଞ୍ଚଦିନ ସମଗ୍ର ପୁରୁଷୋତ୍ତମଧାମ ଗୋପପୁରରେ ପରିଣତ ହୋଇଯାଏ । 'ବସନ୍ତରାସ'ରେ ପ୍ରୀତିର ମହାମିଳନ ଘଟାଇ ରଂଗାୟିତ କରିଦିଏ ମନ ଓ ହୃଦୟକୁ । ଏମିତି ରଂଗ ନଥିଲେ ବାସ୍ତବରେ ଫିକା ଫଗୁଣ ହୋଇଯାଏ ଋତୁ ଓ ମଣିଷର ମନ । ରଂଗ ହିଁ କଳାକୁ ଆଦର କରେ । କଳା ଆତ୍ମପ୍ରକାଶ କରେ କେବଳ ରଂଗର ଉପସ୍ଥିତିରେ । ଯଦି ଆମେ ସମସ୍ତେ ମନକୁ ଆଧ୍ୟାତ୍ମିକତାର ରଂଗରେ ରଂଗୀନ କରିବାକୁ ଚାହୁଁ ତେବେ ନିଜ ଭିତରେ ଥିବା ସବୁ ପ୍ରକାର ବିକାରକୁ ଯଥା- ଈର୍ଷା, ଦ୍ୱେଷ, ଲୋଭ, କ୍ରୋଧ, ଆଦିକୁ ବିନାଶ କରିବାକୁ ହେବ । ଅନ୍ୟମାନଙ୍କ ପ୍ରତି ଯଥା ଯଥ ସମ୍ମାନ ପ୍ରଦର୍ଶନ କରିବାକୁ ହେବ । ରଂଗ ସାଧାରଣତଃ ଚାରିବର୍ଗର ଅଟେ । ସବୁଜ, ନାଲି, ହଳଦୀ ଏବଂ ନୀଳ । ଏହି ସାତ୍ତ୍ୱିକ ରଂଗକୁ ମିଶ୍ରଣ କରି ବିଭିନ୍ନ ରଂଗ ପ୍ରସ୍ତୁତ ହୁଏ । ରଙ୍ଗର ମଧ୍ୟ ମୌଳିକ ଗୁଣମାନ ରହିଛି । ସବୁଜ ରଂଗ ଶାନ୍ତିର ପ୍ରତୀକ । ନାଲି ରଂଗ ସ୍ୱପ୍ନ, ସ୍ମୃତି, ବେଗ ଆଉ ଶକ୍ତିର ପ୍ରତୀକ । ହଳଦୀ ରଂଗର ଯାବତୀୟ ଯନ୍ତ୍ରଣାରୁ ମୁକ୍ତି ଦେବାର ରଂଗ । ନୀଳରଂଗ ମହତ୍ତ୍ୱାକାଂକ୍ଷା ଓ ବିକାଶର ପ୍ରତୀକ । ରଂଗ ପ୍ରତି ସମସ୍ତଙ୍କର ସତେ ଗଭୀର ଆକର୍ଷଣ ।

## ଦୋଳଯାତ୍ରା ଓ ରଙ୍ଗର ପର୍ବ ହୋଲି



ଜୟଶ୍ରୀ ପଟ୍ଟନାୟକ
ଭୁବନେଶ୍ୱର,
ମୋ: ୭୯୭୮୧୧୦୪୭୪

ଋତୁଶ୍ରେଷ୍ଠ ବସନ୍ତର ଆଗମନୀରେ ସମସ୍ତଙ୍କ ମନ ନୂଆ ଉଦ୍ଦୀପନାରେ ଭରିଯାଏ ଫୁଲର ମହକ ମଧୁପର ଗୁଞ୍ଜରଣ କୋଇଲିର କୂଜନ ପ୍ରକୃତିରେ ଆଣିଥାଏ ନୂଆ ଶିହରଣ । ଏହି ସମୟରେ ଏପରି ଏକ ପର୍ବ ନବବର୍ଷର ଅଗ୍ରଦୂତ ରୂପେ ସଭିଙ୍କର ମନରେ ଅସୁମାରୀ ହର୍ଷ, ଖୁସି, ଉଲ୍ଲାସ, ଆନନ୍ଦ ଭରିଦିଏ । ବସନ୍ତ ଋତୁରେ ପ୍ରକୃତି ନବପଲ୍ଲବ ଓ ପୁଷ୍ପ ସମ୍ଭାରରେ ମଣ୍ଡିତା ହୋଇଥାଏ । ସେହିପରି ମଣିଷର ମନ ମଧ୍ୟ କିଛି ନୂତନତାର କଳ୍ପନାରେ ଉଦ୍‌ଭାସିତ ହୁଏ ସେତେବେଳେ କୌଣସି ଉତ୍ସବର ମାହୋଲ ତା ଖୁସିକୁ ଦ୍ୱିଗୁଣିତ କରିଦିଏ । ଭାରତ ହେଉଛି ସଂସ୍କୃତିର ଦେଶ । କେତେକ ପର୍ବ ଭାରତର ସବୁ ଅଂଚଳରେ ପାଳନ କରାଯାଇଥାଏ। ସେହି ପର୍ବ ମାନଙ୍କ ମଧ୍ୟରୁ ହୋଲି ହେଉଛି ଅନ୍ୟତମ। ଏହା ସର୍ବ ଭାରତୀୟ ପର୍ବ। ରଙ୍ଗର ପର୍ବ। ଭଗବାନ ଶ୍ରୀକୃଷ୍ଣ ଓ ରାଧାଙ୍କୁ ସମର୍ପିତ। ସବୁ ଧର୍ମର ଲୋକମାନେ ଏହି ଦିନଟିକୁ ବିଭିନ୍ନ ପ୍ରକାରର ରଙ୍ଗ ଖେଳରେ ନିଜକୁ ସାମିଲ କରିଥାନ୍ତି। ଅବିର ତଥା ଫଗୁର ଆଦାନପ୍ରଦାନ କରି ଆନନ୍ଦ, ଉଲ୍ଲାସ ଓ ଭାଇଚାରାର ସୂତ୍ରରେ ବାଜା ବଜାଇ ନୃତ୍ୟକରି ଖୁସିର ସହିତ ମନାଇଥାନ୍ତି । ଉତର ଭାରତରେ ପୁରାଣର ହିରଣ୍ୟକଶ୍ୟପର ଭଉଣୀ ହୋଲିକାର ଦହନ ସ୍ମୃତି ବହନ କରେ ଏହି ପର୍ବ। ଉତ୍କଳୀୟ କିମ୍ୱଦନ୍ତୀ କହେ ଯେ ବ୍ରହ୍ମାଙ୍କ ଆଦେଶରେ ମହାରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଦୋଳଯାତ୍ରାର ଆୟୋଜନ କରିଥିଲେ। ସେହି ଦିନଠାରୁ ଓଡିଶାର ପୁରପଲ୍ଲୀରେ ଦୋଳପର୍ବ ପାଳିତ ହୋଇଆସୁଛି । ପ୍ରାଚୀନ କାଳରୁ ଓଡିଶାରେ ଦୋଳପର୍ବ ପାଳନ କରାଯିବାର କଥା ଆମ ପୁରାଣ ଓ ଧର୍ମଗ୍ରନ୍ଥରେ ଦେଖିବାକୁ ମିଳେ। ପରବର୍ତ୍ତି କାଳରେ ଓଡିଶାରେ ଗୌଡୀୟ ବୈଷ୍ଣବ ଧର୍ମର ପ୍ରସାର ଲାଭ କରିଥିଲା। ଗୌଡୀୟ ବୈଷ୍ଣବ ଧର୍ମର ପ୍ରଚାର କରିଥିବା ଶ୍ରୀ ଚୈତନ୍ୟ ଦେବଙ୍କର ଆବିର୍ଭାବ ହୋଇଥିଲା ୧୪୮୬ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୧୮ ତାରିଖ ସନ୍ଧ୍ୟା ସମୟରେ। ଏହିଦିନ ଥିଲା ଦୋଳପୂର୍ଣ୍ଣିମା। ତେଣୁ ଓଡିଶାର ଦୋଳ ପୂର୍ଣ୍ଣିମା ପାଳନରେ ଆମେ ଗୋଡୀୟ ବୈଷ୍ଣବ ପ୍ରଭାବ ଦେଖିବାକୁ ପାଉ । ଭଗବାନ ଶ୍ରୀକୃଷ୍ଣ ଶ୍ରୀରାଧାଙ୍କର କର୍ଣ୍ଣ ଅଳଂକାର ପାଇବା ପରେ ଦୋଳଯାତ୍ରାର ଆୟୋଜନ କରିଥିଲେ ବୋଲି ପୌରାଣିକ ମତ ରହିଛି। ତେଣୁ ସାରା ଭାରତବର୍ଷରେ ଏହି ପର୍ବ ରଙ୍ଗ ଓ ଆନନ୍ଦର ପର୍ବ ଭାବରେ ପାଳନ କରାଯାଇଥାଏ। ଉତରପ୍ରଦେଶର ବୃନ୍ଦାବନରେ, କାଶୀ ବିଶ୍ୱନାଥଙ୍କ ଠାରେ ଫୁଲର ହୋଲି ସାତଦିନ ପର୍ଯ୍ୟନ୍ତ ପାଳନ କରାଯାଉଥିବା ବେଳେ ମଧ୍ୟପ୍ରଦେଶର ଭିଲ ସଂପ୍ରଦାୟର ଯୁବକମାନେ ପୁଣି ଦୋଳ ଅବସରରେ ନିଜ ପ୍ରେମିକାକୁ ନେଇ ପଳାଇଯିବାର ପରମ୍ପରା ରହିଛି ।

ହିନ୍ଦୁମାନଙ୍କର ପରମ ଆରାଧ୍ୟ ଦେବତା ରାଧାକୃଷ୍ଣଙ୍କର ମିଳନ ଉତ୍ସବ ଦୋଳପର୍ବ ଫାଲଗୁନ ପୂର୍ଣ୍ଣମୀରେ ଓଡିଶାର ପୁରପଲ୍ଲୀରେ ପାଳିତ ହୁଏ। ଭାତୃତ୍ୱର ବାତାବରଣ ସୃଷ୍ଟି ହୁଏ। ଏହିପର୍ବ ଫାଲଗୁନ ମାସ ଶୁକ୍ଳପକ୍ଷ ଦଶମୀ ଠାରୁ ଆରମ୍ଭ ହୋଇ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ। ଏହାକୁ କେହି କେହି ଦୋଳପର୍ବ, ଦୋଳଯାତ୍ରା, ବସନ୍ତ ମହୋତ୍ସବ, ଫଲଗୁ ମହୋତ୍ସବ, ମଦନମୋହନ ମହୋତ୍ସବ ନାମରେ ନାମିତ କରିଥାନ୍ତି। ଏହିମାସର ଅଧିପତି ହେଉଛନ୍ତି ଗୋବିନ୍ଦ। ଏହି ଅବସରରେ ଫଗୁଣ ଶୁକ୍ଳ ଦଶମୀ ଫଗୁଦଶମୀ ଠାରୁ ଶ୍ରୀଜଗନ୍ନାଥଙ୍କ ଚାଚେରୀ ଲୀଳା ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୁଏ। ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ଦୋଳଗୋବିନ୍ଦବର୍ଷକୁ ଥରେ ବୁଲି ବାହାରନ୍ତି। ଦୋଳବେଦୀରେ ଅବିର ଅର୍ପଣ କରାଯାଏ ତାଙ୍କ ସମ୍ମୁଖରେ ନୂଆ ପାଞ୍ଜି ରଖାଯାଏ ଏବଂ ପାଠ କରାଯାଏ। ଶ୍ରୀ ମନ୍ଦିରରେ ଶ୍ରୀ ଜୀଉ ମାନଙ୍କର ଚାଚେରୀ ବେଶ ହୁଏ ଏବଂ ଚାଚେରୀ ଭୋଗ ହୋଇଥାଏ। ଗୋବିନ୍ଦ ହେଉଛନ୍ତି ତ୍ରାଣକର୍ତ୍ତା। ଗୋବିନ୍ଦ ହିଁ ପ୍ରହଲ୍ଲାଦକୁ ହୋଲିକାର କବଳରୁ ଉଦ୍ଧାର କରିଥିଲେ। ଅସୁର ରାଜା ହିରଣାକ୍ଷ ଓ ହିରଣ୍ୟକଶ୍ୟପର ଭଉଣୀ ଥିଲେ ହୋଲିକା ପୁତ୍ର ପ୍ରହଲ୍ଲାଦ ଥିଲେ ବିଷ୍ଣୁ ଭକ୍ତ। ବିଷ୍ଣୁ ଭକ୍ତିରୁ ନିବୃତ ରହିବା ପାଇଁ ଚେଷ୍ଟା କରି ଯେତେବେଳେ ହିରଣ୍ୟକଶ୍ୟପ ପାରିଲେନାହିଁ ସେତେବେଳେ ଅତ୍ୟନ୍ତ କ୍ରୋଧାନ୍ୱିତ ହୋଇ ପ୍ରହଲ୍ଲାଦକୁ କୋଳରେ ଧରି ଅଗ୍ନିକୁଣ୍ଡରେ ପ୍ରବେଶ କରି ତାକୁ ପୋଡି ମାରିବା ପାଇଁ ଆଦେଶ ଦେଲେ ଭଉଣୀ ହୋଲିକାକୁ କାରଣ ହୋଲିକା ବରଲାଭ କରିଥିଲା ଅଗ୍ନିରେ ଦଗ୍ଧ ହେବନାହିଁ ବୋଲି। ହେଲେ, ଗୋବିନ୍ଦଙ୍କ ପ୍ରଭାବରୁ ହୋଲିକା ନିଜେ ପୋଡି ପାଉଁଶ ହୋଇଗଲା। ପ୍ରହଲ୍ଲାଦର କିଛି କ୍ଷତି ହୋଇନଥିଲା। ଏଣୁ ମନ୍ଦ ଉପରେ ଭଲର ବିଜୟର ସ୍ମାରକୀ ସ୍ୱରୂପ ପ୍ରତିବର୍ଷ ହୋଲି ଦିନ ହୋଲିକା ଦହନ ଉତ୍ସବ ପାଳିତ ହୋଇ ଆସୁଅଛି । ଏହି ଦିନକୁ ସ୍ମରଣ କରି ଓଡିଶାର ଗ୍ରାମ ଗ୍ରାମରେ ଦୋଳଗୋବିନ୍ଦଙ୍କ ଫଗୁଖେଳ ହୁଏ । ଏହି ସମୟ ବସନ୍ତ ଋତୁର ସମୟ ବସନ୍ତର ଆଗମନରେ ମୃଦୁ ମଳୟ ଦେହ ମନକୁ ଶିହରିତ କରିଥାଏ। କଥିତ ଅଛି ଗୋପରେ ଥିଲାବେଳେ ଶ୍ରୀକୃଷ୍ଣ ଗୋପବାଳାଙ୍କ ସହିତ ମିଶି ରଙ୍ଗ ଖେଳିଥିଲେ ତେଣୁ ଫାଲଗୁନ ପୂର୍ଣ୍ଣମୀରେ ବସନ୍ତୋତ୍ସବ ବା ବସନ୍ତରାସ ଅନୁଷ୍ଠିତ ହୁଏ। ଆମ ରାଜ୍ୟର କେତେକ ସ୍ଥାନରେ ମେଷପୋଡି ଅନୁଷ୍ଠିତ ହୁଏ। କିମ୍ବଦନ୍ତୀ ଅନୁଯାୟୀ ମେଷ ନାମକ ଦାନବ ର ପ୍ରାଣ ଶ୍ରୀକୃଷ୍ଣଙ୍କ ହାତରେ ଯାଇଥିଲା। ମେଷର ମରଶରୀରକୁ ଅଗ୍ନିରେ ଦଗ୍ଧ କରି ଭସ୍ମରେ ପରିଣତ କରିଥିଲେ।



ଏହି ପର୍ବ ରାଧାକୃଷ୍ଣଙ୍କ ପାଇଁ ସମର୍ପିତ । ଦୋଳ ବା ବିମାନରେ ରାଧାକୃଷ୍ଣଙ୍କୁ ନେଇ ଗ୍ରାମ ପରିକ୍ରମା କରାଯାଏ। ଠାକୁର ସମସ୍ତଙ୍କ ଘର ବୁଲି ବୁଲି ଭୋଗ ଖାଆନ୍ତି। ସବୁବେଳେ ଆମେ ଯାଉ ମନ୍ଦିରକୁ କିନ୍ତୁ ଦୋଳ ସମୟରେ ଠାକୁର ଆସନ୍ତି ଆମ ପାଖକୁ। ଘର ଦୂଆର ସଫାକରି ଆମ୍ରପତ୍ର ସହିତ କୁମ୍ଭ ଦୂଆରରେ ରଖି ସମସ୍ତେ ଅପେକ୍ଷା କରିଥାନ୍ତି ଠାକୁର କେତେବେଳେ ଆସି ଭୋଗ ଖାଇବେ ବୋଲି। ଭୋଗରେ ଚଣା, ଆମ୍ବ, ଶାକର ଶାଳ ଉଖୁଡା, ଖଜା, ଫେଣି, କାକୁଡି, ଚୁଡାଘଷା ଇତ୍ୟାଦି ଅର୍ପଣ କରାଯାଏ। ଦିଅଁ ମାନଙ୍କର ମେଳଣ ହୁଏ ଏହି ସମୟରେ। ଖୋଲା ପଡିଆରେ ନିକଟବର୍ତ୍ତି ଗ୍ରାମ ମାନଙ୍କରୁ ଦୋଳ ବିମାନ ମାନ ନିମନ୍ତ୍ରିତ ହୋଇ ଆସିଥାନ୍ତି ମେଳଣ ପଡିଆକୁ। ମେଳଣ ହୁଏ । ନାଚଗୀତ, ଦୋକାନ ବଜାର. ମେଲୋଡି ଯାତ୍ରା ସହିତ ଫଗୁଖେଳ ହୋଇଥାଏ। ଠାକୁର ମାନଙ୍କୁ ଫଗୁ ବିଂଚାଯାଏ। ଗୋପାଳ ସଂପ୍ରଦାୟର ଯୁବକମାନେ ନୂଆଲୁଗା ପିନ୍ଧି ଅଂଟାରେ କଛା ମାରି ତା ଉପରେ ଘାଗୁଡିମାଳ ଲଗାଇ ମୁଣ୍ଡରେ ଠେକା ଭିଡି ହାତରେ ଦୁଇ ଖଣ୍ଡ ଲଉଡି ଧରି ନାଚି ନାଚି ଗୋପାଳଙ୍କ ଓଗାଳ ଗାଇଥାନ୍ତି। ଏହି ଦିବସକୁ କାମଦହନ ଦିବସ ରୂପେ ପାଳନ କରାଯାଏ। ଶିବଭକ୍ତ ମାନେ କହନ୍ତି ଶିବଙ୍କ ଦ୍ୱାରା କାମଦେବଙ୍କୁ ଭସ୍ମ କରିବାର ସ୍ମୃତିରେ ଦୋଳ ଏବଂ ହୋଲି ପର୍ବ ପାଳିତ ହୁଏ ବୋଲି କହନ୍ତି। ଏରୁ ଶିବଙ୍କ ବିବାହ ଉତ୍ସବରେ ଶୋଭାଯାତ୍ରାରେ ଯାଉଥିବା ଭକ୍ତମାନେ ମୁଣ୍ଡରେ ଅବିର ଓ ସିନ୍ଦୂର ବୋଳି ହୋଇଥାନ୍ତି। ଦୋଳ ପୂର୍ଣ୍ଣିମାର ଠିକ ପରଦିନ ହୋଲି ଉତ୍ସବ ପାଳିତ ହୁଏ। ହୋଲି ହେଉଛି ରଙ୍ଗର ପର୍ବ। ସେହିଦିନ ଲୋକେ ପରସ୍ପର ହୋଲି ବା ରଙ୍ଗର ଆଦାନପ୍ରଦାନ କରିଥାନ୍ତି। ବୟସ୍କ ବ୍ୟକ୍ତିଙ୍କ ପାଦରେ ଅବିର ରଖି ଆଶିର୍ବାଦ ଭିକ୍ଷା କରନ୍ତି। ସେମାନେ କିଛି ପଇସା ଦେଲେ ସେଥିରେ ରଙ୍ଗ କିଣି ଖେଳନ୍ତି ଓ ମିଠା ଖାଆନ୍ତି। ହୋଲି ପର୍ବ ସାମ୍ୟର ବାର୍ତା ବହନ କରେ ଉକ୍ତଦିନ ସବୁ ଶ୍ରେଣୀର ଲୋକେ ଉଚ୍ଚନୀଚ ଭେଦଭାବ ନ ରଖି ରଙ୍ଗ ଖେଳିବାକୁ ଏକତ୍ର ହୁଅନ୍ତି। ପୂର୍ବ ଶତୃତା କିଛି ଥିଲେ ସେଗୁଡିକ ଭୁଲି ଭାତୃତ୍ୱ ବନ୍ଧୁତ୍ୱ ଓ ସ୍ନେହ ସୌହାର୍ଦ୍ଦ୍ୟର ବାତାବରଣ ସୃଷ୍ଟି କରି ଅବିର ଦେଇ ନୂତନ ବର୍ଷ ଆରମ୍ଭ କରିବାର ସଂକଳ୍ପ ନିଅନ୍ତି । ହୋଲି କୃଷ୍ଣଚେତନା ତଥା ଉପାସନାର ପର୍ବ । ଏହିଦିନ କୃଷ୍ଣଙ୍କର ପୂଜା ଆରାଧନା କରି ସୁସଜ୍ଜିତ ରଥରେ ସହର ପରିକ୍ରମା କରାଯାଏ। ଫଗୁଖେଳି କୁଂଜବିହାରୀ ଓ ଶ୍ରୀରାଧା ଅପ୍ରାକୃତ ପ୍ରେମଲୀଳା କରନ୍ତି ଯାହାକୁ ବସନ୍ତ ରାସ କୁହାଯାଏ। ଦୋଳ ମହୋତ୍ସବ ଭାରତୀୟ ପର୍ବ । ଏହି ପର୍ବର ଅନ୍ୟନାମ ବସନ୍ତୋତ୍ସବ। ଅତୀତରେ ଶ୍ରୀମନ୍ଦିରରୁ ସ୍ୱୟଂ ଦାରୁବ୍ରହ୍ମ ରୂପୀ ଜଗନ୍ନାଥ ଦୋଳକୁଞ୍ଜକୁ ବିଜୟ କରୁଥିଲେ ଦୋଳମଣ୍ଡପ ସାହିକୁ। ସଂପ୍ରତି ଶ୍ରୀ ଜୀଉଙ୍କର ଚଳନ୍ତି ବିଗ୍ରହ ଦୋଳଗୋବିନ୍ଦ ଦୋଳବେଦୀକୁ ବିଜେ କରୁଛନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ଧ୍ୱନି ପ୍ରତିଧ୍ୱନି

୪

ବାଲେଶ୍ୱର

୧୮ ମାର୍ଚ୍ଚ ୨୦୨୨, ଶୁକ୍ରବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଲେଉଟିଲାଣି !

କରୋନା ସଂକ୍ରମଣ ଉପରେ ନିୟନ୍ତ୍ରଣ ବିଭିନ୍ନ ପ୍ରୟାସ ଚାଲିଥିବା ଭିତରେ ହଠାତ୍ ଚୀନ୍ ଦେଶରେ ଭୂତାଣୁ ସଂକ୍ରମଣ ଚମକପ୍ରଦ ତଥ୍ୟ ଆଣି ଦେଇଛି । ଯେଉଁ ଉହାନ୍ ପ୍ରଦେଶରୁ ଭୂତାଣୁ ଜନ୍ମ ନେଲା, ତାହା ସମୟାନ୍ତରରେ ଅନ୍ୟ ପ୍ରାନ୍ତକୁ ବ୍ୟାପିଲା । କେବଳ ୟୁରୋପ ନୁହେଁ, ଏସିଆ, ଆଫ୍ରିକା, ଲାଟିନ୍ ଆମେରିକା ସମେତ ବିଭିନ୍ନ ଦେଶକୁ ଭୂତାଣୁ ସଂକ୍ରମିତ ହୋଇ ତାହା ତମାମ୍ ବିଶ୍ୱରେ ମହାମାରୀର ରୂପ ଧାରଣ କରିବସିଲା । ପ୍ରତିଦିନ ହଜାର ହଜାର ଲୋକ ପୋକ ମାଛିପରି ମରିବା ହେତୁ ବ୍ୟାପକ ଗବେଷଣାଲବ୍ଧ ଟିକାକରଣ ସହିତ ସାମାଜିକ ଦୂରତା ରକ୍ଷା କରି ପ୍ରତିଷେଧକର ପ୍ରଚଳନ ବିଭିନ୍ନ ଲହର ଅତିକ୍ରାନ୍ତ ହେବାପରେ ସମସ୍ତଙ୍କ ଭିତରେ କିଛିଟା ଆଶ୍ୱସ୍ତି ଆଣି ଦେଇଛି ବୋଲି କହିବାକୁ ହେବ । ମାତ୍ର ସାମଗ୍ରିକ ଭାବରେ ସଂକ୍ରମଣ ଯେଉଁ ସ୍ଥିତିରେ ଥିଲା, ସେଥିରେ ଯଥେଷ୍ଟ ଭଣା ଆସିଛି । କିନ୍ତୁ ଚୀନ୍ ଦେଶର ଅତିକମ୍‌ରେ ୧୦ଟି ସହରରେ ସଂକ୍ରମଣ ବୃଦ୍ଧି ପାଇବା ସମସ୍ତଙ୍କ ଚିନ୍ତା ବଢ଼ାଇଦେଇଛି । ଶେନ୍‌ଝେ଼ନ୍ ପ୍ରଦେଶରେ ୧୭ ନିୟୁତ ବୈଷୟିକ ବୃତ୍ତିଧାରୀ ବ୍ୟକ୍ତି ବସବାସ କରନ୍ତି । ଟେକ୍-ହବ୍ ରୂପେ ପରିଚିତ ଏହି ସହର ସମେତ ୧୩ରୁ ଅଧିକ ସହରରେ ୩୦ ମିଲିଅନ୍ ପାଖାପାଖି ଲୋକ ସଂକ୍ରମିତ ହୋଇଛନ୍ତି । ଗୋଟିକ ପରେ ଗୋଟିଏ ସହରକୁ କରୋନା ସଂକ୍ରମଣ ହେବାରେ ଲାଗିଛି । ଯଦି ଏହି ଭାବରେ ସଂକ୍ରମଣର ମାତ୍ରା ବଢ଼ିଚାଲେ, ତେବେ କେଉଁ ଦିନ ପୁଣି ଅମା-ଅନ୍ଧକାରି ମାଡ଼ି ଆସିବ ଏବଂ ଜନସମାଜକୁ ଆକ୍ରାନ୍ତ କରି ବସିବ, ତାହା କିଏ କହିବ ? ଚୀନ୍‌ରେ ସଂକ୍ରମଣ ପୂରା ମାତ୍ରାରେ ମାଡ଼ି ଚାଲିବାର ମାତ୍ର ୨୪ ଘଣ୍ଟା ଯାଇନାହିଁ, ସର୍ବାଧିକ କରୋନା ମାମଲା ସାମ୍ନାକୁ ଆସିଗଲାଣି । ନ୍ୟାସନାଲ କମିସନ୍ ତଥ୍ୟ ଅନୁଯାୟୀ, ମାତ୍ର ୨୪ ଘଣ୍ଟା ଭିତରେ ତିନିହଜାରରୁ ଅଧିକ ମାମଲା ଆସିଯାଇଛି । ସେଥିପାଇଁ ୧୧ରୁ ଅଧିକ ସହରରେ ସରକାର ଲକ୍ ଡାଉନ୍ ଜାରି କଲେଣି । ଭୂତାଣୁ ବିଶେଷଜ୍ଞମାନେ ଆଶଙ୍କା କଲେଣି ଯେ, ଏହି ସ୍ଥିତି ଅଧିକ ବେଲଗାମ୍ ହୋଇଯିବ । ଚୀନ୍ ବର୍ତ୍ତମାନ ସଙ୍ଗିନ୍ ଅବସ୍ଥା ଦେଇ ଗତି କରୁଛି । ଚୀନ୍ ସବୁ କଥା ଗୁପ୍ତ ରଖୁଥିବାରୁ ସାଧାରଣରେ ସତ୍ୟ କିମ୍ବା ତଥ୍ୟ ରଖିବା ଅଭ୍ୟାସ ନାହିଁ । ବିତର୍କ କରିବାକୁ କାହାରି ପାଖରେ ସମୟ ନଥିବାରୁ ହଂକଂ ସେୟାର ବଜାରରେ କେତେ ସୂଚକାଙ୍କ ଖସିଲା କି' ବଢ଼ିଲା, ତାହା ତତ୍‌କ୍ଷଣାତ୍ ଜାଣିବା ସଚିବ ହେଉନି । ଋଷ୍ ପକ୍ଷର ୟୁକ୍ରେନ୍ ବିରୋଧୀ ଯାଞ୍ଚ ଘମାଘୋଟ ଚାଲିଛି । ଯୁଦ୍ଧର ଘନଘଟା ଭିତରେ ହୁଏତ କରୋନା ସଂକ୍ରମଣ ନେଇ ବାସ୍ତବ ଚିତ୍ର ଆସୁନାହିଁ । ଆମେରିକା ସମେତ ୟୁରୋପୀୟ ୟୁନିଅନ୍ କରୋନା ବିରୋଧୀ ଯୁଦ୍ଧ ଲଢୁଛି । ହେଲେ କରୋନା ବିରୋଧୀ ଯୁଦ୍ଧ ଚୀନ୍‌ରେ ଏଭଳି ମାତ୍ରାଧିକ ହୋଇସାରିଛି, ତାହା କାହାରି କଳ୍ପନା ଭିତରେ ନଥିଲା । ଏହା କ୍ରମରେ ଗୋଟିକ ପରେ ଆଉ ଗୋଟିଏ ସହର ଯଦି ସଂକ୍ରମଣର ବଳୟ ଭିତରକୁ ଚାଲି ଆସିବ, କିଏ କହିପାରେ ଯେ, ତୃତୀୟ ଲହର ପରେ ଚତୁର୍ଥ ଲହର ନଆସିବ ? ବେଜିଂ ଓ ସାଂଘାଇ ଭଳି କେତେକ ସହରରେ ବିମାନ ଉଡ଼ାଣ ବନ୍ଦ ରଖାଯାଇଛି । ଡଜନକରୁ ଅଧିକ ଉଡ଼ାଣ ବାତିଲ କରିଦିଆ ଯିବାର କାରଣ ମଧ୍ୟ ତାହା । ସାଂଘାଇ ଭଳି ବଡ଼ କୋଠାଗୁଡ଼ିକୁ ସିଲ୍ କରିଦିଆଯାଇଛି । ସେପଟେ ଉତ୍ତର କୋରିଆ ସହିତ ଲାଗିକରିଥିବା ସୀମାନ୍ତକୁ ସିଲ୍ ମଧ୍ୟ ସିଲ୍ କରିଦିଆଯାଇଛି । ପ୍ରତିଦିନ ପାଞ୍ଚ ହଜାରରୁ ଅଧିକ ମାମଲା ସାମ୍ନାକୁ ଆସିଯିବାରୁ ପ୍ରତିକାର କରିହେବ, ତାହା ଦେଖି ହେଉନାହିଁ । ଏହି ସଂକ୍ରମଣର ମାତ୍ରା ଓ ବେଗ ଅନ୍ୟଇଲାକାକୁ ବ୍ୟାପିବାର ଯଥେଷ୍ଟ କାରଣ ରହିଛି । ପୂର୍ବ ଦିନଗୁଡ଼ିକରେ ଚୀନ୍ ଭୂତାଣୁ ସଂକ୍ରମଣ ଲୁଚାଉଥିଲା, ଏବେ ମଧ୍ୟ ତାହାକୁ ପୂରା ଖୋଲି କରି ଜଣାଉନାହିଁ । ତାହାର ପରିଣତି ଆଗାମୀ ଦିନକୁ କିଭଳି ହେବ, ଜାଣି ହେଉନାହିଁ । ଚୀନ୍ ସର୍ବଗ୍ରାସୀ ଭୂତାଣୁ ଛାଡ଼ି ଦେଇ ସମସ୍ତଙ୍କୁ ହଲାପଟା କରି ଯେମିତି ଦାଉ ସାଝୁଛି, ତାହା ସମସ୍ତଙ୍କୁ ଜଣା । ତାହାର ପ୍ରତିବିଧାନ ସମସ୍ତଙ୍କ ପାଇଁ ଚିନ୍ତାର କାରଣ । କରୋନା ମହାମାରୀ କୌଣସି ନିର୍ଦ୍ଦିଷ୍ଟ ରାଷ୍ଟ୍ରର ନୁହେଁ ସମଗ୍ର ବିଶ୍ୱର ସମସ୍ତ ରାଷ୍ଟ୍ରରେ ବ୍ୟାପକ ପ୍ରଭାବ ପକାଇଛି । ଏହାର ପ୍ରଭାବ ଅର୍ଥନୀତି ଉପରେ ଏତେ ମାତ୍ରାରେ ପଡ଼ିଛି ଯେ ତାହାକୁ ସ୍ଥାୟୀ ଭାବେ ଦୂର କରିହେବନାହିଁ । ସେହିଭଳି ପ୍ରତ୍ୟେକ ମଣିଷ ଏବେ ଅତି ସତର୍କତାର ସହ ଜୀବନ ବଞ୍ଚିବାକୁ ବାଧ୍ୟ ହୋଇଥିବା ପ୍ରମାଣସିଦ୍ଧ ହୋଇଛି । କିନ୍ତୁ ସମସ୍ତଙ୍କ ମନରେ ଏବେ ଗୋଟିଏ ପ୍ରଶ୍ନ ଉଙ୍କି ପାରୁଛି । ତାହାହେଲେ, ଏ ମହାମାରୀ ବିଶ୍ୱରୁ ସମୂଳେ ଉନ୍ମୁଳନ ହେବ ତ ? କିନ୍ତୁ ଭୂତାଣୁ ବିଜ୍ଞାନୀ ହୁଅନ୍ତୁ କି ଚିକିତ୍ସା ବିଜ୍ଞାନୀ ଏ ପ୍ରସଙ୍ଗରେ କାହାରି ପାଖରେ କୌଣସି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ !

# ରଙ୍ଗର ପର୍ବ : ହୋଲି



**ବିପିନ ବିହାରୀ ମହାନ୍ତି**



ହୋଲି : ଏହା ଏକ ଜାତୀୟ ପର୍ବ ଏବଂ ରଙ୍ଗର ପର୍ବ। ଏହି ପର୍ବଟି ଦୋଳୋତ୍ସବ ବା ବସନ୍ତୋତ୍ସବ ଅନ୍ତର୍ଗତ। ଏହା ଫଗୁଣ ପୂର୍ଣ୍ଣିମା ବା ଦୋଳ ପୂର୍ଣ୍ଣିମା ପରଦିନ ଅର୍ଥାତ୍ ଚୈତ୍ର କୃଷ୍ଣପକ୍ଷ ପ୍ରଥମ ଦିନ ପାଳିତ ହୁଏ। ହିନ୍ଦୁଧର୍ମର ଜାତି ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଲୋକ ଆନନ୍ଦ ମନରେ ଏହି ଉତ୍ସବରେ ମାତି ଉଠନ୍ତି। ହୋଲି ପର୍ବ ସାଧାରଣତଃ ଶ୍ରୀ କୃଷ୍ଣଙ୍କର ଗୋପୀ ଓ ରାଧିକାଙ୍କ ସହ ରଙ୍ଗ ଖେଳକୁ ବୁଝାଏ। ସେତେବେଳେ ସେମାନେ ପିଚକାରୀ ମାଧ୍ୟମରେ ରଙ୍ଗ ଖେଳୁଥିଲେ। ପରସ୍ପରକୁ ଅବିର ଲେପନ କରୁଥିଲେ। ଶୁଣାଯାଏ ଉତ୍ତର ଭାରତର ବ୍ରଜଧାମରେ ପ୍ରଥମେ ହୋଲିର ପ୍ରଚଳନ ହୋଇଥିଲା।

ଏହି ଉତ୍ସବ ପାଳନର ଭିନ୍ନ ଏକ ପୌରାଣିକ କାହାଣୀ ଅଛି। ଦାନବ ରାଜା ହିରଣ୍ୟ କଶିପୁ ବିଷ୍ଣୁଭକ୍ତ ଥିଲେ। ହରିଣ୍ୟକଶିପୁ ନିଜେ ଶିବ ଭକ୍ତ ଥିଲା ଏବଂ ପ୍ରହ୍ଲାଦକୁ ହରିନାମ ଛାଡ଼ି ଶିବଙ୍କୁ ଭଜିବାକୁ ବାଧ କରୁଥିଲା। ମାତ୍ର ଏ କ୍ଷେତ୍ରରେ ପ୍ରହ୍ଲାଦ ଅବାଧ ହେବାରୁ ସେ ତାକୁ ମାରିବାକୁ ନାନା ଯୋଜନା କଲା। ଏମିତିକି ଲୋକ ଲଗାଇ ଖଣ୍ଡାରେ ହାଣିଲା, ପର୍ବତ ଉପରୁ ତଳକୁ ଫିଙ୍ଗିଲା, ସମୁଦ୍ରରେ ବୁଡ଼ାଇଲା ଇତ୍ୟାଦି ଇତ୍ୟାଦି। ମାତ୍ର ଶ୍ରୀ ହରି ନାମଧରି ପ୍ରହଲ୍ଲାଦ ସବୁଥିରୁ ବଂଚିଗଲା। ଏଥିରେ ଆହୁରି କ୍ରୋଧାନ୍ୱିତ ହୋଇ ହିରଣ୍ୟ କଶିପୁ ତାକୁ ନିଆଁରେ ପୋଡ଼ି ଜାଳିଦେବାକୁ ଯୋଜନା କଲା। ହିରଣ୍ୟର ଭଉଣୀ ହେଉଛି ହୋଲିକା। ସେ ନିଆଁରେ ପୋଡ଼ିବନି ବୋଲି ବର ପାଇଥିଲା। ଏଣୁ ଭାଇର ନିର୍ଦ୍ଦେଶରେ ପ୍ରହ୍ଲାଦକୁ କୋଳରେ ଧରି ସେ ନିଆଁର ଗଦା ଭିତରେ ବସିଲା ଅଥଚ ନିଜେ ଜଳିଗଲା ଏବଂ ସୁନାପରି ଆହୁରି ଚହଟି ଉଠିଲା ପ୍ରହ୍ଲାଦ। ପ୍ରହ୍ଲାଦର ଏହି ଜୟରେ ଖୁସି ହୋଇ ଲୋକେ ରଙ୍ଗର ଖେଳ ଆରମ୍ଭ କରିଦେଲେ ଏବଂ ହୋଲିକା ରାକ୍ଷସୀର ନାମକୁ ଆଧାରକରି ଏହି ଉତ୍ସବର ନାମ ରଖାଗଲା ହୋଲି। ଏହା ସେଦିନ ଥିଲା ଚୈତ୍ର ପ୍ରଥମଦିନ।

ହୋଲି ଖେଳର ବିଧି : ହୋଲି ବସନ୍ତୋତ୍ସବର ଅନ୍ତର୍ଗତ ହେଲେ ହେଁ ଏଥିରେ କୌଣସି ଠାକୁରଙ୍କର ପୂଜାର୍ଚ୍ଚନା ହୁଏନାହିଁ ଯଦିଓ ରାଧା-କୃଷ୍ଣ ଓ ଗୋପୀମାନଙ୍କୁ ଉପଜୀବ୍ୟ କରି ପାଳିତ ହୁଏ। ହୋଲି ଏକ ଖେଳ : ରଙ୍ଗର ଖେଳ; ଗୁଲାଲ, ଫଗୁ ଓ ଅବିର ଏବଂ ତହିଁରୁ ପାଣିରେ ପ୍ରସ୍ତୁତ ପିଚକାରୀ ଖେଳ; ପିଲାଠାରୁ ବୁଢ଼ାଯାଏଁ ସମସ୍ତେ ହୋଲି ରଙ୍ଗ ଖେଳନ୍ତି। ହୋଲି ସଂପର୍କିତ ଲୋକ ଗୀତ ଗାଆନ୍ତି।

ସଂପର୍କୀୟ ମାନଙ୍କ ଭିତରେ ହୋଲି ଖେଳର ଏକ ନିଆରା ମଜା ଅଛି। ଯେମିତି ଦିଅର ଭାଉଜ, ଶାଳୀ ଭିଣୋଇ, ନାତି-ନାତୁଣୀ ଓ ଜେଜେ-ଜେଜିମା କି ଅଜା-ଆଈ, ଭାଇ-ଭଉଣୀ, ପାରିବାରିକ ଆତ୍ମୀୟ ସ୍ୱଜନ, ଥଟ୍ଟା ପରିହାସର ଲୋକ ଇତ୍ୟାଦିଙ୍କ ସହ ଖେଳିବା। ତେବେ ଏହା ଏକ ସର୍ବସାଧାରଣ ଉତ୍ସବ ହେତୁ ଅଜଣା ବା ଅସଂପର୍କିତ ବ୍ୟକ୍ତି ସହିତ ଖେଳିବାରେ କିଛି ଅସୁବିଧା ନାହିଁ।

ସତ କହିଲେ ହୋଲିର ତିନି ଚାରିଦିନ ପୂର୍ବରୁ 'ରଙ୍ଗପାଣି' ପ୍ରସ୍ତୁତ ପର୍ବ ଆରମ୍ଭ ହୋଇଥାଏ। ଘରେ ଘରେ ବିବାହିତ ମହିଳା ଓ ତାଙ୍କ ଝିଆମାନଙ୍କ ପାଇଁ ନୂଆ ଲୁଗା ହୁଏ। ଘରେ ମିଠା ଇତ୍ୟାଦି ପ୍ରସ୍ତୁତ ହୋଇ ରଖାଯାଏ। ପୂର୍ଣ୍ଣମୀ ଦିନ ସଂଧ୍ୟାବେଳେ ଉତ୍ସବାଗ୍ନି ରାସ୍ତାର ଛକମାନଙ୍କରେ ଅନୁଷ୍ଠିତ ହୁଏ। ଏହାକୁ 'ପୁନୋ' କୁହନ୍ତି। ତା'ପର ଦିନ ଅର୍ଥାତ୍ ଚୈତ୍ର ପ୍ରଥମ ଦିନ ହୋଲିପର୍ବ ପାଳନ ହୁଏ। ସକାଳୁ ସକାଳୁ ଆରମ୍ଭ ହୋଇ ଯାଏ ହୋଲିପର୍ବ। ଲୋକେ ଘରଘର ବୁଲି ହୋଲି ଖେଳନ୍ତି। ଏହି ଅବସରେ ମିଠାର ଆଦାନ ପ୍ରଦାନ ହୁଏ। ହୋଲିର ଖେଳ, ତାମ୍ସା ଓ ମାଉପୁରୀ ଚାଲେ, ଦ୍ୱିପ୍ରହର ଗଡ଼ିଲା ବେଳଯାଏ। ତା'ପରେ ହୋ ହାଲ୍ଲା ଓ ନାଚଗୀତ, ବାଜା ଓ ନାନା ଧମାକାରେ ସମସ୍ତେ ଗାଧୋଇ ପାଧୋଇ ଯାଆନ୍ତି। ରାତିକୁ କେତେକ ସ୍ଥାନରେ ହୋଲିର ଭୋଜିମିଳନ ହୁଏ। ଏହାହିଁ ହୋଲିର ପ୍ରଚଳିତ ପରମ୍ପରା।

ସଂପ୍ରତି ହୋଲିର ରୂପରେଖ ଅର୍ଥାତ୍ ଏବେ ହୋଲିରେ ପରମ୍ପରାରେ ବ୍ୟତିକ୍ରମ ଦେଖାଯାଇଛି। ଏବେକାର ହୋଲି ଶାଳୀନତାର ସବୁ ସୀମା ଟପି ଯାଇଛି। ଏହି ଖେଳର ପଶ୍ଚାତ ଭାଗରେ ଅଛି ବହୁତ କିଛି ଭିନ୍ନ ଉଦ୍ଦେଶ୍ୟ ଜନିତ କାହାଣୀ। ସତେ ଯେମିତି ବହୁ ଦିନରୁ ଅପେକ୍ଷା କରିଥିବା ଗୋଟାଏ ସୁଯୋଗକୁ କାର୍ଯ୍ୟରେ ପରିଣତ କରିବାର ଇପ୍‌ସା ଏହା ପଛରେ ରହିଛି। ଖେଳରେ ବି କିଛି ମାନତି ଏବଂ ଚଳନୀୟ କଥା ଅଛି; କିନ୍ତୁ ଏବେ ମାନତି କଥା କେହି ବିଚାରୁନାହିଁ। ସେମିତି ପୂଜ୍ୟମାନଙ୍କୁ ଅର୍ଥାତ୍ ଗୁରୁଜନମାନଙ୍କୁ ହୋଲିରେ ଅବିର ଅର୍ପଣର ଏକ ବିଧି ଅଛି; ଅବିରରେ ପଦ ଓ ଶିରସ୍ପର୍ଶ ଏବଂ ଅନୁଜ୍ଞା ସୂଚକ ରଙ୍ଗର ପିଚକାରୀର ସମ୍ୟକ ସିଞ୍ଚନର ପରମ୍ପରା ଅଛି।

ଆଉ ଫଗୁ ଅବିରର ଖେଳନାହିଁ। କେବଳ କେତେକ ପୁରୁଣା କାଳିଆ ବୁଢ଼ାବୁଢ଼ୀ କାଗଜରେ କିଛି ଅବିର ନେଇ କାହା ମୁଣ୍ଡରେ ଟିକିଏ ଦେଇଦିଅନ୍ତି। ହେଲେ ଏବେକାର ଛୁଆଠୁ ଭେଣ୍ଡିଆ ଯାଏଁ ମୁଣ୍ଡ ଫଟା ରଙ୍ଗର କାରବାର କରନ୍ତି ଯାହାକି ଯେତେ ଧୋଉଥିବ ସେତେ ବୋହୁଥିବ, ଘା' ହେଉଥିବ, ଚୋପା ଛାଡୁଥିବ; ବିକୃତ ଦିଶୁଥିବ ବଦନ। ସେତିକି ନୁହେଁ, ଖେଳ ଆରମ୍ଭ ହୁଏ ଭାଙ୍ଗପଣାରେ। ନିଶାରେ ମାନନ୍ତି ନାହିଁ ଭଦ୍ର, ଅଭଦ୍ର, ମା-ଭଉଣୀ; ଚାଲିଛି ଝୁମିଝୁମାର ନାଚ, ବାଉଳାତୁଣ୍ଡ, ଅଶ୍ଳୀଳ ଗୀତ ଆସୁଛି ଟ୍ରଲିରେ ନଦା ହୋଇଥିବା ସାଉଣ୍ଡ ବକସରୁ। ରାତିକୁ ପୁଣି କୋଉ କ୍ଲବ ଘରେ ଅଥବା ବିଦ୍ୟାଳୟ ବାରଣ୍ଡା ବା ପତିତାଳୟରେ ସମବେତ ଭାବରେ ହୋଲି ନାଁରେ ପକା ଚାଲିଛି ହରିବୋଲ ମଦ ଓ ମାଂସରେ। ଏଥିକୁ ପାଟି ଫିଟାଇବାକୁ କା'ର ଯୁ' ନାହିଁ। ଏ ଅସଭ୍ୟତାର ଇତି ନାହିଁ।

ଯେଉଁ ପରମ୍ପରା କୁସଂସ୍କାର ଜଡ଼ିତ, ତାକୁ ଆମେ ମୂଳପ୍ରାଟନ କରିବୁ ନିଶ୍ଚିତ। ତେବେ ସୁପରମ୍ପରାକୁ ଚାଲୁ ରଖିବାରେ ବାଧା କେଉଁଠି ? ପ୍ରତିଟି ପରମ୍ପରା ପଛରେ ଏକ ବୈଜ୍ଞାନିକ ସତ୍ୟ ଅଛି। ବିଜ୍ଞାନ ରହିତ ପରମ୍ପରାରେ କୌଣସି ଯଥାର୍ଥତା ନଥାଏ କି ତାହା ଧର୍ମ ପଦବାଚ୍ୟ ନୁହେଁ। ହୋଲିରେ ବ୍ୟବହୃତ ଅବିର ବା ଫଗୁ ଇତ୍ୟାଦି ମନୁଷ୍ୟ ଶରୀର ପ୍ରତି ଏକ ଔଷଧ ଯଥା ପ୍ରତିଷେଧକ ଓ ପ୍ରତିରୋଧକ ପରି ଚର୍ମରୋଗକୁ କାମ କରେ। ଧର୍ମରୁ ଏହା ଏକ ଶୁଭଶୂଚକ। ସର୍ବୋପରି ସାମାଜିକ ଜୀବନରେ ଏହା ଏକ ଜାତୀୟତା ବୋଧକ ପର୍ବ। ଏହା ଉପାସ୍ୟମାନଙ୍କର ଉପଭୋଗର ପର୍ବ।

♥ ଅଧ୍ୟକ୍ଷ

ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,

ବିପିନ ବିହାରୀ ପାଠାଗାର, ଜଟଣୀ

ମୋ: ୯୯୩୮୩୪୧୩୮

# ଭିନ୍ନତାରେ ଏକତା ଆଣିଥାଏ ହୋଲି



**ରଶ୍ମି ସାମଲ**



ଫଗୁଣରେ ଏହି ସାତ ରଙ୍ଗ ନେଇ ଆସିଥାଏ ଆମ ସଂସ୍କୃତି ଓ ପରମ୍ପରାର ରୀତିନୀତି ଯାହା ସାରା ଭାରତ ବର୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ସତେ ଯେପରି ହୋଲିର ରଙ୍ଗ ଖେଳରେ ସମସ୍ତେ ସବୁ ଦୁଃଖ ରାଗ ରୁଷା ଶତ୍ରୁତାକୁ ଭୁଲି ଯାଇଥାଆନ୍ତି। ଏହା ଅଟେ ଯେପରି ସ୍ନେହ ଶ୍ରଦ୍ଧା ର ରଙ୍ଗ ଖେଳ।ରଙ୍ଗୀନ ହେବା ପାଇଁ ଏହାକୁ ପରସ୍ପର ମୁଂହରେ ବୋଲି ଥାନ୍ତି।ଋତୁରାଜ ବସନ୍ତରେ ପାଳନ କରାଯାଉଥିବା ପର୍ବ ମାନଙ୍କ ମଧ୍ୟରେ ଏହା ପ୍ରଧାନ।

ଏହି ବସନ୍ତ ଋତୁରେ କୋକିଳର କୁହୁରବ,ମାଧବୀ ମାଳତିର ମନୋହର ବିକାଶ ଓ ମଳୟର ମନଛୁଆଁ ପ୍ରବାହ ଭିତରେ ଦୋଳ ଯାତ୍ରା ଆସିଥାଏ।ଏହି ସମୟରେ ପ୍ରକୃତି ମନୋହାରିଣୀ ହୁଏ।ଅନୁଭବ ହୁଏନି ଗ୍ରୀଷ୍ମର ରୌଦ୍ରତାପ ,ଅଥବା ଶୀତର ଭୀଷଣ ଯନ୍ତ୍ରଣା।ଏଭଳି ଏକ ମଧୁର ପରିବେଶରେ ଦୋଳ ଯାତ୍ରା ଜନ ଜୀବନକୁ ପ୍ରଭାବିତ କରିଥାଏ।ଫାଲଗୁନ ଶୁକ୍ଳ ଦଶମୀ ଠାରୁ ଦୋଳ ଉତ୍ସବ ଆରମ୍ଭ ହୋଇ ଦୋଳ ପୂର୍ଣ୍ଣିମାରେ ଶେଷ ହୁଏ।ଗ୍ରାମ ଠାରୁ ସହର ଯାଏ ସର୍ବତ୍ର ଜନସାଧାରଣ ଦୋଳଯାତ୍ରାରେ ଆନନ୍ଦରେ ମତୁଆଲା ହୋଇ ଉଠନ୍ତି।ବିଶେଷତଃ ପଲ୍ଲୀ ଜନତାଙ୍କୁ ଦୋଳଉତ୍ସବ ଉଦବୁଦ୍ଧ କରେ।

ଦୋଳଉତ୍ସବ ସୃଷ୍ଟି ସମ୍ପର୍କରେ ନାନା ମତ ରହିଛି।ପୌରାଣିକ ଆଖ୍ୟାନ ଅନୁସାରେ ଦାନବ ରାଜା ହିରଣ୍ୟ କଶ୍ୟପ ନିଜ ପୁତ୍ର ଧ୍ରୁବଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ ଚାଂହୁଥିଲେ। ହୋଲିକା ରାକ୍ଷଶି ଦାନବ ରାଜାଙ୍କର ଭଉଣୀ ଥିଲା।ଅଗ୍ନି ଦେବଙ୍କ ଠାରୁ ପ୍ରାପ୍ତ ବର ଅନୁସାରେ ହୋଲିକା ଅଗ୍ନି ନିରୋଧୀ ଥିଲା।ଏବଂ ଏଠି ପାଇଁ ଗର୍ବ ଅନୁଭବ କରୁଥିଲା।ହିରଣ୍ୟ କାଶ୍ୟପର କୁଟ ଚକ୍ରାନ୍ତ ଫଳରେ ହୋଲିକା ଧ୍ରୁବଙ୍କୁ ମାରିବା ପାଇଁ ଅଗ୍ନି ଆସନରେ ବସିଥିଲା।ମାତ୍ର ଧ୍ରୁବ ଉପରେ ଭଗବାନ ବିଷ୍ଣୁଙ୍କ ଆଶ୍ରିବାଦ ଥିଲା ।ଧ୍ରୁବ ଅଗ୍ନି ଆସନରୁ ଶକୁଶଳ ଫେରିଥିଲେ ମଧ ହୋଲିକା ଦହନ ହୋଇ ସାରିଥିଲା।ଅଧର୍ମ ଉପରେ ଧର୍ମର ଜୟ ଏହି ସଂଧେସ ଆଣି ଦେଇଥାଏ ଏହି ହୋଲି ପର୍ବ।ଆଉ ଏକ ମତାନୁସାରେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଓ ଭଗବତୀ ରାଧାଙ୍କୁ କେନ୍ଦ୍ର କରି ଦୋଳଉତ୍ସବର ଆରମ୍ଭ ବୋଲି ବିଭିନ୍ନ ପୁରାଣରେ ଉଲ୍ଲେଖ ଅଛି ।ଫାଲଗୁନ ପୂର୍ଣ୍ଣିମାରେ ଗୋପୀମାନେ ରାଧାକୃଷ୍ଣଙ୍କୁ ଦୋଳ ବିମାନରେ ବସାଇ ଚର୍ଚ୍ଚରୀ ଖେଳ କରିଥିଲେ।ସେହି ସ୍ମୃତିର ସ୍ମାରକୀ ରୂପେ ଦୋଳ ଯାତ୍ରା।ପୁଣି ବି ଦୋଳ ଯାତ୍ରା ଆରମ୍ଭ ବିଷୟରେ ମେଢାସୁର ପୌରାଣିକ କାହାଣୀଟି ସର୍ବ ଦୃଷ୍ଟି ଆକର୍ଷଣ କରେ।ଦ୍ୱାପର ଯୁଗରେ ମେଢ଼ର ନାମକ ଅସୁର କୃଷ୍ଣଙ୍କର ପ୍ରିୟ ବୃନ୍ଦାବନର ଅତ୍ୟାଚାର ଆରମ୍ଭ କଲା।କୃଷ୍ଣ ମେଢ଼ର କୁ ବିନାଶ କରି ଶାନ୍ତି ସ୍ଥାପନ କଲେ।ତ୍ରସ୍ତ ଜନଗଣଙ୍କ ପ୍ରାଣରେ ଆନନ୍ଦ କଲ୍ଲୋଳ ଖେଳିଗଲା।ତେଣୁ ବୃନ୍ଦାବନ ବାସୀ ବୀମାନରେ ଶ୍ରୀକୃଷ୍ଣଙ୍କୁ ଉପବେଶନ କରାଇ ଏକ ଉତ୍ସବର ଆୟୋଜନ କରିଥିଲେ।ତାହାହିଁ ଦୋଳ ଉତ୍ସବ।ଏହି ପରି ବିଭିନ୍ନ ମତ ମାନ ରହିଛି ବହୁ ପୁରା କାଳରୁ।ଆଜି ସମଗ୍ର ଭାରତରେ ଏହି ପର୍ବକୁମନୋରମ ଧର୍ମପ୍ରାଣ ନରନାରୀ ପରମ ଉତ୍ସାହରେ ପାଳନ କରୁଛନ୍ତି।ସତେ ଯେପରି ଏ କହ୍ନେଇ ପାଇଁ ଏ ଦୋଳଯାତ୍ରା।ଫଗୁଦଶମୀ ଠାରୁ ସୁସଜ୍ଜିତ ବିମାନରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିଙ୍କୁ ବସାଇ ଗ୍ରାମ ଦାଣ୍ଡରେ ବୁଲାଯାଏ।ଠାକୁରଙ୍କ ଆଗରେ ପଟୁଆର ବାହାରେ।ଘଣ୍ଟ ,ଖୋଳ , କରତାଳ, ଢୋଲ, ମହୁରୀ,କାହାଳି,ଶଙ୍ଖ ନାଦରେ ଗାଁ ଦାଣ୍ଡ ଉଛୁଳି ଉଠୁଥାଏ ପୂଜକ ପ୍ରତି ଦୁଆରେ ଠାକୁରଙ୍କୁ ଭୋଗ ପୂଜା କରେ।ବିମାନକୁ ପ୍ରତି ଦ୍ୱାର ସମ୍ମୁଖରେ ରଖି ରଖି ବେଠିଆ ମାନେ ଯାଉଥାନ୍ତି।ବାରିକ ମଶାଲ ଧରି ଆଗରେ ଯାଉଥାଏ।ଚାମର ସେବାକାରୀ ଦିଅଁଙ୍କ ଆଗରେ ଚାମର ପକାଉଥାଏ।କବି ଅଚ୍ୟୁତାନନ୍ଦ ଯୁଗ ଯୁଗର ଏହି ଫଗୁ ଖେଳର ସ୍ମୃତିକୁ ତାଙ୍କର ବାରମାସି କୋଇଲିରେ ରୂପ ଦେଇଛନ୍ତି,

'ଫଗୁଣ ମାସରେ ଦୋଳ ଗୋବିନ୍ଦ
ଫଗୁ ଖେଳୁଛନ୍ତି ପରମାନନ୍ଦ
ଅବିର ସଙ୍ଗେ ଝାଲେରି ମିଶାଇ
ଫଗୁ ଖେଳୁଛନ୍ତି ଯଦୁ ଗୋସାଇଁ
ମୋ କାହିଁରେ।'

ପୂର୍ଣ୍ଣିମା ଦିନ ଦୋଳମଣ୍ଡପ ପରେ ମଦନ ମୋହନ,ରାଧାକୃଷ୍ଣ ଦୋଳି ରେ ବସି ଦୋଳି ଖେଳନ୍ତି।ନୂଆ ଆମ୍ବ କଷି ଫଗୁ ଠାକୁରଙ୍କୁ ଅର୍ପଣ କରି ଚଣା ସାକର ଭୋଗ ହୁଏ।ସେହି ଦିନ ହିଁ ନୂଆ ପାଞ୍ଜି ପଢି ନୂତନ ବର୍ଷର ଶୁଭାରମ୍ଭ ହୋଇ ଗ୍ରାମବାସୀଙ୍କୁ ଶୁଣାନ୍ତି।ଦୋଳ ।ମେଳଣ ଦୋଳ ଉତ୍ସବ ର ଗୋଟିଏ ଅଂଶ।ଠାକୁର ମାନଙ୍କର ମେଳଣ ପାଇଁ ଏକ ସ୍ୱତନ୍ତ୍ର ଖୋଲା ପଡିଆ ଥାଏ।ପଟୁଆରରେ ଆସି ମେଳଣ ପଡିଆରେ ଜମା ହୁଅନ୍ତି। ଦୋଳ ଠାକୁର ମାନେ ନିର୍ଦ୍ଦିଷ୍ଟ ପୀଠ ବା ବେଦିରେ ବସନ୍ତି।ବାଦ୍ୟନାଦ ,ହରିବୋଲ ,ହୁଳହୁଳିରେ ପଡିଆ ଫାଟିପଡୁଥାଏ।ଲୋକ ମାନେ ବହୁତ ଖୁସିରେ ଏହାକୁ ଉପଭୋଗ କରିଥାନ୍ତି।

ଗୋପାଲ ମାନଙ୍କର ଏହା ଏକ ପ୍ରଧାନ ଉତ୍ସବ।ସେମାନଂକର ସିଙ୍ଗା ଓ ବଂଶୀବାଦନ ସହ ଲଉଡି ଖେଳରେ ଲୋକ ମୁଗ୍ଧ ହୁଅନ୍ତି।ଅନ୍ୟତମ ପ୍ରଧାନ ବିଭବ ହେଲା ହୋଲି ବା ରଙ୍ଗ ଖେଳ।ଏହି ଦୋଳ ମଧ ରାଜଦୋଳ ନାମରେ ନାମିତ।ରାଜଦୋଳ ଉତ୍ସବ ଅର୍ଥାତ ଫଗୁ ଦଶମୀ ଠାରୁ ସମସ୍ତ ବୈଷ୍ଣବ ପୀଠରେ ଝୁଲଣ ମଣ୍ଡପରେ ଦୋଳିରେ ଝୁଲନ୍ତି କିମ୍ବା ସୁସଜ୍ଜିତ ବିମାନରେ ବିଜେ କରନ୍ତି ଶ୍ରୀ ରାଧା କୃଷ୍ଣ ଯୁଗଳ ମୂର୍ତ୍ତି।ସାଧାରଣତଃ ଏହି ଯାତ୍ରା। ପାଞ୍ଚ ଦିନ ପାଇଁ ମହା ସମାରୋହରେ ପାଳିତ ହୋଇ ପଞ୍ଚୁ ଦୋଳ ନାମରେ ନାମିତ ହୋଇଥାଏ।କେତେକ ସ୍ଥାନରେ ପୂର୍ଣ୍ଣିମା ଦିନ ପର୍ବକୁ ଶେଷ କରି ରାଜ ଦୋଳ ନାମରେ ନାମିତ ହୋଇ ଏହିଯାତ୍ରା ଶେଷ ହୁଏ।

ଦୋଳ ରେ ମହାପ୍ରଭୁ ଜଗନ୍ନାଥ ଙ୍କର ମଧ ଏକ ପ୍ରସିଦ୍ଧ ପର୍ବ।ଏହି ସାମାଜିକ ପର୍ବ ଲୋକ ମାନଙ୍କୁ ଆନନ୍ଦର ଡୋଳାରେ ବସାଇ ଭକ୍ତି ଭାବରେ ବିହ୍ୱଳ କରିଥାଏ। ଏହି ଅବିର ରଙ୍ଗ ବୋଳା ବୋଳି ର ସମ୍ପର୍କ ସତେ ଯେପରି ଆମ ଭାଇ ଚାରର ନିଦର୍ଶନ।ହୋଲି ଏମିତି ଏକ ପର୍ବ ଯାହାକି ସବୁ ସାଙ୍ଗ ସାଥି ପରିବାର ଙ୍କ ସହ ଏହି ସୁଖ ଉତ୍ସବକୁ ପାଳନ ସମୟରେ ସତେ ଯେପରି ଏହି ରଙ୍ଗ ପର୍ବ ସବୁ ଦୁଃଖକୁ ଭୁଲେଇ ଦେଇଥାଏ। ସର୍ବୋପରି ଏହି ରଙ୍ଗ ର ଖେଳ ହୋଲି ଭିନ୍ନତା ମଧ୍ୟରେ ଏକତା ଆଣିଥାଏ।

♥ ଭୁବନେଶ୍ୱର

ମୋ: ୯୪୩୭୧୧୫୮୬୫

## କବିତା କୋଣାର୍କ

### ଫଗୁଣ ଆଣିଛି ରଙ୍ଗର ପସରା

**ରମେଶ ଚନ୍ଦ୍ର ନାୟକ**



ହୋଲି ପର୍ବ ଏକ ପବିତ୍ର ପରବ
ଉତ୍କଳୀୟ ସଂସ୍କୃତିରେ
ପରସ୍ପର ମଧ୍ୟେ ଭୁଲି ରାଗ ହିଂସା
ଏହି ପର୍ବ ପାଳିବାରେ ।

ଆମ ପରମ୍ପରା ସଂସ୍କୃତିରେ ଭରା
ସବୁଠୁ ଲାଗେ ନିଆରା
ରଙ୍ଗ ଅବିରରେ ବୁଣି ଦେଇଯିବା
ସେନେହର ଭାଇଚାରା ।

ଯୁଗ ଯୁଗ ଧରି ରହିଛି ଏ ଖେଳ
ସତ୍ୟ ଠୁ ଦ୍ୱାପର କଳି
ଭକ୍ତ ପ୍ରହଲ୍ଲାଦ ମାରିବା ପାଇଁକି
ହୋଲିକାତ ଗଲା ଜଳି ।

ତ୍ରେତୟା ଯୁଗରେ ପ୍ରଭୁ ରାମଚନ୍ଦ୍ର
ମାରିଲେ ରାବଣ ବାଳି
ଫେରିବା ବାଟରେ ଅଯୋଧ୍ୟା ନିବାସୀ
ଫଗୁ ଦେଲେ ତାଙ୍କୁ ବୋଳି ।

ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ସାଥିରେ
ନାଚୁଥିଲେ ରାଧାରାଣୀ
ମୁହେଁ ବୋଳି ରଙ୍ଗ କେତେ ଢଙ୍ଗଢାଙ୍ଗ
ଗାଉଥିଲେ ଗୀତ ପୁଣି ।

ଭାଇଚାରା ନେଇ ସନ୍ଦେଶ ଦିଅଇ
ଫଗୁ ପୂର୍ଣ୍ଣମୀରେ ହୋଲି
ସକଳେ ଏକାଠି ମୁହେଁ ରଙ୍ଗ ମାଖି
ଭେଦ ଭାବ ଯା'ନ୍ତି ଭୁଲି ।

କରିବା ନାହିଁ ଯେ କାହାରି ସାଥରେ
ଝଗଡ଼ା ଅଥବା କଳି
ସ୍ନେହ ଶ୍ରଦ୍ଧା ଭକ୍ତି ପ୍ରେମର ଅବିର
ସଭିଙ୍କୁ ଦେବାରେ ବୋଳି ।

ଅତୀତର ଯେତେ ରାଗ ଅଭିମାନ
ଚାଲ ଯିବା ଆମେ ଭୁଲି
ଫଗୁଣ ଆଣିଛି ରଙ୍ଗର ପସରା
ଦେହେ ତାକୁ ଦେବା ବୋଳି ।

♥ କେଶରପୁର,
ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

### ହୋଲି

**ରତ୍ନକାନ୍ତି ମିଶ୍ର**



ନାଲି ନେଳି ପୀତ ନାରଙ୍ଗୀ ସବୁଜ
ଫଗୁ ପରା ବୋଳା ଦେହେ
କି ଖୁସି ତହିଁରେ ମନ ମଧ୍ୟେ ଯଦି
ଛଳନାର ରଙ୍ଗ ଥାଏ

ମୁଗ୍ଧ ମନୋହର ବସନ୍ତ ଉତ୍ସବେ
ପ୍ରେମ ରଙ୍ଗ ହୁଅ ବୋଳି
ହିଂସା ଅହମିକା ସଂଘର୍ଷ ବିଦ୍ୱେଷ
ସଂସାରେ ନଉଠୁ ଝଳି

ମହାନ ସଂସ୍କୃତି ପ୍ରୀତି ମୈତ୍ରୀ ଆଉ
ଭାଇଚାରାର ଏ ପର୍ବ
ହୋଲିର ମାଧୁର୍ଯ୍ୟ ରହିବ ସତେକି
ନାହିଁ ଯଦି ସଦଭାବ

ଶାଶ୍ୱତ ସୁନ୍ଦର ସ୍ନେହ ସୋହାଗର
ରଙ୍ଗ ଭରୁ ଅନ୍ତରରେ

ହର୍ଷ ଉଲ୍ଲାସର ଅମଳିନ ଛବି
ଫୁଟିଉଠୁ ଏ ଧରାରେ

ନବ୍ୟ ଉଚ୍ଛ୍ୱାସରେ ପ୍ରାଣ ପୁଲକିତ
ଶୁଭେ ଆନନ୍ଦ ଲହରୀ
ପ୍ରୀତି ଫଲଗୁର ଧାରାରେ ଭିଜାଅ
ଧରି ରଙ୍ଗ ପିଚକାରୀ

ଦୋଳ ମେଳଣରେ ରାଧାକୃଷ୍ଣ ରାସ
ଅଭେଦ୍ୟ ତଲ୍ଲୀନ ଭାବ
ସେଇ ତନ୍ମୟତା କାମ୍ୟ ଜୀବନରେ
ସେଇ ଦିବ୍ୟ ଅନୁଭବ

♥ ଆଳି, କେନ୍ଦ୍ରାପଡା

### ଏହି ହୋଲି ପର୍ବରେ

**ଡମ୍ବୁରୁଧରା ବେହେରା**



ମୁଁ ଅପେକ୍ଷା କରିଛି
ଆଜିର ଏହି
ହୋଲି ପର୍ବରେ
ରଙ୍ଗ ଦେବା ପାଇଁ
ମୋ ମନର କାନଭାସରେ
ମୋ ହାତରେ ଥିବା
ରଙ୍ଗ ତୂଳୀରେ......।
ମୁଁ ଅପେକ୍ଷା କରିଛି
ରଙ୍ଗ ଦେବା ପାଇଁ
ମୋ ଚିନ୍ତା ଏବଂ ଚେତନାରେ
ମୋ ଅନ୍ତର ଆତ୍ମାରେ
ମୋ ଭାବପ୍ରବଣର
ତରଙ୍ଗାୟିତ ଅବିର ଢ଼େଉରେ....।
ମୁଁ ଅପେକ୍ଷା କରିଛି
ରଙ୍ଗ ଦେବା ପାଇଁ
ମୋ ଦୁଃଖପୂର୍ଣ୍ଣ ହୃଦୟରେ
ସ୍ୱର୍ଗୀୟ ପ୍ରେମର
ସୌନ୍ଦର୍ଯ୍ୟ ଭରା
ଭଙ୍ଗା ହୃଦୟକୁ
ରଙ୍ଗ ଫେବିକ୍ୱିକ ଅଠାରେ
ଯୋଡ଼ିଯାଡ଼ି ସଜାଡି ଦେବାକୁ
ରୁଧିର ରଙ୍ଗର ଅବିରରେ
ଏହି ପବିତ୍ର ହୋଲି ପର୍ବରେ....
ଏହି ପବିତ୍ର ହୋଲି ପର୍ବରେ......!

♥ ଓଡ଼ିଆ ଶିକ୍ଷକ
ଜବାହର ନବୋଦୟ ବିଦ୍ୟାଳୟ
ପାରଳାଖେମୁଣ୍ଡି(ଗଜପତି)
ସମ୍ପର୍କ:୯୪୩୭୭୮୮୪୬୪



### ଫଗୁଣେ ଫଗୁର ଖେଳ

**ସୁଧାଂଶୁ ଶେଖର ଦ୍ୱିବେଦୀ**



ଫଗୁଣ ଭାଙ୍ଗ ଚଢେଇ
ପଥଭ୍ରଷ୍ଟ ହୋଇଛି ଆଜ
ଫଗୁର ସ୍ୱାଗତ କରେ
ରଙ୍ଗରେ ଭରା ଋତୁରାଜ।
ସଞ୍ଜରେ ସିନ୍ଦୁରା ଦିଶୁଛି
ବସନ୍ତ ଋତୁର ଖଳା
କ୍ଷେତରେ ସୂର୍ଯ୍ୟ ଖେଳୁଛି
ରଙ୍ଗ ପିଚକାରୀ ଖେଳା।
ପ୍ରକୃତି ଖେଳୁଛି ଫଗୁ
ଫୁଲର ରଙ୍ଗ ସହିତ
ଅମ୍ବରରୁ ଆଧାର ଯାଏ
ରଙ୍ଗ ଅବିର ବହୁତ।
ପ୍ରେୟସୀ ଧରା ଲାଜେଇ
ସାତ ରଙ୍ଗେ ତା'ର ଗାଲ
ପ୍ରିୟ ବସନ୍ତର ଆହ୍ୱାନ
ମୁହଁରେ ଲଗେଇ ଗୁଲାଲ।
ପ୍ରକୃତି ଅମ୍ବର ବ୍ରହ୍ମାଣ୍ଡ
ରଙ୍ଗେ ରଙ୍ଗେଇ ଋତୁରାଜ
ଫଗୁଣେ ଫଗୁର ଖେଳ
ପୁଲକିତ ସାରା ସମାଜ।
ଭାଙ୍ଗ,ରଙ୍ଗ ଓ ଅବିର
ଫଗୁ ଖେଳର ଉତ୍ସବ
ଫଗୁ ମନରେ ଭରିଦିଏ
ପ୍ରେମର ଅଭାବ ଭାବ।

♥ ବିସି-୭୪,ସଲଟ ଲେକ,
କଲକାତା-୬୪
ମୋ- ୯୬୮୧୩୭୩୫୧୨

ସାଧାରଣତଃ ରାଧାଙ୍କ ସହ କୃଷ୍ଣ ଅବା ଗୋପୀମାନଙ୍କ ସହ କୃଷ୍ଣଙ୍କର ରାସକ୍ରୀଡା ନେଇ ଉତ୍ସବ ମୁଖର ହୁଏ ଏହି ପର୍ବ । ପୁରାଣ ମତ ଅନୁସାରେ ଶରତକାଳୀନ ରାସ ଓ ବସନ୍ତକାଳୀନ ରାସ ନାମରେ ଦୁଇ ପ୍ରକାର ରାସ ଆଲୋଚନାକୁ ଆସେ । ଶରତ ରାସ କହିଲେ ଶ୍ରାବଣ ପୂର୍ଣ୍ଣିମା ବା ଝୁଲଣ ପୂର୍ଣ୍ଣିମା ସମୟର ରାସ ଉତ୍ସବକୁ ବୁଝାଏ । ଏହି ସମୟରେ ରାଧା ଓ କୃଷ୍ଣଙ୍କୁ ବିମାନରେ ବସାଇ ମନ୍ଦିର ପରିସରରେ ଝୁଲାଇବାର ପରମ୍ପରା ରହିଅଛି । ସେହିପରି ବସନ୍ତ ରାସରେ ଦୋଳ ଯାତ୍ରାର ପ୍ରଥା ପ୍ରଚଳିତ ହୋଇଥାଏ । କେତେକ ସ୍ଥାନରେ ବିଭିନ୍ନ ରାସକୁଞ୍ଜ ନିର୍ମାଣ କରାଯାଇ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଅବକାଶରେ ରାସ ଉତ୍ସବ ମଧ ପାଳନ କରାଯାଏ ।



## ଧୀରେ ସମୀରେ ଯମୁନା ତୀରେ



ନିୟତିର ନିର୍ଦ୍ଦେଶରେ ପରିଚାଳିତ ସମୟ ରାଜତ୍ୱ କରି ଚାଲିଥାଏ ଏ ଧରଣୀ ଉପରେ । ସମୟକୁ କାଳଖଣ୍ଡରେ ବିଭକ୍ତ କରି ମଣିଷ ଯାହା କଷି ଚାଲିଥାଏ ଅଙ୍କ । ଅନେକ ଉତ୍ଥାନପତନ ଦେଇ ଗତି କରୁଥିବା ସମୟ ମଣିଷ ମନରେ ଛାଡି ଦେଇ ଚାଲିଯାଏ ଅନେକ ଛାପ । ସୃଷ୍ଟିର ଏ ପ୍ରକାର ଧାରା ଅନବରତ ଚାଲୁ ରହିଥିବ ଏଥିରେ ଦ୍ୱିମତ ହେବାର ନାହିଁ । ଋତୁଚକ୍ରର ଧାରାକୁ ବଜାୟ ରଖି ଧରାବତରଣ କରିଛି ଋତୁରାଜ ବସନ୍ତ । ବସନ୍ତର ଆଗମନ ଜାଣି ପ୍ରକୃତି ସଜାଇ ଦେଇଛି ନିଜକୁ ଖୁବ ସୁନ୍ଦର ପରିପାଟୀରେ । ଜଳସ୍ଥଳ ହୋଇଛି କୁସୁମିତ । ମହମହ ବାସୁଛି କୁସୁମମାନଙ୍କର ସୁବାସ ଦିଗବିଦିଗରେ । ଦକ୍ଷିଣ ଦିଗରୁ ବହି ଆସୁଛି ଚୋରା ଚୋରା ମଳୟ ମରୁତ । ଭାରତୀୟ ଜଳବାୟୁ ଆଧାରରେ ଭୌଗଳିକ ପରିବେଶକୁ ନେଇ ଭାରତର ପର୍ଣ୍ଣମୋଚୀ ଅରଣ୍ୟ ମଧ ସ୍ୱଭାବ ସୁଲଭ ଢଙ୍ଗରେ ଶୀତ ଦିନେ ପତ୍ରଝଡା ଦେଇ ଏବେ ନବ କିଶଳୟ ମଣ୍ଡିତ ହୋଇ ଦିଶୁଛନ୍ତି ଶ୍ୟାମଳିମା ।ଶୀତ ଛାଡିଛାଡି ଯାଉଥିବା ଓ ଖରା ମାଡିମାଡି ଆସୁଥିବାର ସନ୍ଧିକ୍ଷଣରେ ଋତୁରାଟ ବସନ୍ତଙ୍କର ଆଗମନ ଭାରତୀୟ ଜନଜୀବନକୁ କରିଛି ଢେର ରୁଚିବନ୍ତ । ବସନ୍ତର ବର୍ଣ୍ଣନାରେ କବି , ଲେଖକ , ଭାବୁକ , ଦାର୍ଶନିକ ଢେର ଆତ୍ମହରା । ସେଦିନ ମହାଭାରତ ମହାସମରର ମହାନାୟକ କୃଷ୍ଣ ବାସୁଦେବ ମଧ ଅର୍ଜୁନଙ୍କୁ ଉପଦେଶ ଦେବା ଛଳରେ ନିଜର ପରିଚୟ ଦେବା ଅବକାଶରେ ଘୋଷଣା କରିଥିଲେ ‘ ଋତୁନାଂ କୁସୁମାକର ‘ । ଅର୍ଥାତ ’ ଋତୁମାନଙ୍କ ମଧରେ ମୁଁ ବସନ୍ତ ଋତୁ ଅଟେ ’ । ପ୍ରତ୍ୟେକ ସାରସ୍ୱତ ସାଧକଙ୍କର ଲେଖନୀ ନିଶ୍ଚୟ ବସନ୍ତ ଋତୁକୁ ସ୍ପର୍ଶ କରିଛି ଏହା ସ୍ୱୀକାର୍ଯ୍ୟ ।

ବସନ୍ତ ଋତୁର ବର୍ଣ୍ଣନା ଅବକାଶରେ ମୁଖ୍ୟତଃ ଫଗୁଣ ମାସର ପ୍ରାଧାନ୍ୟ ଟିକିଏ ନିଜର ସ୍ୱାତନ୍ତ୍ର୍ୟ ବହନ କରେ । ଫଗୁଣ ମାସ ମୁଖ୍ୟତଃ ଫଗୁ ମାସ ବୋଲି ଧରି ନେଲେ କିଛି ଦୋଷାବହ ହେବାର ନ ଥିବା ପରି ପରିଲକ୍ଷିତ ହୁଏ । ଫଗୁଣ ମାସ ଛ’ଗୁଣ ଖୁସି ନେଇ ଆସେ ସମସ୍ତଙ୍କ ପାଇଁ । ସାଧାରଣତଃ ଦୋଳ ଯାତ୍ରା ଓ ହୋଲି ଏହି ଫଗୁଣର ମାହାତ୍ମ୍ୟକୁ ଅଧିକ ବଢ଼ାଇ ଦେଇଥାନ୍ତି ।

ଫଗୁଣ ମାସର ଶୁକ୍ଳ ପକ୍ଷ ଦଶମୀ ତିଥି ଠାରୁ ଚୈତ୍ର ମାସ କୃଷ୍ଣ ପକ୍ଷ ଦଶମୀ ତିଥି ଯାଏ ଅର୍ଥାତ ଦଶ ଦୋଳ ପର୍ଯ୍ୟନ୍ତ ଦୋଳ ଯାତ୍ରା ଏକ ନିଆରା ପରମ୍ପରା ସୃଷ୍ଟି କରେ । ଫଗୁ ଦଶମୀ ଦିନ ମନ୍ଦିରରୁ ରାଧାକୃଷ୍ଣଙ୍କୁ ବିମାନରେ ବିଜେ କରାଇ ଗୋପାଳ ସମ୍ପ୍ରଦାୟର ଲୋକଙ୍କ ଘରେ ସରଳବଣୀ ଭୋଗ ଲଗାଯିବାର ପରମ୍ପରା କେଉଁ କାଳରୁ ଚାଲିଆସିଛି । ଏହା ଶ୍ରୀକୃଷ୍ଣଙ୍କ ଗୋପପୁର ଲୀଳାର ଅଂଶବିଶେଷ ହୋଇଥିବାରୁ ଗୋପାଳମାନେ ସେମାନଙ୍କ ବଂଶର ମୁଖ୍ୟ ପର୍ବ ବୋଲି ଧରି ନେଇ ଦୋଳ ପୂର୍ଣ୍ଣିମାକୁ ବଡ଼ ଜାକଜମକରେ ପାଳନ କରିଥାନ୍ତି । ଦିଅଁ ସୁସଜ୍ଜିତ ବିମାନରେ ବସି ଘରଘର ବୁଲି ଭୋଗ ଗ୍ରହଣ କରିବାର ପ୍ରଥାକୁ ’ ଚାଚେରୀ ’ ବୋଲି କୁହାଯାଏ । ବିଭିନ୍ନ ଗ୍ରାମ ଓ ସହରମାନଙ୍କରେ ସେମାନଙ୍କ ପ୍ରଚଳିତ ପ୍ରଥା ଅନୁସାରେ ନିର୍ଦ୍ଦିଷ୍ଟ ଦିନ ମେଳଣ ଉତ୍ସବ କରିବାର ଦେଖାଯାଏ । ଏହିଦିନ ମେଳଣ ପଡ଼ିଆରେ ନିମନ୍ତ୍ରିତ ବିମାନମାନେ ଖୁବ ଆଡମ୍ବର ସହକାରେ ପହଞ୍ଚିଥାନ୍ତି । ସ୍ଥାନପତି ଠାକୁର ଦୋଳ ବିମାନରେ ବସି ଦୋଳି ଖେଳିଥାନ୍ତି ଦୋଳ ମଣ୍ଡପରେ । ବ୍ରାହ୍ମଣର ମନ୍ତ୍ରପାଠ , ଅବଧାନର ନୂତନ ପଞ୍ଜିକା ପାଠ , ଆତସବାଜି , ସଂକୀର୍ତ୍ତନ, ଲଉଡ଼ି ଖେଳ, ଦୋକାନବଜାର ,ମନୋରଞ୍ଜନର ବିଭିନ୍ନ ମାଧମ ସହ ଖୁବ ଉତ୍ସବମୁଖର ହୋଇପଡେ ମେଳଣ ପଡ଼ିଆ । ମୁଖ୍ୟତଃ ଫଗୁଣରେ ଫଗୁ ଖେଳର ଆନନ୍ଦ ସ୍ୱଷ୍ଟ ବାରି ହୋଇପଡେ ଅନ୍ୟାନ୍ୟ ପର୍ବମାନଙ୍କ ଠାରୁ । ଅବଶ୍ୟ ଆଜିକାଲି ବିଭିନ୍ନ ରାସାୟନିକ ଅବିର ଓ ରଙ୍ଗ ଅନେକ ସ୍ଥଳରେ ଶରୀର ପ୍ରତି କ୍ଷତି ପହଞ୍ଚାଇଥାଏ ସତ ; ମାତ୍ର ରଙ୍ଗ ଅବିର ଖେଳ ଜାତି - ଧର୍ମ- ବର୍ଣ୍ଣ ନିର୍ବିଶେଷରେ ଭାଇଚାରା ସୃଷ୍ଟି କରି ସମାଜରେ ଶାନ୍ତି ଓ ସହାବସ୍ଥାନର ବାର୍ତ୍ତା ଦେଇଥାଏ ।

ସାଧାରଣତଃ ରାଧାଙ୍କ ସହ କୃଷ୍ଣ ଅବା ଗୋପୀମାନଙ୍କ ସହ କୃଷ୍ଣଙ୍କର ରାସକ୍ରୀଡା ନେଇ ଉତ୍ସବ ମୁଖର ହୁଏ ଏହି ପର୍ବ । ପୁରାଣ ମତ ଅନୁସାରେ ଶରତକାଳୀନ ରାସ ଓ ବସନ୍ତକାଳୀନ ରାସ ନାମରେ ଦୁଇ ପ୍ରକାର ରାସ ଆଲୋଚନାକୁ ଆସେ । ଶରତ ରାସ କହିଲେ ଶ୍ରାବଣ ପୂର୍ଣ୍ଣିମା ବା ଝୁଲଣ ପୂର୍ଣ୍ଣିମା ସମୟର ରାସ ଉତ୍ସବକୁ ବୁଝାଏ । ଏହି ସମୟରେ ରାଧା ଓ କୃଷ୍ଣଙ୍କୁ ବିମାନରେ ବସାଇ ମନ୍ଦିର ପରିସରରେ ଝୁଲାଇବାର ପରମ୍ପରା ରହିଅଛି । ସେହିପରି ବସନ୍ତ ରାସରେ ଦୋଳ ଯାତ୍ରାର ପ୍ରଥା ପ୍ରଚଳିତ ହୋଇଥାଏ । କେତେକ ସ୍ଥାନରେ ବିଭିନ୍ନ ରାସକୁଞ୍ଜ ନିର୍ମାଣ କରାଯାଇ କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଅବକାଶରେ ରାସ ଉତ୍ସବ ମଧ ପାଳନ କରାଯାଏ । ଏହି ପ୍ରଥା କେଉଁକାଳରୁ ଆମ ସମାଜରେ ପ୍ରଚଳିତ ହୋଇ ଆସୁଥିଲେ ମଧ ଭାରତୀୟ ଧର୍ମ ଧାରାରେ ଦୋଳ ଯାତ୍ରା ଓ ଅବିର ଖେଳ ଅନ୍ୟାନ୍ୟ ରାସ ଠାରୁ ନିଆରା ଏବଂ ମର୍ଯ୍ୟାଦାପୂର୍ଣ୍ଣ । କାରଣ ଏହି ପର୍ବରେ ଠାକୁର ଘରକୁ ଘର ବୁଲି ଭୋଗ ଗ୍ରହଣ କରିବା ଓ ଜାତିଜାତି ରଙ୍ଗ ଅବିର ନେଇ ରଙ୍ଗର ପର୍ବ ହୋଲି ପାଳନ କରିବା ଏକ ଗାରିମାମୟ ପରମ୍ପରାର ନିଦର୍ଶନ ଅଟେ ।

ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ମାହାତ୍ମ୍ୟ ବର୍ଣ୍ଣିତ ଶ୍ରୀମଦ ଭାଗବତ ମହାପୁରାଣ ଦଶମ ସ୍କନ୍ଧ ଗୋପଲୀଳା ରେ ଶ୍ରୀକୃଷ୍ଣଙ୍କର ଗୋପୀମାନଙ୍କ ସହ ରାସ ସମ୍ବନ୍ଧରେ ପାଞ୍ଚ ଗୋଟି ଅଧାୟ ରହିଥିବାର ଦୃଷ୍ଟିଗୋଚର ହୁଏ । ଏହାକୁ ‘ ରାସ ପଞ୍ଚାଧାୟୀ’ କୁହାଯାଏ । ଓଡ଼ିଆ ଭାଗବତକାର ଅତିବଡୀ ଜଗନ୍ନାଥ ଦାସ ବିରଚିତ ଓଡ଼ିଆ ଭାଗବତର ଦଶମ ସ୍କନ୍ଧ ଗୋପଲୀଳା ଅନ୍ତର୍ଗତ ତିରିଶତମ ଅଧାୟ ଠାରୁ ଚଉତିରିଶତମ ଅଧାୟ ପର୍ଯ୍ୟନ୍ତ ଉକ୍ତ ପାଞ୍ଚଟି ଅଧାୟ ରାସ ସମ୍ବନ୍ଧରେ ବର୍ଣ୍ଣିତ । ତିରିଶତମ ଅଧାୟରେ ’ ଶ୍ରୀକୃଷ୍ଣଙ୍କ ରାସକ୍ରୀଡା ଓ ଅନ୍ତର୍ଦ୍ଧାନ ’ , ଏକତିରିଶତମ ଅଧାୟରେ ‘ଗୋପୀମାନଙ୍କର କୃଷ୍ଣ ଅନ୍ୱେଷଣ ’ , ବତିଶତମ ଅଧାୟରେ ’ ଗୋପୀମାନଙ୍କର ରୋଦନ ’ , ତେତିଶତମ ଅଧାୟରେ ‘ଶ୍ରୀକୃଷ୍ଣ ପ୍ରବେଶ ଓ ମିଳନ’ , ଚଉତିରିଶତମ ଅଧାୟରେ ’ ଗୋପୀମାନଙ୍କର କାମନାପୂର୍ଣ୍ଣ ’ ବିସ୍ତୃତ ବର୍ଣ୍ଣନା କରାଯାଇଥିବାର ଦେଖିବାକୁ ମିଳେ । ତେବେ ଏହା ମୁଖ୍ୟତଃ ଶରତକାଳୀନ ରାସ ବାବଦରେ ରଚନା କରାଯାଇଥିବାର ଦୃଷ୍ଟିଗୋଚର ହୁଏ ।

କେଉଁକାଳରୁ ଦିଅଁଙ୍କୁ ଦୋଳ ବିମାନରେ ବସାଇ ପର୍ବ ପାଳନ କରିବାର ପ୍ରଥା ଆମକୁ ଯେତିକି ବିସ୍ମିତ ନ କରେ ପାଖାପାଖି କୋଡିଏ ଦିନ ଧରି ଅବିର ଖେଳିବାର ପରମ୍ପରା ସମ୍ପୂର୍ଣ୍ଣ ବୈଜ୍ଞାନିକ ସମ୍ମତ ବୋଲି ଧରିନିଆଯାଏ । ଆଗକାଳରେ ବସନ୍ତ ଋତୁରେ ‘ ବସନ୍ତ ରୋଗ ‘ର ଯେଉଁ ଭୟଙ୍କର ପାଦୁର୍ଭାବ ଥିଲା ତାହାକୁ ଫଗୁଣର ଫଗୁ ବୋଳାବୋଳି ହେବାର ମହା ଔଷଧ ଦ୍ୱାରା ସମ୍ପୂର୍ଣ୍ଣ ନିବାରଣ କରାଯାଇ ପାରୁଥିଲା । ଏହି ବୈଜ୍ଞାନିକ ଚିନ୍ତାଧାରାକୁ ଫଗୁ ଖେଳର ଏକ ପର୍ବ ମାଧମରେ ଆଧାତ୍ମିକ ବାତାବରଣ ତିଆରି କରି ବସନ୍ତ ରୋଗ କବଳରୁ ଜନସାଧାରଣଙ୍କୁ ରକ୍ଷା କରାଯାଇ ପାରୁଥିବାର କୁହାଯାଏ ।

ଆସନ୍ତୁ । ଟିକେ ଫେରିଯିବା ଦ୍ୱାପର ଯୁଗକୁ । ଯମୁନା ନଦୀ ତୀରରେ ଫଗୁଣ ପୂର୍ଣ୍ଣିମା ଅବକାଶରେ ଧୀର ମଳୟର ସ୍ପର୍ଶରେ ପୁଲକିତ ତନୁମନରେ ଗୋପୀଗୋପାଳମାନଙ୍କୁ ଏକତ୍ର କରି ବୃନ୍ଦାବନରେ ଏକ ମହାରାସ ସୃଷ୍ଟି କରିଥିବା ରଙ୍ଗରସିଆ ଭଗବାନ କୃଷ୍ଣ ବାସୁଦେବଙ୍କର ଫଗୁ ଖେଳର ମାହାତ୍ମ୍ୟକୁ ନେଇ ଭାରତୀୟ ଭକ୍ତି ସାହିତ୍ୟ ଯେତିକି ପରିପୁଷ୍ଟ ଭକ୍ତଜନମାନଙ୍କ ସରଳ ମନରେ ଏହି ପ୍ରେମରସର ଭାବାବେଗ ସେତିକି ଜୀବନ୍ତ । ଆଜି ବି ମେଳଣ ଅବକାଶରେ ରାସ ସଙ୍ଗୀତ ଗାନର ମାଧୁର୍ଯ୍ୟ ଓ ଅବିର ବୋଳାବୋଳି ତଥା ରଙ୍ଗ ପିଚକାରୀର ଖେଳ ଭିତରେ ହଜିଯାଏ ଏ ବ୍ୟସ୍ତବହୁଳ ଜୀବନ କାଟୁଥିବା ମଣିଷର ତନୁମନ । ସେ ହଜିଯାଏ ଭକ୍ତିର ଭାବାବେଗ ଭିତରେ । ସଙ୍ଗୀତର ତାଳେ ତାଳେ ଝୁମିଯାଇ ସେ ହରାଇବସେ ନିଜର ସତ୍ତା । ଆନନ୍ଦ ଉଲ୍ଲାସ ମଧରେ ସମସ୍ତଙ୍କ ମଥାରେ ଜାତି ଜାତି ଅବିର ମାରି ସେ ହେଉଥାଏ ଆତ୍ମହରା । କୌଣସି ପ୍ରକାରର ବାଛବିଚାର ନ କରି ଭକ୍ତିର ଭାବାବେଗ ତାକୁ ଟାଣି ନେଉଥାଏ ସେଦିନର ସେହି ଗୋପପୁରର ଯମୁନା ତୀରକୁ , ବୃନ୍ଦାବନର କେଳିକୁଞ୍ଜକୁ । କୁଞ୍ଜବିହାରୀଙ୍କ ଛନ୍ଦା ଚରଣ ତଳେ ନିଜକୁ ବନ୍ଧା ପକାଇ ଦେଇ ହୋଲିର ରାସ ସଙ୍ଗୀତର ମୂର୍ଚ୍ଛନାରେ ମେଳଣ ପଡ଼ିଆରେ ଭକ୍ତ ଓ ଭଗବାନଙ୍କ ମିଳନ ସତେ ଯେପରି ସୃଷ୍ଟି କରୁଥାଏ ଦ୍ୱାପର ଯୁଗର ବସନ୍ତ ରାସର ଅନ୍ୟ ଏକ ରୂପକଳ୍ପ । ଧନ୍ୟ ସେହି ଗୋପପୁରବାସୀ , ଧନ୍ୟ ସେହି ଗୋପୀଗୋପାଳ । ଯେଉଁମାନେ ଦିନେ ନିଜର ଭାବ ବନ୍ଧନରେ ବାନ୍ଧି ପାରିଥିଲେ ସ୍ୱୟଂ ପରଂବ୍ରହ୍ମଙ୍କୁ । ଆଉ ସ୍ୱୟଂ ଭଗବାନ ବି ନିଜର ମାନବୀୟ ଲୀଳା ଆଧାରରେ ସୃଷ୍ଟି କରି ଦେଇଥିଲେ ଫଗୁ ଖେଳର ଏକ ନିଆରା ପରମ୍ପରା । ଆଜି ବି ଗୋପପୁର ଅଛି , ଯମୁନା ବହୁଛି , ବୃନ୍ଦାବନ ଅଛି , ମଳୟ ପବନ ବୋହୁଅଛି । ହେଲେ ନାହାନ୍ତି ସେ ସମୟର ଗୋପୀଗୋପାଳ , ରସରାଜ ଶ୍ରୀକୃଷ୍ଣଚନ୍ଦ୍ର । ତଥାପି ବି ସେହି ଭାରତ ବର୍ଷର ମଣିଷମାନେ ପୁରାଣ ପୃଷ୍ଠାର ଆଧାରରେ ବସନ୍ତ ରାସ ଦୋଳ ପର୍ବ ପାଳୁଛନ୍ତି ଓ ପାଳି ଚାଲିଥିବେ ଏଥିରେ ସନ୍ଦେହର ଅବକାଶ ନାହିଁ । ଆସନ୍ତୁ , ଭାଇଚାରାର ଦୋଳ ପର୍ବ ସମସ୍ତେ ମିଶି ପାଳନ କରିବା । ଏହି ଅବସରରେ ଅବିର ଓ ରଙ୍ଗ ବୋଳାବୋଳି ହୋଇ ଉଚ୍ଚାରଣ କରିବା :----

‘ ଦୋଳେ ଚ ଦୋଳ ଗୋବିନ୍ଦମ
ଚାପେ ଚ ମଧୁସୂଦନମ
ରଥେ ତୁ ବାମନ ଦୃଷ୍ଟା
ପୁନର୍ଜନ୍ମ ନ ବିଦ୍ୟତେ ।’




ନିରଞ୍ଜନ ସାହୁ
ନିହଲ ପ୍ରସାଦ , ଗଁଦିଆ ପାଟଣା
ଢେଙ୍କାନାଳ -୭୫୯୦୧୬
ମୋ : ୯୯୩୮୭୪୧୫୮୩


## ରଙ୍ଗର ପର୍ବ ହୋଲି


ବିଶ୍ୱବିଜୟୀ ଦାଶ
ବି.ଏସସି,ବି.ଇଡ଼ି(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା,ବାଣପୁର,ଖୋର୍ଦ୍ଧା
ପିନ୍ - ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮






ପ୍ରାଚୀନ କାଳରୁ ଓଡ଼ିଶା କଳା, ସାହିତ, ସଂସ୍କୃତି, ବୀରତ୍ୱ , ସାହସିକତା ଓ ଆଧାତ୍ମିକତା କ୍ଷେତ୍ରରେ ଭାରତବର୍ଷରେ ନିଜର ସ୍ୱାତନ୍ତ୍ର୍ୟ ପ୍ରଦର୍ଶନ କରି ଆସିଛି । ଏହି ସ୍ୱାତନ୍ତ୍ର୍ୟ ମଧ ତା’ର ପରିଲକ୍ଷିତ ହୁଏ, ପର୍ବପର୍ବାଣି ପାଳନ କ୍ଷେତ୍ରରେ । ପର୍ବପର୍ବାଣିକୁ ବାଦ ଦେଲେ ଓଡ଼ିଶାର ସାମାଜିକ, ସାଂସ୍କୃତିକ , ଆଧାତ୍ମିକ ତଥା ପାରମ୍ପରିକତାର ବୈଭବକୁ କଳ୍ପନା କରିବା ଅସମ୍ଭବ । ପର୍ବପର୍ବାଣି ଭିତରେ ଏକ ଜାତିର ଜାତୀୟ ଜୀବନ ପ୍ରତିବିମ୍ବିତ । ସୁତରାଂ ଚିନ୍ତାଶୀଳ,ଅଭିଜ୍ଞ, ସମାଜହିତୈଷୀ ମନୀଷୀବୃନ୍ଦ ଅତୀତରେ ସୁସ୍ଥ , ସଂହତ ସମାଜର ସ୍ୱପ୍ନକୁ ସାକାର କରିବାପାଇଁ ବୋଧହୁଏ ସୃଷ୍ଟି କରିଥିଲେ ଅଗଣିତ ପର୍ବପର୍ବାଣି । ଏଇଥିପାଇଁ ପର୍ବପର୍ବାଣିର ରାଜ୍ୟ ଓଡ଼ିଶା । ଲୋକଙ୍କ ତୁଣ୍ଡରୁ ଶୁଣାଯାଏ,‘ବାର ମାସରେ ତେର ପର୍ବ,’। ଓଡ଼ିଶା ତଥା ଭାରତ ବର୍ଷର ଗୁରୁତ୍ୱପୂର୍ଣ୍ଣ ପର୍ବ ହେଉଛି ହୋଲି । ଏହା ଆନନ୍ଦ ଓ ରଙ୍ଗର ପର୍ବ ଭାବେ ବେଶ୍ ଜଣାଶୁଣା । ଚୈତ୍ର ମାସ ପ୍ରତିପଦା ଏବଂ ଫାଲଗୁନ୍ ମାସ ପୂର୍ଣ୍ଣିମା ‘ଦୋଳ ପୂର୍ଣ୍ଣିମା’ ପରଦିନ ହୋଲି ପର୍ବ ପାଳନ କରାଯାଇଥାଏ । ଏହି ପର୍ବରେ ଜନସାଧାରଣ ପ୍ରଭୁ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ନଗର ଭ୍ରମଣ କରାଇଥାନ୍ତି । ଏହି ଅବସରରେ ଠାକୁରଙ୍କ ଅବିର ଖେଳ ମଧ ହୋଇଥାଏ । ହୋଲି ପର୍ବକୁ ସବୁଠି ଆଡ଼ମ୍ବର ସହକାରେ ପାଳନ କରାଯାଇଥାଏ । ପରସ୍ପରକୁ ରଙ୍ଗ ଲଗାଇ ହୋଲି ଉତ୍ସବ ପାଳିଥାନ୍ତି ଜନସାଧାରଣ ।

ହିନ୍ଦୁ ଧର୍ମ ବିଶ୍ୱାସ କରେ ଯେ ହିରଣ୍ୟକାଶ୍ୟପ ନାମକ ଜଣେ ଶୟତାନ ରାଜା ଥିଲେ । ତାଙ୍କର ପ୍ରହ୍ଲାଦ ନାମକ ଏକ ପୁଅ ଏବଂ ହୋଲିକା ନାମକ ଏକ ଭଉଣୀ ଥିଲେ । ବିଶ୍ୱାସ କରାଯାଏ ଯେ,ଶୟତାନ ରାଜା ଭଗବାନ ବ୍ରହ୍ମାଙ୍କ ଆଶୀର୍ବାଦ ପାଇଥିଲେ । ଏହି ଆଶୀର୍ବାଦ ର ଅର୍ଥ କୌଣସି ମନୁଷ୍ୟ, ପଶୁ କିମ୍ବା ଅସ୍ତ୍ର ତାଙ୍କୁ ହତ୍ୟା କରିପାରିବ ନାହିଁ । ଏହି ଆଶୀର୍ବାଦ ତାଙ୍କ ପାଇଁ ଅଭିଶାପରେ ପରିଣତ ହେଲା କାରଣ ସେ ବହୁତ ଅହଂକାରୀ ଥିଲେ । ସେ ନିଜ ରାଜ୍ୟକୁ ପରମେଶ୍ୱର ଙ୍କ ପରିବର୍ତ୍ତେ ଉପାସନା କରିବାକୁ ଆଦେଶ ଦେଲେ, ନିଜ ପୁତ୍ରକୁ ରକ୍ଷା କଲେ ନାହିଁ । ଏହାପରେ ତାଙ୍କ ପୁତ୍ର ପ୍ରହ୍ଲାଦ ଙ୍କ ବ୍ୟତୀତ ସମସ୍ତ ଲୋକ ତାଙ୍କୁ ପୂଜା କରିବା ଆରମ୍ଭ କଲେ । ପ୍ରଭୁ ବିଷ୍ଣୁଙ୍କର ପ୍ରକୃତ ବିଶ୍ୱାସୀ ହୋଇଥିବାରୁ ଭଗବାନଙ୍କ ବଦଳରେ ତାଙ୍କ ପିତାଙ୍କୁ ପୂଜା କରିବାକୁ ମନାକରି ଦେଇଥିଲେ । ତାଙ୍କର ଅବମାନନା ଦେଖି ଶୟତାନ ରାଜା ନିଜ ଭଉଣୀ ସହିତ ପ୍ରହ୍ଲାଦଙ୍କୁ ହତ୍ୟା କରିବାକୁ ଯୋଜନା କରିଥିଲେ । ସେ ତାଙ୍କୁ ପୁଅ ସହିତ କୋଳରେ ନିଆଁରେ ବସାଇଲା, ଯେଉଁଠାରେ ହୋଲିକା ଜଳି ଯାଇଥିଲେ ଏବଂ ପ୍ରହ୍ଲାଦ ନିରାପଦରେ ବାହାରକୁ ଆସିଥିଲେ । ଏହା ସୂଚାଇ ଦେଇଛି ଯେ, ତାଙ୍କର ଭକ୍ତି ହେତୁ ସେ ତାଙ୍କ ପ୍ରଭୁଙ୍କ ଦ୍ୱାରା ସୁରକ୍ଷିତ ଥିଲେ । ଏହିପରି, ଲୋକମାନେ ହୋଲିକୁ ମନ୍ଦ ଉପରେ ଭଲ ର ବିଜୟ ଭାବରେ ପାଳନ କରିବା ଆରମ୍ଭ କଲେ । ଭାରତବର୍ଷର ଜନସାଧାରଣ ହୋଲି ପର୍ବକୁ ଅତି ଉତ୍ସାହର ସହିତ ପାଳନ କରନ୍ତି । ପରସ୍ପରକୁ ଫଗୁ ଓ ଅବିର ଲଗାଇ ଖୁସି ମନାନ୍ତି, ପିଲାମାନେ ପିଚ଼ିକାରି ମାରି ହୋଲି ପର୍ବ ପାଳନ କରନ୍ତି । ଉତ୍ତର ଭାରତରେ ହୋଲିର ଗୋଟିଏ ଦିନ ପୂର୍ବରୁ ଜନସାଧାରଣ ‘ହୋଲିକା ଦାହାନ୍’ ନାମକ ଏକ ରୀତିନୀତି କରନ୍ତି । ହୋଲି ପାଳନ ମଧରେ ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପ୍ରତି ଧାନ ଦେବା ଆବଶ୍ୟକ । ରସାୟନିକ ରଙ୍ଗ ନୁହେଁ ପ୍ରାକୃତିକ ରଙ୍ଗ ବା ହର୍ବାଲ ହୋଲିରେ ରଙ୍ଗ ଖେଳିବା ଜରୁରୀ । ଏଥିସହ କେତେକ ସାବଧାନତା ମଧ ଜରୁରୀ । ହୋଲି ଖେଳିବା ପୂର୍ବରୁ ଶରୀରରେ ନଡ଼ିଆ କିମ୍ବା ସୋରିଷ ତେଲ ଲଗାଇବା ଆବଶ୍ୟକ । ଶୁଷ୍କ ଶରୀର ରସାୟନିକ ରଙ୍ଗ ଉପରେ ଖରାପ ପ୍ରଭାବ ପକାଉଥିବାରୁ ତୈଳାକ୍ତ ତ୍ୱଚା ଉପରେ ପ୍ରଭାବ ପକାଇବାରେ ବିଳମ୍ବ ଘଟିଥାଏ । ସନସ୍କ୍ରିନ ଲୋସନ ଲଗାନ୍ତୁ । ଖରାରେ ହୋଲି ଖେଳା ଯାଇଥିବାକୁ ଏହା ସିଧାସଳଖ ଅଲଟ୍ରା ଭାଓଲେଟ ରଶ୍ମୀର ପ୍ରଭାବକୁ କମ କରିଥାଏ ।ହୋଲି ଖେଳିବା ସମୟରେ ଚଷମା ନିଶ୍ଚୟ ପିନ୍ଧନ୍ତୁ । ଆଖି ଶରୀରର ସବୁଠାରୁ ସମ୍ବେଦନଶୀଳ ଅଙ୍ଗ । ରଙ୍ଗ ପଡ଼ି ଆଖି ଜଳାପୋଡ଼ା, ଲାଲ୍ ହେବା, ଇନଫେକ୍ସନରୁ ଏହାକୁ ସୁରକ୍ଷା ଦିଅନ୍ତୁ । ହୋଲି ଖେଳିସାରିବା ପରେ ଆଖିକୁ ଥଣ୍ଡା ପାଣିରେ ଧୋଇଦିଅନ୍ତୁ । ଆଖିରେ କୌଣସି ଅସୁବିଧା ହେଲେ ତୁରନ୍ତ ଚକ୍ଷୁ ବିଶେଷଜ୍ଞଙ୍କ ସହ ପରାମର୍ଶ କରନ୍ତୁ । ଶରୀରରେ କୌଣସି ଆଘାତ ଲାଗିଥିଲେ, ରଙ୍ଗରୁ ତାକୁ ଯଥାସମ୍ଭବ ସୁରକ୍ଷା ଦିଅନ୍ତୁ । ଘା’କୁ ଘୋଡ଼େଇ ରଖନ୍ତୁ । ହୋଲି ଖେଳି ସାରି ପୋଷାକ ବଦଳାଇଦିଅନ୍ତୁ । ଦୀର୍ଘ ସମୟ ଧରି ଓଦା ପୋଷାକ ପିନ୍ଧନ୍ତୁ ନାହିଁ । ହୋଲି ପର୍ବ ପ୍ରେମ ଓ ଭାଇଚ଼ାରା ବିସ୍ତାର କରେ । ଏହା ଦେଶରେ ସମନ୍ୱୟ ଓ ସୁଖ ଆଣିଥାଏ । ଭାରତର ଜନସାଧାରଣ ଏହି ଦିନ ଅତ୍ୟନ୍ତ ଆନନ୍ଦର ପର୍ବ ପାଳନ କରନ୍ତି । ହୋଲି ପର୍ବ ଉପଲକ୍ଷେ ସମସ୍ତ ଜନସାଧାରଣଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ।

## ହୋଲି


ଡଃ ମାଙ୍ଗଳିକା ମହାପାତ୍ର




ହୋଲି ଏକ ହିନ୍ଦୁ ପର୍ବ ଯାହା ବସନ୍ତ ଋତୁରେ ଫଗୁଣ ମାସର ପୂର୍ଣ୍ଣମୀ ତିଥିରେ ପାଳନ କରାଯାଇଥାଏ । ଦୋଳଯାତ ଶ୍ରୀକୃଷ୍ଣଙ୍କ ଗୋପ ଲୀଳାର ନିଦର୍ଶନ । ଏଥିରେ ରାଧା ଦାମୋଦର ଙ୍କ ଗୋପ ଗୋପୀମାନଙ୍କ ସହିତ ରଙ୍ଗ ପିଚକାରୀ ଖେଳ ଶ୍ରୀମଦ୍ ଭାଗବତ ଗୀତା ବର୍ଣ୍ଣିତ ରାସଲୀଳାର ସ୍ମୃତି ବହନ କରିଥାଏ ।

ଏହା ସାରା ଭାରତର ଅତି ଲୋକପ୍ରିୟ ପର୍ବ ଭିତରୁ ଅନ୍ୟତମ । ବସନ୍ତ ଋତୁର ଏହି ଖେଳକୁ ଭାଷା, ବର୍ଣ୍ଣ, ଲିଙ୍ଗ, ପ୍ରାନ୍ତ, ଧର୍ମ ନିର୍ବିଶେଷରେ ସମସ୍ତେ ଉପଭୋଗ କରିଥାନ୍ତି । ଏହି ପର୍ବରେ ଲୋକମାନେ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଘରକୁ ଘର ବୁଲିଥାନ୍ତି । ଫଗୁ ପୁନେଇଁ ଦିନ ସବୁ ବିମାନଙ୍କୁ ଦୋଳ ମଣ୍ଡପରେ ବସାଇ ପାଞ୍ଚଦିନ ବ୍ୟାପି ପୂଜା ଅର୍ଚ୍ଚନା କରାଯାଏ । ବିଭିନ୍ନ ଗ୍ରାମରୁ ଆସିଥିବା ବିମାନମାନଙ୍କର ମନୋରମ ଶୋଭାଯାତ୍ରାକୁ ମେଲଣ କୁହାଯାଏ । ଏହା ପରଦିନ ରଙ୍ଗ ଖେଳ ହୋଇଥାଏ ।

ଓଡ଼ିଶାରେ ଫଗୁଦଶମୀରୁ ଦୋଳ ଯାତ୍ରା ଆରମ୍ଭ ହୋଇଥାଏ । ଏହାର ଗୁରୁତ୍ୱ ବୈଷ୍ଣବ ଧର୍ମ ପରମ୍ପରାର ପ୍ରଚାର ଓ ପ୍ରସାର ସହିତ ଅଙ୍ଗାଙ୍ଗୀ ଭାବେ ଜଡିତ । ତେବେ ଏହା ମୁଖ୍ୟତଃ ଗ୍ରାମ ଗ୍ରାମ ମଧରେ, ଗୋଷ୍ଠୀ ଗୋଷ୍ଠୀ ମଧରେ, ବ୍ୟକ୍ତି ବ୍ୟକ୍ତି ମଧରେ ଏକ ସ୍ନେହ, ସଦ୍ଭାବ ଓ ପାରମ୍ପାରିକ ସୌହାର୍ଦ୍ୟର ପରିଚାୟକ ପର୍ବ ଭାବରେ ପାଳିତ ହୋଇଥାଏ । ପୃଥିବୀରେ ନୂତନ ଶିହରଣ ଜଗାଇ ପାରିବା ଭଳି ଶକ୍ତିରେ ଶକ୍ତିମନ୍ତ ଋତୁରାଜ ବସନ୍ତକୁ ସ୍ୱାଗତ ଜଣାଇବା ପାଇଁ ଦୋଳଯାତ୍ରାର ଆୟୋଜନ ବୋଲି ଗ୍ରହଣ କରାଯାଇଥାଏ ।

ଦୋଳ ସହିତ ବିଭିନ୍ନ ପୁରାଣର କାହାଣୀ ସଂଯୁକ୍ତ ହୋଇ ରହିଛି । ଗୋଟିଏ ପଟେ ରାଧାକୃଷ୍ଣ ପ୍ରେମ ଗାଥାର ଭବ୍ୟ ଉତ୍ତାଳ ଉତ୍ତରଣ ଓ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ପୌରାଣିକ ଆଖ୍ୟାନର ଗୁନ୍ଥନ । ରଙ୍ଗର ରଙ୍ଗୀନ୍ ଖେଳ ଓ ହୋଲିକା ଦହନର ଅଗ୍ନି ଔଜଲ୍ୟ ଏ ଉଭୟ ଦୁଷ୍ଟ ଶକ୍ତି ଉପରେ ଶୁଭଙ୍କର ପ୍ରତୀକର ବିଜୟକୁ ଏହି ପର୍ବ ସହିତ ସମ୍ମିଳିତ କରି ରଖିଛି । ପୁଣି କେତେକଙ୍କ ମତରେ ପ୍ରବଳ ପରାକ୍ରମୀ ରାକ୍ଷସ ମେ ମୃତ୍ୟୁର କାରଣ ଭଗବାନ୍ ହୋଇ ପୃଥିବୀରୁ ପାପର ମାତ୍ରା ହ୍ରାସ କରିଥିବା ଯୋଗୁଁ ଏହି ପର୍ବ ଆୟୋଜିତ ହୋଇଥିଲା ।





ନଡ଼ା ଗଦା କରି ( ଅଗିରା ) ଦୋଳ ପୂର୍ଣ୍ଣିମା ରାତିରେ ବା ହୋଲି ଉତ୍ସବରେ ଯେଉଁ ଅଗ୍ନି ଜ୍ୱଳନର ପରମ୍ପରା ରହିଛି, ତାହା ଭକ୍ତ ପ୍ରହ୍ଲାଦଙ୍କ ପୌରଣିକ ଉପାଖ୍ୟାନ ସହିତ ଜଡିତ । ଏହାକୁ ହୋଲିକା ଦହନ ବୋଲି ମଧ କୁହାଯାଏ । ଓଡ଼ିଆ ପଞ୍ଜିକା ଅନୁସାରେ ଫାଲଗୁନ ମାସର ପୂର୍ଣ୍ଣମୀ ତିଥି ଦୋଳ ପୂର୍ଣ୍ଣିମା ନାମରେ ଅଭିହିତ ।

ଏହି ପର୍ବର ମୁଖ୍ୟ ଆରାଧ ଠାକୁର ରାଧା ଓ କୃଷ୍ଣଙ୍କ ନିକଟରେ ଏହି ଦିନଠାରୁ ଅବିର ଅର୍ପଣ କରାଯାଇଥାଏ । ଠାକୁରଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଦ୍ୱାରରେ ଅର୍ପିତ ଭୋଗକୁ ଦ୍ୱାରୀ ଭୋଗ କୁହା ଯାଇଥାଏ । ଦୋଳପୂର୍ଣ୍ଣମୀ ଦିନ ସାଧାରଣତଃ ଠାକୁରମାନଙ୍କ ଦୋଳ ମଣ୍ଡପରେ ପୂଜା ଅର୍ଚ୍ଚନା କରାଯାଏ ଓ ସେଠାରେ ଠାକୁରମାନେ ଦୋଳି ଖେଳନ୍ତି । ତାଙ୍କୁ ନାଲି ଅବିର ଅର୍ପଣ କରାଯାଏ ।

ରଥଯାତ୍ରା ଓ ଦେବସ୍ନାନ ପୂର୍ଣ୍ଣିମାକୁ ବାଦ ଦେଲେ ଦୋଳଯାତ୍ରା ପୁରୀ ମନ୍ଦିରର ଏକ ବିଶିଷ୍ଟ ପର୍ବ । ଦୋଳରେ ଦୋଳ ଗୋବିନ୍ଦଙ୍କୁ ଦେଖିଲେ ଆଉ ପୁନର୍ଜନ୍ମ ହୁଏନାହିଁ ବୋଲି ବିଶ୍ୱାସ ରହିଛି । ବୈଷ୍ଣବ ଧର୍ମର ଅନ୍ୟତମ ପ୍ରସିଦ୍ଧ ରଚନା ଶ୍ରୀ ଜୟଦେବ ବିରଚିତ ଶ୍ରୀ ଗୀତଗୋବିନ୍ଦରେ ବସନ୍ତରାସରେ ଏହା ବର୍ଣ୍ଣିତ ହୋଇଛି । ଜଗନ୍ନାଥଙ୍କୁ ବିଭିନ୍ନ ନାମରେ ବିଭିନ୍ନ ମାସରେ ପୂଜା କରାଯାଇଥାଏ । ସେଥି ମଧରୁ ଫାଲଗୁନ ମାସରେ ତାଙ୍କର ନାମ ଗୋବିନ୍ଦ, ଏଣୁ ଫାଲଗୁନ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିଟି ଗୋବିନ୍ଦ ଦ୍ୱାଦଶୀ ନାମରେ ସୁପ୍ରସିଦ୍ଧ । ଶ୍ରୀକ୍ଷେତ୍ର ପୁରୀ ଠାରେ ଶ୍ରୀ ଜଗନ୍ନାଥ ଏକ ଲୋକାୟତ ପରମ୍ପରା ରୂପେ ଦୋଳ ଯାତ୍ରାକୁ ବୈଷ୍ଣବୀୟ ଢ଼ଙ୍ଗରେ ପାଳନ କରନ୍ତି । ଏହା ଚାଚେରୀ ଲୀଳା ନାମରେ ପରିଚିତ ।

ଆଜି ରଙ୍ଗ ଓ ପ୍ରେମର ପର୍ବ ହୋଲି । ଫାଲଗୁନ ପୂର୍ଣ୍ଣିମା, ବସନ୍ତର ପୂର୍ଣ୍ଣତା ତଥା ସୌନ୍ଦର୍ଯ୍ୟର ପୂର୍ଣ୍ଣତା ରେ ପାଳନ ହୁଏ ରଙ୍ଗର ପର୍ବ ହୋଲି । ରଙ୍ଗ ହିଁ ତ ସୌନ୍ଦର୍ଯ୍ୟର ପ୍ରତୀକ । ସେ ରଙ୍ଗ ଋତୁ ଫୁଲର ପ୍ରାକୃତିକ ରଙ୍ଗ । ପ୍ରୀତି ପୂର୍ବକ ରଙ୍ଗେଇ ହେବାର ପର୍ବ । ପ୍ରତ୍ୟେକ ରଙ୍ଗ ଆଧାତ୍ମିକ ଅର୍ଥ ବହନ କରିଥାଏ ।

(ଅବଶିଷ୍ଟାଂଶ ପୃଷ୍ଠା ୭ରେ)



## ରଙ୍ଗଖେଳ

### ରତ୍ନାକର ରାଉତ



ଝରକା ବାହାରେ ଖାଁ ଖାଁ ରାସ୍ତା
ଲମ୍ବିଅଛି ଠିକ୍ ଆଜିର ଜୀବନ ପରି ।
ଏବେ ବଂଧୁ ଆସି ପହଂଚିବେ
ରଙ୍ଗ ବୋଳି ହୋଇ ବିବର୍ଣ୍ଣ ଦିଶୁଥିବେ
ଅପେରା ପାର୍ଟିର ଜୋକର ଭଳି
ଡାକିବେ, ଆସ ବାହାରକୁ
ଆଜି ଆଉ ଛପିଲେ ହେବନି ।

ସକଳ ଅନିଚ୍ଛା ସତ୍ତ୍ୱେ ଆସି ଉଭା ହେବାକୁ ହେବ
ବିନା ବାକ୍ୟ ବ୍ୟୟରେ କରି ନେବାକୁ ହେବ
ରଙ୍ଗରେ ଏକ ପ୍ରଲେପ ଆପାଦ ମସ୍ତକ ।
ତା'ପରେ ସାମିଲ ହେବାକୁ ହେବ ସଭିଙ୍କ ସହିତ
ସେତେବେଳେ ତାଳରୁ ତଳିପା ଚିହ୍ନି ହେଉ ନଥିବ
ନିଜର ସାରା ଅବୟବ ।

କେତେ ରଙ୍ଗ ଆଉ ବୋଳି ହେବାକୁ ହେବ ଜୀବନରେ
ପ୍ରତି ମୁହୂର୍ତ୍ତରେ ତ' ମୁହଁରେ ରଙ୍ଗମାଖି ମଣିଷ ଏଠି
ଅଭିନୟରେ ଅବତୀର୍ଣ୍ଣ ।
କେତେବେଳେ ନାୟକ ତ କେତେବେଳେ ଖଳନାୟକ,
ପୁଣି କେବେ କେବେ ଦର୍ଶକର ଆସନରେ ଆସୀନ ।
ପ୍ରତିକ୍ଷଣ ଅଭିନୀତ ହେଉଛି କେତେ ନାଟକ ମଂଚରେ ।
ପ୍ରେକ୍ଷାଳୟରେ କେତେବେଳେ ଶ୍ମଶାନର ନୀରବତା ତ',
କେତେବେଳେ ପରିପୂର୍ଣ୍ଣ କୋଳାହଳ ।
ଏବେ ଦେହ ଓ ମୁହଁରେ ଅନେକ ରଙ୍ଗରେ ଆସ୍ତରଣ,
ବାହାରେ ଚିକ୍‌ଚିକ୍ ଚମକୁଛି ମାଛର କାତି ପରି ।
ଭିତର ଉଇ ହୁଂକାରେ ବାସ କଲେଣି ବିଷାକ୍ତ ସରୀସୃପ
ପଲସ୍ତରା ଛାଡ଼ିଯାଇ ଠାଏଁ ଠାଏଁ ଉଠିଲାଣି
ବର, ଅଶ୍ୱତ୍ଥ, ବଉଳ ଓ ଅନେକ ଗୁଳ୍ମଗଛ ।

ଚେର ସଂଧିରୁ ପାଣିଗଳି ସନ୍ତସନ୍ତିଆ ସାରା ଚଟାଣ,
ବୁଲା କୁତିର ପିଠି ପରି ଦିଶୁଛି ଭିତରର ଛବି ।
ନା ତା' ଭିତରେ ଜୀଇଁ ହେଉଛି ଜୀବନ
ନା ଛାଡ଼ି ଯାଇ ହେଉଛି ତାର ମୋହ
ନା ଭୁଲି ଯାଇ ହେଉଛି ଯାହା କିଛି ବଳକା ସ୍ୱପ୍ନ ।
ସଭିଏଁ ହସିଲେ ହସିବାକୁ ହେଉଛି
କାନ୍ଦିଲେ କାନ୍ଦିବାକୁ, ନଚେତ୍ ଆକ୍ଷେପ
ଶୁଣିବାକୁ ହେବ, 'ଅମୁକ ଭାରି ଅସାମାଜିକ' ।
ଯାହା ହାଣ୍ଡିରେ ଭରା ଅଛି ଚାଉଳ
ଆଗକୁ ନଇ ପହଁରା ନାହିଁକି ନାହିଁ ପାହାଡ଼ ଚଢ଼ା
କି' ଅରମା ମଡ଼ା, ଉତ୍ତାଳ ଯମୁନା ଯାହା ପାଇଁ
ହୋଇଯାଉଛି ସ୍ଥିର, ଅଚଳଚଳ
ଅକାତ କାତ ପାଣିରେ ଫିଟି ଯାଉଛି ବାଟ
ସେ ତ' କପାଳିଆ, ଭାଗ୍ୟବାନ ।

ଯା'ର ପରିସ୍ରାରେ ଦୀପାଳି ଜଳୁଛି
ଦିହୁଡ଼ିରେ ଘର ଓଜାଲା
ତାର ଅବା କି' ପରବାୟ
ଘର ବାହାରେ ସବୁଠି ରୋଷଣି, ସବୁଠି ମେଳଣ
ସବୁଠି ଲାଗିଛି ହୋଲି ବହୁବର୍ଣ୍ଣୀ ରଙ୍ଗରେ ।

ଓଧ ସାଙ୍ଗରେ ବାଇ ହେଲେ ବଣଭୁଆ
କେବଳ କେତେଟା ମୁହୂର୍ତ୍ତର ଅଭିନୟ ହିଁ ସାର ।
ତଥାପି ଯଦି ବଂଧୁ ଆସିବେ ଆସନ୍ତୁ
କେତେ ଘଡି ପାଇଁ ହେଲେ ବି ରଂଗୀନ ହୋଇଯାଉ ଜୀବନ
ରଂଗର ମହୋତ୍ସବରେ ଗଜୁରିଯାଉ ଆଉ କିଛି ଚାରା ସ୍ୱପ୍ନର ।

ହେଇ ଶୁଭୁଛି ଗେଟ୍ ଖୋଲିବାର ଶବ୍ଦ
ବୋଧହୁଏ ବଂଧୁ ଆସି ଦୁଆରେ ହେଲେଣି ହାଜର ।


♥ ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬


## ଗଂଜାମ ସହରର ଦୋଳଯାତ୍ରା

### ଡକ୍ଟର ମନୋରଞ୍ଜନ ବିଷୋୟୀ





ପ୍ରାଚୀନ ସମୟରେ କଳିଙ୍ଗ ନାମରେ ବିଦିତ ଏକ ସମୃଦ୍ଧଶାଳୀ ପରମ୍ପରାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ ଭାବରେ ଗଂଜାମ ଅଞ୍ଚଳ ସୁପରିଚିତ । ଆଧୁନିକ ଓଡ଼ିଶାର ମାନଚିତ୍ରରେ ଗଂଜାମ ନାମକ ପ୍ରଶାସନିକ ନାମକରଣରୁ ଗଢ଼ିଉଠିଥିବା ଗଂଜାମ ଜିଲ୍ଲା ଗଂଜାମ ସହରକୁ ନେଇ ଗର୍ବିତ ହେବା ସ୍ୱାଭାବିକ । ପ୍ରଶାସନର ସୁପରିଚାଳନା ନିମନ୍ତେ ଇଂରେଜମାନେ ଏହି ଅଞ୍ଚଳକୁ ନିର୍ବାଚିତ କରିଥିଲେ । ପୋତାଗଡ଼ର ଭଗ୍ନାବଶେଷ ଏହି ସ୍ମୃତିକି ଉଜ୍ଜୀବିତ କରିଥାଏ । ଅତୀତରେ ଯେ ଗଂଜାମ ଏକ ସମୃଦ୍ଧଶାଳୀ ଜନପଦର ଗୌରବ ବହନ କରିଥିଲା ତାହା ନିଃସନ୍ଦେହରେ କୁହାଯାଇପାରେ । ମହାଭାରତୀୟ ସାଂସ୍କୃତିକ ପରମ୍ପରାରେ ପ୍ରାଚୀନ କଳିଙ୍ଗ ଆପଣାର ସାଂସ୍କୃତିକ ବୈଚିତ୍ର୍ୟକୁ ନେଇ ଥିଲା ବେଶ୍ ସୁପରିଚିତ । ସମତଳ, ଉପକୂଳ ଓ ପାର୍ବତ୍ୟାଞ୍ଚଳ, ତ୍ରିବିଧ ବୈଚିତ୍ର୍ୟର ସମାହାରରେ ଏହାର ସଂସ୍କୃତି ଥିଲା ବର୍ଣ୍ଣାଢ଼୍ୟ । ମୁଖ୍ୟତଃ କୃଷିଭିତ୍ତିକ ଜୀବନଧାରାକୁ ଆଦରି ନେଇଥିବା ଏହି ଜନଜାତି ପରବର୍ତ୍ତୀ ସମୟରେ ବହୁ କାର୍ଯ୍ୟକ୍ରମ ମାଧ୍ୟମରେ ଆପଣାର ଆଧ୍ୟାତ୍ମିକ ବିଶ୍ୱାସ, ସାଂସ୍କୃତିକ ବୈଶିଷ୍ଟ୍ୟକୁ ବିଭିନ୍ନ ପୂଜାପାର୍ବଣ, ମେଳଣ ମହୋତ୍ସବ ମାଧ୍ୟମରେ ପାଳନ କରୁଥିବା ଲକ୍ଷ୍ୟ କରିହୁଏ । ଏହି ଧାରାରେ ଫାଲଗୁନ ମାସର ଦୋଳପୂର୍ଣ୍ଣିମା ଏକ ସ୍ୱତନ୍ତ୍ର ବୈଶିଷ୍ଟ୍ୟ ନେଇ ପାଳିତ ହୋଇଥାଏ । ଦୋଳପୂର୍ଣ୍ଣିମା ପାଳନର ଏକ ସ୍ୱତନ୍ତ୍ର ମହତ୍ତ୍ୱ, ଗଂଜାମ ସହରର ଦୋଳ ମହୋତ୍ସବ ଅବସରରେ ଲକ୍ଷ୍ୟ କରିହୁଏ ।

ଗଂଜାମ ସହରର ଦୋଳ ମହୋତ୍ସବ ଖୁବ୍ ପ୍ରାଚୀନ କାଳରୁ ପାଳିତ ହୋଇ ଆସୁଥିବା ବିଶ୍ୱାସ କରାଯାଏ । ସମ୍ଭବତଃ ୧୭୮୩ ମସିହାରୁ ଗଂଜାମ କଲେକ୍ଟର ସ୍ନଡଗ୍ରସ୍‌ଙ୍କ ଉଦ୍ୟମରେ ଏହା ମେଳଣ ପଡ଼ିଆ ଅଭାବରେ ଜାତୀୟ ରାଜପଥରେ ପାଳନ କରିବା ଏବଂ ଏହି ମର୍ମରେ ୨୪ରୁ ୪୮ ଘଣ୍ଟା ପର୍ଯ୍ୟନ୍ତ ଜାତୀୟ ରାଜପଥ ବନ୍ଦ ରହିବା ନିମନ୍ତେ ତମ୍ବାପଟାରେ ଲିଖିତାଦେଶ ରହିଥିଲା । ତାହା ଏଯାବତ୍ ପାଳନ ହୋଇ ଆସୁଥିଲା, କିନ୍ତୁ ଗତ କିଛି ବର୍ଷ ଧରି ବାଇପାସ୍ ଦେଇ ଗାଡ଼ି ଯାତାୟତ କରିବା ଫଳରେ ଗଂଜାମ ସହର ଦେଇ ଯାଇଥିବା ରାସ୍ତା ବନ୍ଦର ଆବଶ୍ୟକତା ଦୂର ହୋଇଛି । ଲୋକମୁଖରେ ପ୍ରଚଳିତ ଅଛି ଯେ ସାମନ୍ତରା ସାହି ନିବାସୀ ସୁପ୍ରସିଦ୍ଧ ସାମନ୍ତରା ବଂଶର ଆଧ୍ୟାତ୍ମବାଦୀ ପୁରୁଷ ସ୍ୱର୍ଗତ ଗଦାଧର ସାମନ୍ତରାୟ ଏହି ଯାତ୍ରାକୁ ଆରମ୍ଭ କରିଥିଲେ । ଏହି ଆଧ୍ୟାତ୍ମିକ ପୁରୁଷ ବୃନ୍ଦାବନରେ ଦୀର୍ଘ ୪୫ ଦିନ ବ୍ୟାପୀ (ଶ୍ରୀପଞ୍ଚମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ) ପାଳିତ ହୋଇ ଆସୁଥିବା ଦୋଳପର୍ବକୁ ୫ ଦିନ ମଧ୍ୟରେ (ଫାଲ୍‌ଗୁନ ଶୁକ୍ଳ ଏକାଦଶୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ) ପାଳନ କରିବା ନିମନ୍ତେ ବୃନ୍ଦାବନର ଆଧ୍ୟାତ୍ମମଣ୍ଡଳୀ ଠାରୁ ସ୍ୱୀକୃତି ଲାଭ କରିଥିଲେ । ସେହିଠାରୁ ଶ୍ରୀ ଶ୍ରୀ ମଦନ ମୋହନ ଗୋପାଳ ସ୍ୱାମୀ ମହାପ୍ରଭୁ କୃଷ୍ଣଙ୍କ ପ୍ରସ୍ତର ବିଗ୍ରହ ଓ ଶ୍ରୀ ଶ୍ରୀ ରାଧାରାଣୀଙ୍କ ପିତ୍ତଳ ବିଗ୍ରହ ଗଂଜାମ ଆଣିଥିଲେ । ପ୍ରବାଦ ଅଛି ଏହି ବିଗ୍ରହଗୁଡ଼ିକୁ ଆପଣାର ମସ୍ତକରେ ବହନ କରି ସେ ଦୀର୍ଘ ପଥ ଅତିକ୍ରମ କରି ଗଂଜାମ ଠାରେ ପ୍ରତିଷ୍ଠା କରିଥିଲେ । ଶ୍ରୀଯୁକ୍ତ ସାମନ୍ତରାୟ ଏକ ବିଶାଳ ପୋଖରୀ ନିର୍ମାଣ କରି ତା'ର ପଶ୍ଚିମକୂଳରେ ଶ୍ରୀ ଶ୍ରୀ ମଦନ ମୋହନ ଓ ଶ୍ରୀରାଧାରାଣୀଙ୍କ ବିଗ୍ରହ ପ୍ରତିଷ୍ଠା ପରିବା ସହ ଏହି ଦୋଳଯାତ୍ରା ପ୍ରଚଳନ କରିଥିଲେ । ଅତୀତରେ ମଦନମୋହନଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ କାଳକ୍ରମେ ପ୍ରତ୍ୟେକ ସାହିରେ ଗୋଟିଏ ଗୋଟିଏ ବିଷ୍ଣୁ ମନ୍ଦିର ନିର୍ମାଣ ନିମନ୍ତେ ସାହିବାସୀଙ୍କୁ ଉତ୍ସାହିତ କରିଥିଲା । ବିଭିନ୍ନ ସାହିରେ ଗଢ଼ିଉଠିଥିବା ଠାକୁର ମନ୍ଦିର ଏହି ଦୋଳ ଉତ୍ସବରେ ସାମଗ୍ରିକ ଭାବରେ ଯୋଗ ଦେଇଥିଲେ । ଗଂଜାମ ସହରରେ ଦୋଳଯାତ୍ରା ନିମନ୍ତେ ଶ୍ରୀପଞ୍ଚମୀ ତିଥିରୁ ଆୟୋଜନ ଆରମ୍ଭ ହୁଏ । ଶ୍ରୀପଞ୍ଚମୀ ଦିନ ସାହି ବାସିନ୍ଦାମାନେ ଆପଣା ଆପଣା ମନ୍ଦିର ପ୍ରାଙ୍ଗଣରେ ଏକତ୍ରିତ ହୋଇ ଠାକୁରମାନଙ୍କୁ ଅବୀର ଲାଗି କରାନ୍ତି । ଫାଲଗୁନ ଏକାଦଶୀ ତିଥିରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ସାହି ପରିକ୍ରମା କରନ୍ତି । ଆଲଟ, ଚାମର, ଶଙ୍ଖ, ଘଣ୍ଟ, କାହାଳୀ ଓ ମୃଦଙ୍ଗର ତାଳେ ତାଳେ ସୁସଜ୍ଜିତ ବିମାନ ଉପରେ ଆରୁଢ଼ ଠାକୁରମାନେ ପ୍ରତ୍ୟେକ ଘରର ଭୋଗ ଗ୍ରହଣ କରନ୍ତି । ଦ୍ୱାଦଶୀ ଦିନ ରାତିରେ ଠାକୁରମାନେ ଶୋଭାଯାତ୍ରାରେ ବାହାରି ସାହି ପରିକ୍ରମା କରନ୍ତି । ନୃତ୍ୟଗୀତର କାର୍ଯ୍ୟକ୍ରମ ମଧ୍ୟ ଏହି ସମୟରେ ଅନୁଷ୍ଠିତ ହୋଇଥାଏ । ତ୍ରୟୋଦଶୀ ତିଥିରେ ପ୍ରତ୍ୟେକ ସାହିର ଠାକୁର ସୁଶୋଭିତ କୁଞ୍ଜ ବିମାନରେ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜାତୀୟ ରାଜପଥ ସଂଲଗ୍ନ ବଡ଼ବଜାରରେ ସମବେତ ହୁଅନ୍ତି । ଅପରାହ୍ଣରେ ଠାକୁରମାନେ ଛତ୍ରତୋରଣ, ସଙ୍ଗୀତ, ନାଚ ସହ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି । ଠାକୁରମାନଙ୍କ ଭୋଗରାଗ ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲେ, ଠାକୁରମାନଙ୍କ ପୂଜକମାନେ ପରମ୍ପରା ଅନୁଯାୟୀ ରାଜାଗ୍ନି ପ୍ରଜ୍ୱଳିତ କରିଥାନ୍ତି । ଠାକୁରମାନଙ୍କ ଆଗରେ ନାଚଗୀତର ଶୁଭାରମ୍ଭ କରାଯାଏ । ଜିଲ୍ଲାର ବହୁ ଅଞ୍ଚଳରୁ ହଜାର ହଜାର ଭକ୍ତ ଏହି ଉତ୍ସବରେ ଯୋଗ ଦେଇଥାନ୍ତି । ମାନବ ମନରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରିବା ସହ ଏଠାରେ ମନୋରଞ୍ଜନ ମାଧ୍ୟମରେ ଭାଇଚାରା ସୃଷ୍ଟି ହୋଇଥାଏ । ଗଂଜାମ ସହର ଦେଇ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଖୋଲିଯାଏ ଅସଂଖ୍ୟ ବିପଣୀ । ଆଖପାଖ ଅଞ୍ଚଳର ବିଭିନ୍ନ ଦ୍ରବ୍ୟ ଏଠାରେ ବିକ୍ରି ନିମନ୍ତେ ପ୍ରଦର୍ଶିତ ହୋଇଥାଏ । ଗଂଜାମ ସହର ବ୍ୟତୀତ ଦାମୋଦରପୁର, ପୁଇଁତୋଳା, ସୂର୍ଯ୍ୟନାରାୟଣପୁର ଓ ବିଞ୍ଛଣାପଲ୍ଲୀ ଆଦି ଗ୍ରାମର ପ୍ରାୟ ୧୫ରୁ ଉର୍ଦ୍ଧ୍ୱ ବିମାନ ମେଳଣ ଦାଣ୍ଡରେ ଏକତ୍ରିତ ହୁଏ । ଏଥି ମଧ୍ୟରେ ଗଂଜାମର ଶ୍ରୀ ଶ୍ରୀ ରାମେଶ୍ୱର ମହାଦେବ ଓ ପୁଇଁତୋଳାର ଶ୍ରୀ ଶ୍ରୀ ବୀର ହନୁମାନଙ୍କ ବ୍ୟତୀତ ଅନ୍ୟ ସବୁଗୁଡ଼ିକ ଥାଏ ରାଧାକୃଷ୍ଣଙ୍କ ଯୁଗଳ ପ୍ରତିମା । ପୂର୍ଣ୍ଣିମା ଦିନ ଅପରାହ୍ଣରୁ ଅବିରରେ ବିଭୂଷିତ ଭକ୍ତମାନଙ୍କ ଗହଣରେ ଠାକୁରମାନେ ମନ୍ଦିର ଫେରନ୍ତି । ଚଣା, ସାକର, ଆମ୍ବ ପ୍ରଭୃତି ଭୋଗଲାଗି ହେବାପରେ ପବିତ୍ର ଦୋଳଯାତ୍ରା ଉଦ୍‌ଯାପିତ ହୁଏ । ଗଂଜାମର ୧୩ଟି ସାହି ନିକଟସ୍ଥ ଦାମୋଦରପୁର, ପୁଇଁତୋଳା, ସୂର୍ଯ୍ୟନାରାୟଣପୁର ଓ ବିଞ୍ଛଣାପଲ୍ଲୀ ଗ୍ରାମର ସମସ୍ତ ଠାକୁର ଏହି ଦୋଳଯାତ୍ରାରେ ଅଂଶଗ୍ରହଣ କରିଥାନ୍ତି ।

ସଂକ୍ଷେପରେ କହିଲେ ଗଂଜାମର ଦୋଳଯାତ୍ରା ହେଉଛି ଏକ ସାମାଜିକ ମହୋତ୍ସବ । ଏହି ଅବସରରେ ବିଭିନ୍ନ ସାହିର ଜନତାଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଥାଏ । ସାହି ସାହି ଭିତରେ ଶୋଭାଯାତ୍ରା ଓ ବିମାନ ସଜ୍ଜାକୁ ନେଇ ଆରମ୍ଭ ହୋଇଥାଏ ପ୍ରତିଯୋଗିତା । ଦୋଳଯାତ୍ରାକୁ ଅପୂର୍ବ ରୂପ ପ୍ରଦାନ କରିବା ପାଇଁ ସାମୂହିକ ଉଦ୍ୟମ ଆରମ୍ଭ ହୋଇଥାଏ । ଯଥାର୍ଥରେ କହିଲେ ଏହି ସମୟ ବେଳକୁ କୃଷିକର୍ମରୁ ସାମୟିକ ଅବ୍ୟାହତି ପାଇଥାଏ ସରଳ ମଣିଷ । ଏହି ଅବସର ସମୟକୁ ଭଗବତ୍ ଚେତନା ଜାଗ୍ରତ ଏବଂ ସାହି ସାହି ମଧ୍ୟରେ ସହୃଦୟତା ସୃଷ୍ଟି କରିବା ନେଇ ଏପରି ଏକ ଦୋଳ ମହୋତ୍ସବ ପରିକଳ୍ପିତ ହୋଇଥବା ଅଧିକ ସତ୍ୟ ମନେହୁଏ । ବିପୁଳ ଜନତାର ସମାବେଶ, ନୃତ୍ୟ, ଗୀତ ତାଳେ ତାଳେ ଓଡ଼ିଆ ମାନବର ଏକନିଷ୍ଠ ବିଶ୍ୱାସ ଓ ଭକ୍ତିଧାରାର ପ୍ରତିଫଳନକୁ ଏ ଅବସରରେ ଲକ୍ଷ୍ୟ କରିହୁଏ । ବାସ୍ତବିକ କହିବାକୁ ଗଲେ ଏହା ହେଉଛି ମାନବୀୟ ସଂପ୍ରୀତି ଓ ଆଧ୍ୟାତ୍ମିକ ଜାଗରଣର ଏକ ପ୍ରମୁଖ ଉତ୍ସବ ।


♥ ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ
ମୋ: ୮୮୯୫୧୪୧୭୨୭


## ହୋଲି-ତିନୋଟି ସ୍କେଚ୍

### ଅନସୂୟା ପଣ୍ଡା



॥ ୧ ॥

ଛୋଟ ବେଳେ ହୋଲି ଆସୁଥିଲା
ଚପଳଛନ୍ଦରେ ଗୋଟେ ପିଚକାରୀ,
ପୁରୁଣା ଫ୍ରକରେ
ମୁଣ୍ଡଫଟା ରଙ୍ଗର କୁଣ୍ଡେ ପାଣିରେ
ବୋଉର ଚକୁଳି ପିଠାରେ।
ଆମେ କେତେ ଜଣ ସାଙ୍ଗ ସାଥିରେ
ନିଷ୍ପାପ ଓଠରେ ଖୁସିର ଅସୁମାରି କଥା
ହସରେ ଉଛୁଳୁଥିଲା ଗାଁ ଦାଣ୍ଡ
ବସନ୍ତର ଶେଷକଥା ହୋଲିରେ ହଜି ଯାଉଥିଲି
ରଙ୍ଗର ଶ୍ରାବଣ ଆଉ, ବିଭୋର ଫଗୁଣ ପରି।
ମୁଁ ଖୁବ ମତୁଆଲା ଥିଲି
କିରି କିରି ହସରେ ଫୁଲ ପରି
ଆସନ୍ତାକି ସେ ଛୋଟ ବେଳ
ଚିନ୍ତା ଶୂନ୍ୟ କେରାଏ ଜୀବନ।

॥ ୨ ॥

ପୁଣି ମୁଁ କିଶୋରୀ ହେଲି
ରଙ୍ଗର ବହଳ ଆସ୍ତରଣ ମନତଳେ
ସମସ୍ତଙ୍କ ଅଲକ୍ଷରେ ରଙ୍ଗର ମୁଗ୍ଧ ଉପବନ,
ଆଶାପର୍ଣ୍ଣ ମନର ପ୍ରାଙ୍ଗଣ
ବସନ୍ତର ସମୀରଣେ ଶିହରିତ ମନ ପ୍ରାଣ।
କଳ୍ପନାରେ ବିଭୋର ପ୍ରତି ଲଗ୍ନ
ମନର ପ୍ରତି ପ୍ରାନ୍ତେ ମଧୁମାଳତୀ ଛନ ଛନ
ସତେରେ ଯେମିତି ମୋ ଚାରି ପାଖେ
ମୋହନ ବଂଶୀର ସ୍ୱନ,
ପିଚକାରୀର ଅନନ୍ୟ ସ୍ପନ୍ଦନ।
ମନର ତଟରେ ଅସାମାନ୍ୟ ଉନ୍ମାଦିତ ଢେଉ
ବିମୁଗ୍ଧ କରୁଛି ତୋଳି ପ୍ରୀତିର ଅନ୍ଦିଶା
ମୁଁ ମୁଁ ହେଇ ରହେନା ଜଡେଇ ଦିଏ
ହୋଲିର ରଙ୍ଗରେ ରଙ୍ଗୋଲିଟେ ହେଇ।

॥ ୩ ॥

ଏବେ ପୁଣି ବୟସର ଗଡାଣିରେ
ହୋଲି ଦାୟିତ୍ୱର ଅଝଟ ପଣତରେ
ହୋଲିର ପ୍ରସ୍ତୁତି ଏବେ ମୋ ହାତରେ
ପିଠା ମିଠା, ଫଗୁର ସ୍ନେହ ଭିଜା ଅର୍ଦ୍ଧଳିରେ।
ପୁଣି ଉତ୍ସାହର ତାତି ନୁଖୁରା ମନରେ
ସ୍ମୃତିର ଫର୍ଦ୍ଦକୁ କରେ ମନ୍ଥନ ମନରେ
ଆସନ୍ତାକି ଫେରି ପୁଣି ସେ ସମୟ
ଅଜସ୍ର ରଙ୍ଗର ମହକରେ।


♥ ବୁର୍ଲା, ସମ୍ବଲପୁର
ମୋ: ୯୪୩୯୨୧୧୯୭୧


## ରଙ୍ଗ

### ସୁନନ୍ଦା ମହାନ୍ତି



ରଙ୍ଗ ପ୍ରେମର ପ୍ରତୀକ
ରଙ୍ଗ ଫୁଲର ମହକ
ରଙ୍ଗରେ ଭରା ଏ ଗୋଲକ
ରଙ୍ଗ ବିହୀନ ଜୀବନ ଅଳୀକ
ରଙ୍ଗରେ ଭରି ସେ ସିନ୍ଦୁକ
ରଙ୍ଗେ ରଙ୍ଗାୟିତ ହୁଅନ୍ତି ଆସ୍ତିକ
ରଙ୍ଗ ପା ମେଞ୍ଚାଏ କୁହୁକ
ରଙ୍ଗ ନାବିକ ବୋଲାଏ ବଣିକ
ରଙ୍ଗ ଡାକରେ ଡାହୁକ
ରଙ୍ଗ ବାର୍ତ୍ତାର ବାହକ
ରଙ୍ଗ ଫଗୁଣ ପୁଲକ
ରଙ୍ଗ ମଳୟ ସାତ୍ତ୍ୱିକ
ରଙ୍ଗ ଶ୍ରାବଣେ ସ୍ଫଟିକ
ରଙ୍ଗ ବସନ୍ତ ଫଳକ
ରଙ୍ଗ ବର୍ଷାର ବାହକ
ରଙ୍ଗ କବିର ଭାବର ଭାବୁକ
ରଙ୍ଗ ରାଧାଙ୍କ ପ୍ରତିଫଳକ
ରଙ୍ଗ କୃଷ୍ଣଙ୍କ ନିଃଶୁଳ୍କ ରକ୍ଷକ
ରଙ୍ଗର ମାନସାଙ୍କ ତମାମ ବର୍ଷକ
ରଙ୍ଗ ଆଣିଛି ହୋଲି ଅଭିଷେକ ।


♥ ସାକ୍ଷୀଗୋପାଳ, ପୁରୀ
ମୋ: ୭୦୦୮୯୪୨୨୧୫


## ହୋଲି ଆସିଛି...

### କୃଷ୍ଣା ମିଶ୍ର



ମଦମତ୍ତ ମଳୟ ବହୁଛି,
ରଙ୍ଗର ଫୁଆରା ଉଠୁଛି,
ରଙ୍ଗେଇ ଦେଇଛି ତନୁ ମନ....
କହ୍ନେଇ ର ବଂଶୀ ସ୍ୱନ,
ଭିଜାଇ ବିଦଗ୍ଧ ମନ,
ହୋଲି ଆସିଛି.....

ଭାଙ୍ଗି ଦିଅ ଭେଦ, କପଟ ପ୍ରାଚୀର,
ସୃଷ୍ଟି ହେଉ ଶବ୍ଦର ସାମୂହିକ ଛନ୍ଦ!
ମହକି ଯାଉ ମହୁଲର ଗନ୍ଧ,
ଛଳ ଛଳ ପଳାସର ରଙ୍ଗ,
ଅପସାରି ନିଅ ହୃଦୟର ଦୂରତା,
ଦେଖ! ହୋଲି ଆସିଛି....

ଭାବ ର ସ୍ପନ୍ଦନ ହେଉ ମତୁଆଲା,
ବାଜି ଉଠୁ ରୁଣୁ ଝୁଣୁ,
ଚୁଡ଼ି କଙ୍କଣ, ଆଉ
ଛମ ଛମ ରାଗିଣୀରେ ନୂପୁର,
ଚଉଦିଗେ ବରଷଇ ରାସର ରଙ୍ଗ!
ହୋଲି ଆସିଛି.....

ଶ୍ରୀକୃଷ୍ଣଙ୍କ ରାସ ଲୀଳା,
ଶ୍ରୀରାଧାଙ୍କ ପ୍ରୀତି ବୋଳା,
ଅସରା ସ୍ମୃତି ର ଅଦ୍ଭୁତ ପାର୍ବଣ,
ଆଖିରେ ଆଖିଏ
ଅକୁହା କଥା ଭରି,
ହୋଲି ଆସିଛି.....


♥ ଅଧ୍ୟାପିକା, ଓ.ପି.ଜିନ୍ଦଲ ବିଦ୍ୟାଳୟ
ରାୟଗଡ଼, ଛତିଶଗଡ
ମୋ: ୯୩୦୧୦୧୨୩୩୩


## ଆସିଛି ହୋଲି

### ଜନ୍ମଜୟ ନାୟକ

ଫଗୁଣ ଆଣିଛି ରଂଗର ପସରା
ସାଥେ ଖୁସିର ସମ୍ଭାର,
ଗୋବିନ୍ଦ ଭିଜାନ୍ତି ଶ୍ରୀରାଧାଙ୍କ ଅଙ୍ଗ
ମାଖି ପୀରତି ଅବିର ।

ଆସିଛି ଏ ହୋଲି ରଂଗର ରଙ୍ଗୋଲି
ଦୋଳବିମାନେ ଶ୍ରୀହରି,
ରଂଗବେରଂଗର ଅବିର ଖେଳରେ
ରାଗରୁଷା ଯାଉସରି ।

ତୁମ ଗୋରା ଗାଲେ ଲାଗି ନାଲି ରଂଗ
କିଣି ନେଉଛି ମୋ ମନ,
ତୁମେ ଆସି ଖୁସି ରଂଗ ମାଖିଦେଲ
ରଂଗୀନ କଲ ଜୀବନ।

ଆସିଲ ଯଦି ଏ ଜୀବନକୁ ମୋର
ଯିବ ନାହିଁ ଏକାକରି,
ସବୁଦିନ ଆମ ହୋଲିପରି ହେବ
ଦୁଃଖଯିବ ଅପସରି।

ପୀରତି ରଂଗର ବରଷାରେ ଭିଜି
ହୃଦେ ପ୍ରେମନିଶା ଜାଗେ,
ଚାତକ ପରି ମୁଁ ରହିଥିଲି ଚାହିଁ
ରଙ୍ଗିବାକୁ ତୁମ ସାଙ୍ଗେ।


♥ ଗଣିତ ଶିକ୍ଷକ
ଗୋପୀନାଥଜୀଉ ସରକାରୀ ଉଚ୍ଚବିଦ୍ୟାଳୟ
ଜଗତସିଂହପୁର
୯୩୩୭୮୦୦୫୬୫


## ଅଷ୍ଟାଙ୍ଗ ଯୋଗ

### ଯୋଗୀ କୃପାସିନ୍ଧୁ ମୁନି



ଯୋଗ ଅଟେ ଅଥ ଯୋଗାନୁ ଶାସନ
ଯୋଗଶିକ୍ଷା ଉପଦେଶ
କାହାକୁ କହନ୍ତି ଯୋଗ ଚିତ୍ତବୃତ୍ତି
ଜାଣିବା ଏହା ଅବଶ୍ୟ ।

ଛାଡ଼ି ମୁଢ଼କ୍ଷିପ୍ତ ବିକ୍ଷିପ୍ତ ଏକାଗ୍ର
ଯୋଗ ଅଟେ ଚିତ୍ତ ବୃତ୍ତିନିରୋଧ ।

ଅନ୍ଧବିଶ୍ୱାସ ଛାଡ଼ି ହୃଦୟ ଶବଦ
ଶୁଣୁଥିବ ମନ କର୍ଣ୍ଣ
ନିଜର ପ୍ରକୃତ ପଥପ୍ରଦର୍ଶକ
ଭିତରେ ହିଁ ବିଦ୍ୟମାନ ।

ସଦଗୁରୁ ବାଣୀ ଚତୁଃଷ୍ଟୟତ
ଅଷ୍ଟାଙ୍ଗ ଯୋଗ ସାଧନା ଅମୃତ
ଅଭ୍ୟାସ ବୈରାଗ୍ୟ ଭାବ ଆଚରୀବ
ଭକତି ପୋତ ଆରାଧି
ଆସନ ପ୍ରାଣାୟମ ପ୍ରତ୍ୟାହାର ଏହି
ଧାରଣା ଧ୍ୟାନ ସମାଧି ।
ନିତ୍ୟ କରିବାକୁ ଯୋଗ ସାଧନ
କୃପାସିନ୍ଧୁର ଆତ୍ମ ନିବେଦନ ।


♥ ଲୁଣବଳଦା, ଗୋଡ଼ିଖାଳ ଆଶ୍ରମ
ବାଲେଶ୍ୱର


## ଫଗୁ

### ଅରୂପ କୁମାର ବିଶ୍ୱାଳ



ଫଗୁଣ ଆସିଛି ନୂଆବୋହୂ ହୋଇ
ଫଗୁର ଅବିର ଆଣି,
ରଙ୍ଗର ବରଷା ଦିଶେ ଝିଲିମିଲି
ମନ ନେଉଅଛି କିଣି।

ସେନେହର ଫଗୁ ମମତାର ରଙ୍ଗ
ହୃଦୟ ପିଚକାରୀରେ,
ଏକତାର ମନ୍ତ୍ର ଗାଇ ଗାଇ ବୁଲେ
ସହର ଠାରୁ ଗାଆଁରେ ।

ଦୋଳ ବିମାନରେ ଫଗୁ ଖେଳୁଛନ୍ତି
ଗାଁ ଦାଣ୍ଡେ ରାଧା ମାଧବ,
ସବୁ ଗାଆଁ ଲାଗେ ଗୋପପୁର ଆଜି
ଏତ ଆମର ଗରବ।

ନାଲି ନେଳି ଫଗୁ ଲଗାଇଲେ ଆଜି
କାଲି ସବୁ ଲିଭି ଯିବ,
ସ୍ନେହ ପ୍ରେମ ରଙ୍ଗେ ରଙ୍ଗେଇବା ଆସ
ଚିରଦିନ ପାଇଁ ଥିବ।

ମଳୟ ବହୁଛି କୋଇଲି ଗାଉଛି
ଫୁଲର ମହକ ଛୁଟେ,
ଫଗୁଣ ଆଣିଛି ଫଗୁର ମହକ
ଏ ସଂସାର ଚଲାବାଟେ।

ଆମ୍ବ ବଉଳରୁ ଚଣା ଧରିଲାଣି
ଭଅଁର ପାଗଳ ହୁଏ,
ଫୁଲରୁ ଫୁଲକୁ ଉଡି ମହୁମାଛି
ଫଗୁ ଗୀତ କିବା ଗାଏ।

ଜୀବନର ଏଇ ଉଠାଣି ଗଡାଣି
କେବେ ଖରା କେବେ ଛାଇ,
ବରଷକେ ଥରେ ଫଗୁଣ ଆସିଛି
ଫଗୁର ଓଢଣି ଦେଇ।

ଆସ ଆସ ବନ୍ଧୁ ଭୁଲିଯିବା ସବୁ
ଯେତେ ସବୁ ମନାନ୍ତର,
ଫଗୁଣ ଆଣିଛି ଫଗୁର ପସରା
ପରକୁ କରି ନିଜର।

ପ୍ରକୃତି ହସୁଛି ଫଗୁ ସିନ୍ଦୁରରେ
ସାତରଙ୍ଗି ତା ପଣତ,
ପରିବେଶ ହୁଏ ପ୍ରଦୂଷଣ ଏଠି
ମିଳୁନାହିଁ କିଛି ପଥ।

ପ୍ରକୃତିକୁ ଛାଡି କୃତ୍ରିମ ପଛରେ
ହେ ମାନବ କାହିଁ ଧାଅଁ,
ଫଗୁଣର ଫୁଲ ମଉଳି ଯାଉଛି
ଫଗୁ ଝରାଉଛି ଲୁହ।

ପ୍ରକୃତିକ ରଙ୍ଗ କର ବ୍ୟବହାର
ଛାଡି କୃତ୍ରିମର ଲେପ,
ବିଦେଶୀ ଫଗୁଟା ଦେଶକୁ ବିପଦ
ହୁଏ ଏହା ଅଭିଶାପ।

ଫଗୁ ଖେଳ ଯଦି କାଳ ହେବ କା'ର
କାହିଁକି ଖେଳିବା ଏହା,
ମଣିଷ ମଣିଷ ଭାଇଚାରା ଭାବ
ପ୍ରକଟିତ ହେଉ ଦୟା।


♥ ଗୋରଡ, ପାରାଦୀପ


## ଫଗୁଣ ଉତ୍ସବ

### ନିରଞ୍ଜନ ପତି



ଏଇ ଫଗୁଣରେ ଦୋଳ ହୋଲି ହେବ
ଜନସମାଜ କୁ କିଛି ଖୁସି ଦେବ ।
ଏଇ ଫଗୁଣରେ ବିମାନ ବୁଲନ୍ତି
ରାଧାକୃଷ୍ଣ ବୁଲି ଭୋଗ ଖାଉଛନ୍ତି।
ଏଇ ଫଗୁଣରେ ଫୁଟୁଛି ଲୋ ଫୁଲ
କେ ଦେଇ ପାରିବ ଯେତେ ତାର ମୂଲ।
ଏଇ ଫଗୁଣରେ ନବ କିଶଳୟ
ଧରାକୁ କରୁଛି ସଉନ୍ଦର୍ଯ୍ୟମୟ।
ଏଇ ଫଗୁଣରେ ବହୁଛି ମଳୟ
ଝାଞ୍ଜି ଖରା ସତେ କରିବ ପ୍ରଳୟ।
ଏଇ ଫଗୁଣରେ ଦୂରଦେଶେ ପ୍ରିୟା
ଭେଟିବାକୁ ମନ ହାଇଁ ପାଇଁ ଆହା ।
ଏଇ ଫଗୁଣରେ କୋଇଲି ଗାଉନି
ମନ ଗହନକୁ ଆନନ୍ଦ ଦେଉନି।
ଏଇ ଫଗୁଣରେ ଆମ୍ବ ଗଛେ ଚଣା
କେଉଁ ଋତୁ ସତେ ପଡେନାହିଁ ଜଣା ।
ଏଇ ଫଗୁଣରେ କରୋନା ଆତଙ୍କ
କମିଛି ତଥାପି ଛାତି ଦକଦକ।
ଏଇ ଫଗୁଣରେ ନାହିଁ ଖୁସି ବାସ
ଲୋକଙ୍କ ମୁହଁ ରୁ ଲିଭି ଅଛି ହସ।
ଏଇ ଫଗୁଣରେ ପରୀକ୍ଷା ହୋଇବ
ପଢିବାକୁ ଛାତ୍ର କଷଣ ପାଇବ।
ଏଇ ଫଗୁଣରେ ଚାଲିଛି ଲୋ ଯୁଦ୍ଧ
ଛଡାଇ ନେଇଛି ସଭିଙ୍କର ନିଦ।
ଏଇ ଫଗୁଣରେ ଆସ ଖେଳି ହୋଲି
ରାଗ ହିଂସା କ୍ରୋଧ ଯିବା ସବୁ ଭୁଲି।
ଏଇ ଫଗୁଣରେ ଡାକିବା ହେ ପ୍ରଭୁ
ବିଶ୍ୱ ଶାନ୍ତି ପାଇଁ ମନପ୍ରାଣ ଦେବୁ ॥


♥ ଗାନ୍ଧୀ ମାର୍ଗ, ଅନୁଗୋଳ
(ମୋ)୯୯୩୮୧୩୩୫୫୯

## ହୋଲି...

(ପୃଷ୍ଠା ୩ ର ଅବଶିଷ୍ଟାଂଶ)

ସବୁଜ ରଙ୍ଗ ଶ୍ୟାମଳ ବୃକ୍ଷ ରାଜିର ପ୍ରଗତିର ପ୍ରତୀକ, ଲାଲ୍ ରଙ୍ଗ ଶକ୍ତିର ପ୍ରତୀକ, ଗୋଲାପୀ ରଙ୍ଗ ପ୍ରେମର ପ୍ରତୀକ, ଧଳା ରଙ୍ଗ ଶିଶୁ ପରି ନିର୍ମଳତାର ପ୍ରତୀକ, କମଳା ରଙ୍ଗ ତ୍ୟାଗ, ବୈରାଗ୍ୟର ଚିହ୍ନ, ହଳଦିଆ ରଙ୍ଗ ବ୍ରହ୍ମଚର୍ଯ୍ୟ ଓ ଜ୍ଞାନର ସଂବାହକ ହୋଇଥାଏ । ଆଧାତ୍ମିକ ଚିନ୍ତା ଚେତନାର ପରିପ୍ରକାଶ , କ୍ଷଣିକ ପାଇଁ ହେଉ ପଛେ ପ୍ରକୃତିର ଅନନ୍ତ ଅପୂର୍ବ ରୂପ ଛଟାର ଅନୁଭବ । ସୁଖ ଦୁଃଖ ଭରା ଜୀବନର କିଛି ରଙ୍ଗ ସହିତ ନିଜେ ନିଜ ଭିତରେ ଟିକେ ହଜିଯିବା ପାଇଁ ଆସିଛି ରଙ୍ଗର ପର୍ବ ହୋଲି । ହର୍ଷ ଉଲ୍ଲାସର ଏହି ପର୍ବରେ ଚାରିଆଡ଼େ ଥାଏ କେବଳ ରଙ୍ଗ ରଙ୍ଗ ଆଉ ରଙ୍ଗ । ଅବିରର ଏକ ମନ ମତାଣିଆ ସୁଗନ୍ଧ । ଅଧର୍ମର ନାଶ ଓ ଧର୍ମ ପ୍ରତିଷ୍ଠା ପାଇଁ ଭଗବାନ୍ ଶ୍ରୀକୃଷ୍ଣଙ୍କ ଧରାବତରଣ ଓ ତାଙ୍କ ଦଶାବତାରର ଦିବ୍ୟ ଲୀଳା ଖେଳାର ସ୍ୱରୂପ ହେଉଛି ଏହି ହୋଲି ଉତ୍ସବ । ଭାରତୀୟ ସଂସ୍କୃତିରେ ହୋଲି ଉତ୍ସବ ଐଶ୍ୱରୀୟ ଶକ୍ତିର ଉତ୍ସ ଭାବେ ଗ୍ରହଣ କରାଯାଇଛି ।

ଦୋଳପୂର୍ଣ୍ଣିମା ଏବଂ ହୋଲି ଉଭୟ ହେଉଛି ପ୍ରେମ, ଭକ୍ତି ଓ ସ୍ନେହ ଶ୍ରଦ୍ଧା, ସମନ୍ୱୟ, ସଦଭାବନା ଓ ଆତ୍ମୀୟତାର ପର୍ବ । ଏହି ମଧୁର ପର୍ବ ପାଳନ ପରିପ୍ରେକ୍ଷୀରେ ଦ୍ୱେଷ, ବାଦ, ମାନ ,ଅଭିମାନ ଦୂରୀଭୂତ ହୋଇ ଭ୍ରାତୃଭାବ ଉଦ୍ରେକ ପୂର୍ବକ ଜାତୀୟତା ବୋଧର ଉନ୍ମେଷ ହୋଇଥାଏ । ତେଣୁ ସାମାଜିକ ପରମ୍ପରାରେ ଏହି ପର୍ବ ଏକ ଆତ୍ମିକ ଆଲୋଡନ ସୃଷ୍ଟି କରି ବସନ୍ତ ଋତୁର ଶୋଭା ସମ୍ପଦକୁ ଉପଭୋଗ୍ୟ କରାଇ ଆଧାତ୍ମିକ ଚେତନାର ଜୀବ ଓ ଜୀବଜଗତକୁ ଉଦବୁଦ୍ଧ କରାଇଥାଏ ।

+ରେଭେନସା ବିଶ୍ୱବିଦ୍ୟାଳୟ

## ଦୋଳଯାତ୍ରା ଓ ରଙ୍ଗର ପର୍ବ...

(୩ୟ ପୃଷ୍ଠାର ଅବଶିଷ୍ଟାଂଶ) ଏଣୁ ଦୋଳବେଦୀରେ ଅଧିଷ୍ଠିତ ଭଗବାନ ଦୋଳଗୋବିନ୍ଦ, ଶ୍ରୀ ଦେବୀ, ଭୂ ଦେବୀଙ୍କୁ ଚ୍ୟୁତଫଳ ସମର୍ପଣ କରିବାର ପରମ୍ପରା ରହିଛି । ଏହା ଏକ ସାର୍ବଜନୀନ ପର୍ବ । ଶାନ୍ତି, ମୈତ୍ରୀର ପର୍ବ । ସବୁ ବର୍ଗର ଲୋକେ ପରସ୍ପର ପରସ୍ପରକୁ ରଙ୍ଗ ଅବିର ଦେଇ ସଂକୀର୍ଣ୍ଣତା ସାଂପ୍ରଦାୟିକ ମନୋଭାବ ଭୁଲି ବଡ ଆଡମ୍ବର ସହକାରେ ପାଳନ କରନ୍ତି । । ଭାରତର ବିଭିନ୍ନ ପ୍ରାନ୍ତରର ଲୋକେ ଏହିପର୍ବକୁ ପାଳନ କରନ୍ତି । ଦୋଳପୂର୍ଣ୍ଣମାକୁ ଆମ ରାଜ୍ୟର ନୂତନ ବର୍ଷ ରୂପେ ପ୍ରାଧାନ୍ୟ ଦେଇ ଘରେ ଘରେ ପିଠାପଣା କରାଯାଏ । ମିଷ୍ଟାନ୍ନ ମଧ୍ୟ ଦିଆଯାଏ । ସେଦିନ ଗୋମାତାକୁ ପୂଜାକରି ବିଭିନ୍ନ ପିଠାପଣା କରି ଖାଇବାକୁ ଦିଆଯାଏ । ଦୋଳପୂର୍ଣ୍ଣିମା ଦିନ ଦୋଳମେଳନ ହୋଇଥାଏ । ପାଖ ଗ୍ରାମ ମାନଙ୍କରୁ ଠାକୁର ବର୍ଷକରେ ଥରେ ମେଳନ ପଡିଆରେ ଏକାଠି ହୁଅନ୍ତି ଏହାକୁ ଠାକୁରଙ୍କର ମହାମିଳନ କୁହାଯାଏ । ଖୋର୍ଦ୍ଧା ଜିଲ୍ଲାର ଜଟଣୀ ନିକଟସ୍ଥ ହରିରାଜପୁର ଗ୍ରାମରେ ଅନୁଷ୍ଠିତ ହୁଏ ଦୋଳଉତ୍ସବ । ଦୋଳ ପୂର୍ଣ୍ଣିମାର ପାଂଚଦିନରେ ପଡେ ଏହି ପଂଚୁଦୋଳ ଯାତ୍ରା । କେଉଁଠି ତିନିଦୋଳ , ନ ଦୋଳ,ଦଶଦୋଳ ଯାତ୍ରା ମଧ୍ୟ ହୋଇଥାଏ ।ଏହି ଅବସରରେ ବିଭିନ୍ନ ସ୍ଥାନରୁ ଠାକୁରଙ୍କୁ ନିମନ୍ତ୍ରଣ କରାଯାଏ । ଖୋଲା ପଡିଆରେ ଠାକୁର ମାନଙ୍କର ଏକତ୍ର ମେଳଣ ହୁଏ । ଆତସବାଜି ,ଯାତ୍ରା. ଦୋକାନବଜାର, ମେଲୋଡି ହୁଏ ଭକ୍ତଙ୍କ ଭିଡ ଜମେ । । ଫଗୁଖେଳ ହୁଏ । ମେଳଣକୁ ଆସିଥିବା ଠାକୁରମାନଙ୍କୁ ଅବିର ବିଂଚି ଭୋଗରାଗ ଅର୍ପଣ କରାଯାଏ । ସାରାରାତି କଟିଯାଏ ଠାକୁର ମେଳଣରେ । ଏବର୍ଷ ମଧ୍ୟ କରୋନା ର ପ୍ରାଦୁର୍ଭାବରୁ ଦେଶ ସମ୍ପୂର୍ଣ୍ଣ ମୁକ୍ତ ନୁହେଁ ତେଣୁ ଘରେ ରହି ହୋଲିଖେଳର ମଜା ନେବାପାଇଁ ପ୍ରଶାସନର ଆଦେଶକୁ ମାନି ସାମାଜିକ ଦୂରତା , ମାସ୍କ ପିନ୍ଧିବା ଓ ସାନିଟାଇଜର ବ୍ୟବହାର ଦିଗରେ ଅଧିକ ଯତ୍ନବାନ ହେବା ଶରୀର ପକ୍ଷେ ହିତକର । ତେଣୁ ଏସବୁ ଦିଗରେ ଦୃଷ୍ଟିଦେଇ ହୋଲିପର୍ବକୁ ସାକାର କରନ୍ତୁ । ଯେତେ ସମ୍ଭବ ରାସାୟନିକ ରଙ୍ଗଠାରୁ ଦୂରେଇ ରହି ପ୍ରାକୃତିକ ରଙ୍ଗରେ ଖେଳିବାର ମଜାନେବା ଦ୍ୱାରା ନିଜକୁ ସୁସ୍ଥ ଓ ପରବେଶକୁ ସତେଜ ରଖିବାରେ ସହାୟକ ହୋଇପାରିବା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଏପ୍ରିଲ୍ ୨୮ରୁ ....

ହୋଇଥିବା ପରୀକ୍ଷାର ୨୦ ପ୍ରତିଶତ ମାର୍କକୁ ହିସାବକୁ ନିଆଯିବ ବୋଲି ଜଣାଯାଇଛି ।ଯେଉଁଥିରେ ଅଧିକ ମାର୍କ ଥିବ, ତାକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ । ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ଥିବା ଚଳିତ ବୋର୍ଡ ପରୀକ୍ଷା ଆସନ୍ତା ଏପ୍ରିଲ ୨୮ ତାରିଖରୁ ଆରମ୍ଭ ହୋଇ ମଇ ୨୪ ତାରିଖରେ ଶେଷ ହେବ । କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ରାଜ୍ୟର ପ୍ରାୟ ୩ ଲକ୍ଷ ୨୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଏଥିରେ ପରୀକ୍ଷା ଦେବେ । ଚଳିତ ବର୍ଷ ପାଇଁ ପରୀକ୍ଷା ଓ ମୂଲ୍ୟାଙ୍କନ ପ୍ରଣାଳୀ ସ୍ଥିର କରିବା ନିମନ୍ତେ ମାଧ୍ୟମିକ ଶିକ୍ଷା ପରିଷଦ, ଶିକ୍ଷକସମାଜ, ଅଭିଭାବକ ସଂଗଠନ, ବରିଷ୍ଠ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଏବଂ ବିଭିନ୍ନ ଶିକ୍ଷାପଦାଧିକାରୀମାନଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲ । ଆଲୋଚନାରୁ ମିଳିଥିବା ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀମାନଙ୍କ ଉପରେ ପରୀକ୍ଷାର ଚାପକୁ କମାଇବା ପାଇଁ ପରିଷଦ ନିମ୍ନଲିଖିତ ନିଷ୍ପତି ନେଇଛନ୍ତି। ଚଳିତ ବର୍ଷ ଯୁକ୍ତ୨ ପରୀକ୍ଷା ଅଫଲାଇନ୍ ମୋଡ୍ ରେ ହେବ ଏବଂ ସମସ୍ତଙ୍କ ପାଇଁ ବାଧ୍ୟତାମୂଳକ ହେବ। ଚଳିତ ବର୍ଷର ସମସ୍ତ ପ୍ରାକ୍ଟିକାଲ୍ ପରୀକ୍ଷା ନିଜ ନିଜ ବିଦ୍ୟାଳୟ ସ୍ତରରେ ଅନୁଷ୍ଠିତ ହେବ । ମୂଲ୍ୟାୟନ ନିମନ୍ତେ ଦୁଇ ପ୍ରକାରର ମୂଲ୍ୟାୟନ ପଦ୍ଧତି ଗ୍ରହଣ କରାଯିବ । ପ୍ରଥମଟି ହେଲା ବିଦ୍ୟାଳୟ ସ୍ତରରେ ହୋଇଥିବା ଇଂଟରନାଲ୍ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ପାଇଥିବା ମାର୍କକୁ ୨୦% ୱେଟେଜ୍ ଦିଆଯିବ। ଏଥି ପାଇଁ ତିନୋଟି ଇଂଟରନାଲ୍ ପରୀକ୍ଷା ମଧ୍ୟରୁ ସର୍ବାଧିକ ମାର୍କ ପାଇଥିବା ଦୁଇଟି ପରୀକ୍ଷାକୁ ବିଚାରକୁ ନିଆଯିବ। ବୋର୍ଡ଼ ପରୀକ୍ଷାରେ ରଖୁଥିବା ନମ୍ବରକୁ ୮୦% ୱେଟେଜ୍ ଦିଆଯିବ ଏପରି ଉଭୟ ଇଣ୍ଟରନାଲ୍ ପରୀକ୍ଷା ଓ ଯୁକ୍ତ-୨ ବୋର୍ଡ଼ ପରୀକ୍ଷା ୱେଟେଜ୍ ଭିତିରେ ଫଳାଫଳ ଚୂଡ଼ାନ୍ତ କରାଯିବ ।

### କଂଗ୍ରେସରେ ଛକାପଞ୍ଝା ଜାରି ....

ଆନନ୍ଦ ଶର୍ମାଙ୍କ ଭଳି ବରିଷ୍ଠ ନେତା ଯୋଗଦେଇଛନ୍ତି। ଗତକାଲିର ବୈଠକରେ ପରେ ହୁଡ୍ଡା ଆଜି ରାହୁଲ ଗାନ୍ଧିଙ୍କୁ ଭେଟିଥିଲେ। ରାହୁଲଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପରେ ସେ ପୁଣି ଜି-୨୩ କ୍ୟାମ୍ପକୁ ଆସିଛନ୍ତି। ନିର୍ବାଚନ ବିପର୍ଯ୍ୟୟ ପରେ କଂଗ୍ରେସର ଜାତୀୟ କାର୍ଯ୍ୟକାରିଣୀ ବୈଠକ ବସିଥିଲା। ଏହି ବୈଠକରେ ସୋନିଆ ଗାନ୍ଧି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବାକୁ ପ୍ରସ୍ତାବ ଦେଇଥିଲେ। ଏଥିସହ ନେତୃତ୍ୱ ପରିବର୍ତ୍ତନ କରି କଂଗ୍ରେସକୁ ଆଗକୁ ନେବାକୁ ଚାହିଁଥିଲେ। ହେଲେ ବୈଠକରେ ଯୋଗଦେଇଥିବା ସଦସ୍ୟମାନେ ଏଥିରେ ରାଜି ନ ହେବାରୁ ସୋନିଆ ପୁଣି କଂଗ୍ରେସ ଦାୟିତ୍ୱ ନେବାକୁ ରାଜି ହୋଇଛନ୍ତି। ତେବେ ଦୀର୍ଘ ଦିନ ହେଲା ସାଂଗଠନିକ ପୁର୍ନଗଠନ ଓ ନେତୃତ୍ୱ ପରିବର୍ତ୍ତନ ପାଇଁ ଦାବି କରି ଆସୁଥିବା ଜି-୨୩ ନେତା ଏପରି ନିଷ୍ପତ୍ତିକୁ ସହ୍ୟ କରିପାରି ନାହାନ୍ତି। ସାଂଗଠନିକ ପୁର୍ନଗଠନ ନ ହେଲେ, କଂଗ୍ରେସ କେବେ ବି ଆଗକୁ ଯାଇ ପାରିବ ନାହିଁ ବୋଲି ସେମାନେ କହୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସେମାନେ ଘନଘନ ବୈଠକ କରିବାରେ ଲାଗିଛି। ଜି-୨୩ ନେତାଙ୍କ ଏପରି ବୈଠକ ଗାନ୍ଧି ପରିବାରର ବିଶ୍ୱସ୍ତଙ୍କ ଚିନ୍ତା ବଢ଼ାଇ ଦେଇଛି। ବୈଠକ ସମ୍ପର୍କରେ ପ୍ରତିକ୍ରିୟା ଦେଇ ସାଂସଦ ଅଧୀର ରଞ୍ଜନ ଚୌଧୁରୀ କହିଛନ୍ତି, "ପ୍ରତିଟି କଂଗ୍ରେସ ନେତା ଓ କର୍ମୀଙ୍କ ସହ କଥାବାର୍ତ୍ତା କରିବାକୁ ସୋନିଆ ଗାନ୍ଧି ରାଜି ଅଛନ୍ତି। ଯେତେବେଳେ ଦରକାର ଆମେ ସମସ୍ତେ ମିଳିତ ଭାବେ ଲଢ଼ିବୁ। କିଛି ରାଜନେତା ଦଳରେ ରହି ଦଳ ବିରୋଧରେ ମତ ଦେଉଛନ୍ତି। ଯଦି ସେମାନଙ୍କ ଉଦ୍ଦେଶ୍ୟ ଠିକ୍, ତା'ହେଲେ ସେମାନେ କାହିଁକି ସିଧାସଳଖ ସୋନିଆ ଗାନ୍ଧିଙ୍କ ସହ କଥା ହେଉ ନାହାନ୍ତି" ଗୋଟିଏ ପଟେ କଂଗ୍ରେସର ନିର୍ବାଚନରେ ବିପର୍ଯ୍ୟୟ ଓ ଅନ୍ୟପଟେ ଜି-୨୩ ନେତାଙ୍କ ମେଳି ଦଳର ହାଇକମାଣ୍ଡଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି।

### ଆମେରିକାକୁ ଖୋଲା....

ଏବଂ ମାନବ ଇତହାସରେ ଅର୍ଥନୀତିକ ୱାର ସବୁବେଳେ ରିୟଲ ୱାରର ରୂପ ନେଇଥାଏ ବୋଲି ଆଦୌ ଭୁଲ ନାହିଁ।" ଫ୍ରାନ୍ସ ଅର୍ଥମନ୍ତ୍ରୀ ବ୍ରୁନୋ ଲେ ମାଇରେ ଗୋଟିଏ ସାକ୍ଷାତକାରରେ ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧକୁ ନେଇ ନିଜର ପକ୍ଷ ରଖିଥିଲେ। ସେ କହିଥିଲେ, ରୁଷ ଅର୍ଥନୀତିକୁ ଭୁଶୁଡ଼ାଇବା ପାଇଁ ଆମେ ସବୁ ପ୍ରକାରର ବ୍ୟବସ୍ଥା ଗ୍ରହଣ କରିବୁ। ରୁଷ ଉପରେ ଲାଗୁଥିବା କଟକଣା ଯୋଗୁ ସେଠାକାର ସାଧାରଣ ଲୋକମାନେ ମଧ୍ୟ ପ୍ରଭାବିତ ହେବେ। ରୁଷ ବିରୋଧରେ ଏବେ ଅର୍ଥନୀତିକ ଯୁଦ୍ଧ ଆରମ୍ଭ ହୋଇଥିବା ସେ କହିଥିଲେ।

### ମତଦାନ ପାଇଁ ସରକାରୀ....

ନିଜ ଘରକୁ ଯିବା ପାଇଁ ୩ଦିନ ସ୍ୱତନ୍ତ୍ର କାଜୁଆଲ୍ ଲିଭ୍ ନେଇପାରିବେ । ଏହି ଛୁଟି ଭୋଟଗ୍ରହଣର ପୂର୍ବଦିନ ଓ ପରଦିନ ପର୍ଯ୍ୟନ୍ତ ବୈଧ ରହିବ । ଏହି ୩ଦିନର ସ୍ୱତନ୍ତ୍ର ଛୁଟି ୨୦୨୨ କ୍ୟାଲେଣ୍ଡର ବର୍ଷରେ କର୍ମଚାରୀଙ୍କୁ ମିଳୁଥିବା ବୈଧ ଛୁଟି ବାଦ୍ ଅତିରିକ୍ତ ଭାବେ ମିଳିବ ।

## ଦିଆସିଲି ବୋଝେଇ ଟ୍ରକରେ ଲାଗିଲା ନିଆଁ : ଉପସ୍ଥିତ ବୁଦ୍ଧି ଯୋଗୁଁ ଟଳିଲା ବିପଦ

ବାରିପଦା, ୧୭/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବାରିପଦା ସହର ସ୍ଥିତ ଷ୍ଟେସନ ବଜାର ଅଞ୍ଚଳରେ କୌଣସି କାରଣ ବସତଃ ଏକ ଦିଆସିଲି ବୋଝେଇ ଟ୍ରକରେ ହଠାତ ନିଆଁ ଲାଗିଯାଇଥିଲା । ତେବେ କୌଣସି ବିପଦ ଘଟିବା ଆଗରୁ ସ୍ଥାନୀୟଲୋକେ ଏବଂ ଟ୍ରକ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ତୁରନ୍ତ ଗାଡ଼ିରେ ଲାଗିଥିବା ନିଆଁକୁ ସ୍ଥାନୀୟ ଲୋକେ ଲିଭାଇ ଦେଇଥିଲେ । ଏଥିରେ କାହାରି କୌଣସି କ୍ଷତି ହୋଇନଥିବା ବେଳେ ଅଳ୍ପକେ ବଡ ବିପଦ ମୁହଁରୁ ସ୍ଥାନୀୟ ଲୋକେ ବର୍ତି ଯାଇଛନ୍ତି । ଖବର ପାଇ ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ଉପସ୍ଥିତ ଲୋକେ ନିଆଁକୁ ଆୟତ ହୋଇ ସାରିଥିବାର ଦେଖା ଯାଇଥିଲା ।

## ବରିଷ୍ଠ ନାଗରିକ ମଞ୍ଚର ବୈଠକ

ବାଲେଶ୍ୱର,୧୭/୦୩ (ନି.ପ୍ର): ବାଲେଶ୍ୱର ବରିଷ୍ଠ ନାଗରିକ ମଞ୍ଚ ପରିଚାଳନା କମିଟିର ୧୩୨ତମ ବୈଠକ ସଭାପତି ବୈଦ୍ୟନାଥ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେବା ସହିତ ମଞ୍ଚର ବରିଷ୍ଠ ସଦସ୍ୟ ତଥା ଶିକ୍ଷାବିତ ଓ ସମାଜସେବୀ ସ୍ୱର୍ଗତ ଚତୁର୍ଭୁଜ ମଲ୍ଲିକଙ୍କ ଆକସ୍ମିକ ବିୟୋଗରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସ୍ୱର୍ଗତ ମଲ୍ଲିକଙ୍କ ଉଦ୍ଦେଶ୍ୟରେ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଦୈନନ୍ଦିନ ଜୀବନରେ ବରିଷ୍ଠ ନାଗରିକଙ୍କ ସମେତ ସାଧାରଣ ଲୋକେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚିତ ହୋଇଥିଲା। ବିଶେଷ କରି ଅତ୍ୟାବଶ୍ୟକୀୟ ନିତ୍ୟବ୍ୟବହାର୍ଯ୍ୟ ଖାଉଟି ସାମଗ୍ରୀ ଓ ଔଷଧର ଅହେତୁକ ଦରବୃଦ୍ଧିକୁ ନେଇ ଉପସ୍ଥିତ ସଭ୍ୟମାନେ ଉଦବେଗ ପ୍ରକାଶ କରିଥିଲେ। ଆସନ୍ତା ଆର୍ଥିକ ବର୍ଷରୁ ବୟସ୍କବ୍ୟକ୍ତିଙ୍କୁ ସର୍ବନିମ୍ନ ମାସିକ ଏକ ହଜାର ଟଙ୍କା ଭତ୍ତା ପ୍ରଦାନ କରିବାକୁ ବୈଠକରେ ଦୃଢ଼ଦାବି କରାଯାଇଛି।ଏଥି ସହିତ ଆସନ୍ତା ଏପ୍ରିଲ ୧୭ ତାରିଖରେ ବରିଷ୍ଠ ନାଗରିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନିମନ୍ତେ ଏକ ନିଃଶୁଳ୍କ ସ୍ୱାସ୍ଥ୍ୟପରୀକ୍ଷା ଶିବିର ଆୟୋଜନ ସମ୍ପର୍କରେ ଏଥିରେ ନିଷ୍ପତ୍ତି ନିଆଯାଇଥିଲା। ସେହିପରି ଚଳିତ ପୌର ନିର୍ବାଚନରେ ସହରାଞ୍ଚଳର ସମସ୍ୟା ପ୍ରତି ଅବଗତ ଥିବା ଉପଯୁକ୍ତ ପ୍ରାର୍ଥୀମାନଙ୍କୁ ନିର୍ବାଚିତ କରିବାକୁ ଭୋଟରମାନଙ୍କୁ କମିଟି ତରଫରୁ ନିବେଦନ କରାଯାଇଛି। ଏହି ବୈଠକରେ ଅନ୍ତର୍ଯ୍ୟାମୀ ପ୍ରଧାନ, ଡ. ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯଶୋଦାନନ୍ଦନ ଆଶ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## କେନ୍ଦୁଝରରେ : ୨ ରାସ୍ତା ଲୁଟେରାଙ୍କୁ ଧରିଲା ଝୁମ୍ପୁରା ପୋଲିସ

କେନ୍ଦୁଝର, ୧୭/୦୩ (ନି.ପ୍ର): କେନ୍ଦୁଝର ବିଭିନ୍ନ ଅଂଚଳରେ ଅସମାଜିକ ତତ୍ୱଙ୍କ ଉପଦ୍ରବ ବଢି ଚାଲିଥିବା ଘଟଣା କାହାକୁ ଅବଶ୍ୟ ଅଜଣା ନାହିଁ । କେନ୍ଦୁଝର ସହର ମଧ୍ୟରେ ସର୍ବସାଧାରଣ ସ୍ଥାନ ମାନଙ୍କରେ ମଦ୍ୟପାନ କରିବା ସହ ମଦ୍ୟପଙ୍କ ଉପଦ୍ରବ ଯେଭଳି ବଢି ଚାଲିଛି ରାସ୍ତାରେ ଭଦ୍ରଲୋକ ଓ ମହିଳାମାନେ ଯତାୟତ କରିବାକୁ ନିରାପଦ ମଣୁ ନାହାଁନ୍ତି । ବିଶେଷ ଭାବେ କଲେକ୍ଟୋରେଟ ନିକଟସ୍ଥ ମ୍ୟୁନିସପାଲଟି ମାର୍କେଟ କଂମ୍ପ୍ଲେକ୍ସ ଠାରେ ସାଧାରଣ ସ୍ଥାନରେ ଖୋଲା ଖୋଲି ମଦ୍ୟପାନ କରାଯିବା ଦେକିବାକୁ ମିଳୁଛି । ବିଶେଷ ଭାବେ ସଂଧ୍ୟା ସମୟରେ ଏଭଳି ମଦ୍ୟପଙ୍କର ସଂଖ୍ୟା ବଢୁଛି । ସେମାନଙ୍କୁ ବିରୋଧ କରିବାକୁ ଲୋକମାନେ ଭୟ କରୁଛନ୍ତି । ପୋଲିସ ନୀରବଦ୍ରଷ୍ଟି ସାଜିଛି। ଅନୁରପ ଭାବେ ଚୋରି, ଲୁଟ, ପକେଟମାର ଆଦିଙ୍କ ସଂଖ୍ୟା ମଧ୍ୟ ବଢୁଛି । ରାସ୍ତାର ଅବସ୍ଥା ନ କହିଲେ ଭଲ । ରାସ୍ତାରେ ଯେଭଳି ଯୁବକ ମାନେ ଆଖିବୁଜା ଦୃତ ଗତିରେ ବାଇକ ସବୁ ଦଉଡାଉଛନ୍ତି ଅନ୍ୟମାନଙ୍କ ପାଇଁ ରାସ୍ତାରେ ଯାତାୟତ ବିପଦପୁର୍ଣ୍ଣ ହୋଇ ପଡିଛି । ଏପଟେ ପୋଲିସ କୌଣସି ପ୍ରାୟତଃ କାର୍ଯ୍ୟାନୁଷ୍ଠାନ ପାଇଁ ଆଗ୍ରହ ପ୍ରକାଶ କରିବା ଦେଖିବାକୁ ମିଳୁନାହିଁ । କିନ୍ତୁ ଜିଲ୍ଲାର ଝୁମ୍ପୁରା ପୋଲିସ ପକ୍ଷରୁ କେତେକ କ୍ଷେତ୍ରରେ ପଦକ୍ଷେପ ନିଆଯାଉଥିବା ବେଳେ ଇତିମଧ୍ୟରେ ୨ ରାସ୍ତା ଲୁଟେରାଙ୍କୁ ଧରି ୧୭ ତାରିଖ ବୁଧବାର ଦିନ ମଧ୍ୟାହ୍ନ ସମୟରେ କୋର୍ଟ ଚାଲାଣ କରିଛି ଝୁମ୍ପୁରା ପୋଲିସ। ଲୁଟେରା ଦ୍ୱୟ ହେଲେ ବଡବିଲ ଥାନାଚଂଳ ଅନ୍ତର୍ଗତ ବରପଦା ଗ୍ରାମର ମନୋରଞ୍ଜନ ବାରିକ (୨୪ବର୍ଷ) ଏବଂ ବଲାଣୀ ଥାନାଚଂଳ ଅନ୍ତର୍ଗତ ଚମ୍ପୁଆବସ୍ତୀ ଅଚଂଳର ନବିନ ମହାକୁଡ। ଝୁମ୍ପୁରା ଥାନାଧିକାରୀ ବିରେନ୍ଦ୍ର ଶିଆଳଙ୍କ ସୂଚନା ଅନୁସାରେ ଲୁଟେରା ଦ୍ୱୟ ୧୬ ତାରିଖ ଅପରାହ୍ନରେ ବାଲିବନ୍ଧ ଗ୍ରାମ ପାଖରୁ ଜଣେ ଫେରୀ ବ୍ୟବସାୟୀଙ୍କୁ ପ୍ରଲୋଭିତ କରି ପାଖ ଗାଁକୁ ଯିବା ପାଇଁ ପ୍ରବର୍ତାଇ ତାଙ୍କୁ ସେହି ରାସ୍ତାରେ ନେଇ ଯାଉଥିବା ସହ ଗାଁ ରାସ୍ତାର ଗାଁ ଦେବତୀ ଶାଳ ନିକଟରେ ଫେରି ବ୍ୟବସାୟୀ କୁ ଧମକଚମକ ଦେଇ ୬ ହଜାର ଟଙ୍କା ଓ ମୋବାଇଲ ଛଡାଇଥିଲେ।

## ଦୁଇ କୃତି ଶିକ୍ଷକଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବାଲିଆପାଳ, ୧୭/୦୩ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଦେଭୋଗ ଶ୍ରୀହରିଚରଣ ଉଚ୍ଚ ବିଦ୍ୟାଳୟର ଦୁଇଜଣ ସହକାରୀ ଶିକ୍ଷକ କରୁଣାକର ନାୟକ ଏବଂ ବିଶ୍ୱେଶ୍ୱର ରଣା ଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସାଧାରଣ ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଜୟ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ ।ମ ମୁଖ୍ୟ ଅତିଥି ଭାବରେ ବାଲିଆପାଳ ଗୋଷ୍ଠି ଶିକ୍ଷାଅଧିକାରୀ ସୁଧାଂଶୁ ଶେଖର ଜେନା , ମୁଖ୍ୟ ବକ୍ତା ଭାବରେ କବି ବ୍ରଜେନ୍ଦ୍ରନାଥ ଗିରି,ସମ୍ମାନୀତ ଅତିଥି ଭାବରେ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ଜେନା, ଅସିତ କୁମାର ଦାସ, ବିଜୟ କୁମାର ପାତ୍ର ,ନିରଞ୍ଜନ ପ୍ରଧାନ, ମୃତ୍ୟୁଞ୍ଜୟ ନାୟକ, ଧନଞ୍ଜୟ ଗିରି ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଦାୟୀଶିକ୍ଷକଙ୍କୁ ଉପଢୌକନ ଓମାନପତ୍ର ପ୍ରଦାନକରି ସମ୍ବର୍ଦ୍ଧୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଗୌରଶଙ୍କର ଦାସ, ପ୍ରସନ୍ନ କୁମାର ମହାନ୍ତି, ପ୍ରଭାତ କୁମାର ନନ୍ଦୀ, ନାରାୟଣ ପାତ୍ର, ହେମନ୍ତ କୁମାର ପ୍ରଧାନ, ନିତାଇ ଚରଣ ରାଉଳ, ଶ୍ରିକାନ୍ତ ପ୍ରଧାନ, ସଞ୍ଜୟ କୁମାର ମହାନ୍ତି ପ୍ରଫୁଲ୍ଲ କୁମାର ଦାସ, ଧୀରେନ୍ଦ୍ର କୁମାର ପାତ୍ର , ସମେତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ପରିଚାଳନା କମିଟି ସଦସ୍ୟ ସଦସ୍ୟାତଥା ପୁରାତନ ଏବଂ ବ ର୍ତମାନର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ ।

## ୧୨ରୁ ୧୮ବର୍ଷ କିଶୋରଙ୍କୁ ଟିକାକରଣ

କେନ୍ଦ୍ରାପଡ଼ା, ୧୭/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୧୨ରୁ ୧୮ବର୍ଷ ବୟସ୍କ ବାଳକ ବାଳିକାଙ୍କୁ ଟୀକାକରଣ କରାଯାଇଛି । ବାରୁଅ ସ୍ଥିତ ନବୋଦୟ ବିଦ୍ୟାଳୟ, କଜଳା ସ୍ଥିତ ଭାରତୀ ବିଦ୍ୟାମନ୍ଦିର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟର ଥିବା ସରକାରୀ ବାଳିକା ବିଦ୍ୟାଳୟରେ ଟୀକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ୩ଟି ଟୀକାକରଣ କେନ୍ଦ୍ରରେ ୩ ଶହ ବାଳକ ବାଳିକା (ଛାତ୍ରଛାତ୍ରୀ)ଙ୍କୁ ଟୀକା ଦିଆଯାଇଛି । ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ ।

## ପାରାଦୀପ ପୋର୍ଟ ଟ୍ରଷ୍ଟ ହସପିଟାଲର ଦିବଂଗତ ନର୍ସଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି

ବାଲେଶ୍ୱର,୧୭/୦୩ (ନି.ପ୍ର): ପାରାଦୀପ ପୋର୍ଟ ଟ୍ରଷ୍ଟ ହସପିଟାଲରେ ଡାକ୍ତର ଓ କର୍ମଚାରୀଙ୍କ ନିର୍ଯାତନାର ଶିକାର ହୋଇ ମୃତ୍ୟୁବରଣ କରିଥିବା ନର୍ସ ନିବେଦିତା ଜେନାଙ୍କ ଆତ୍ମାର ସଦଗତି କାମନା ଓ ତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ଓଡ଼ିଶା ନର୍ସଂଏମ୍ପ୍ଲୋଇଜ ଆସୋସିଏସନ ବାଲେଶ୍ୱର ଶାଖା ପକ୍ଷରୁ କ୍ୟାଣ୍ଡେଲ ପ୍ରଜ୍ୱଳନ କାର୍ଯ୍ୟକ୍ରମ ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୀନାକ୍ଷୀ ଶଷୋଦ୍ରି ରାଉତ, ସୁଶାନ୍ତ ଦାସ, ପପୁନା ରାଉତ, କାର୍ତ୍ତିକ ଚନ୍ଦ୍ର ବାରିକ, ତାପସ କୁମାର ଦାସ, ଅଶେଷ କୁମାର ଦାସ ପ୍ରମୁଖଙ୍କ ସମେତ ବହୁ ନର୍ସ ଓ ସ୍ୱାସ୍ଥ୍ୟ କର୍ମଚାରୀମାନେ ଯୋଗଦେଇ ଦିବଂଗତ ନର୍ସ ସ୍ୱର୍ଗତା ଜେନାଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡଲ ଜାଳି ଥିଲେ। ନିରବ ପ୍ରାର୍ଥନା ସହ ତାଙ୍କର ଅମର ଆତ୍ମାପ୍ରତି କୃତଜ୍ଞତା ଜ୍ଞାପନ କରିଥିଲେ। ତେବେ ଏହି ମୃତ୍ୟୁ ଘଟଣାରେ ସ୍ୱର୍ଗତା ଜେନାଙ୍କ ପରିବାରର ଅଭିଯୋଗ କ୍ରମେ ହୋଇଥିବା ମାମଲାରେ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ପାଇଁ ଆସୋସିଏସନ ପକ୍ଷରୁ ଦାବି ହୋଇଥିଲା। ଏହି ମାମଲାକୁ ତୁରନ୍ତ ସିବିଆଇକୁ ହସ୍ତାନ୍ତର ପାଇଁ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ଶିମିଳିପାଳରେ ବନାଗ୍ନି ରୋକିବାକୁ ସମନ୍ୱୟ ବୈଠକ



ବାରିପଦା, ୧୭/୦୩ (ନି.ପ୍ର): ଶିମିଳିପାଳ ଜୈବ ମଣ୍ଡଳ ଓ ଏହାର ଚାରିପାଖରେ ରେ ଥିବା ସଂରକ୍ଷିତ ଜଙ୍ଗଲକୁ ବନାଗ୍ନିରୁ ସୁରକ୍ଷା ଦେବା ନିମନ୍ତେ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଏକ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ବାରିପଦା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସଂକଳ୍ପ ଭବନ ଠାରେ ବନ୍ୟପ୍ରାଣୀ ସଂରକ୍ଷକ, ବନ ସୁରକ୍ଷା ସମିତିର କର୍ମକର୍ତା ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଏମ. ଜଗଜୟାନନ୍ଦଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପନିର୍ଦ୍ଦେଶକ (ଭିତର) ସାଇ କିରଣ ଓ ଉପନିର୍ଦ୍ଦେଶକ (ଦକ୍ଷିଣ) ସମ୍ରାଟ ଗୌଡା, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ କୁମାର ଯୋଶୀ, ରାଇରଙ୍ଗପୁର ଡିଏଫଓ ନଳିନୀକାନ୍ତ ବେହେରା ଓ କରଞ୍ଜିଆ ଡିଏଫଓ ଶ୍ରୀକାନ୍ତ ନାଏକ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବନାଗ୍ନିକୁ ରୋକିବାପାଇଁ ବ୍ୟାପକ ସଚେତନତା ଆବଶ୍ୟକ ରହିଥିବା ବେଳେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ନିଷ୍ପତି ନିଆଯାଇଥିବାର ଜଣା ଯାଇଛି । ସେହିପରି ବନସୁରକ୍ଷା ସମିତି ଓ ସ୍ଥାନୀୟ ଲୋକଙ୍କ ସହିତ ବନବିଭାଗ ସମନ୍ୱୟ ରଖି ଜଙ୍ଗଲ ନିଆଁକୁ ଆୟତ କରାଯିବ ବୋଲି କୁହାଯାଇଛି । ଫାୟାର ଲାଇନକୁ ସଫା କରିବା, ଦମକଳ ବାହିନୀ ଓ ବିଭାଗୀୟ କର୍ମଚାରୀ ମାନେ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି । ପୂର୍ବ ବର୍ଷ ମାନଙ୍କରେ ନିଆଁ ଲାଗୁଥିବା ସ୍ଥାନରେ ଜନସଚେତନତା କାର୍ଯ୍ୟକ୍ରମ କରାଯାଇ ପରିବେଶକୁ ସୁରକ୍ଷା ଦେବାକୁ ପ୍ରୟାସ ଜାରି ରହିଛି । ବିଭାଗ ପକ୍ଷରୁ ୨୪ଘଣ୍ଟିଆ ପାଟ୍ରୋଲିଂ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିବା ବେଳେ ଶିକାରୀଙ୍କୁ ରୋକାଯାଉଛି । ସେହିପରି ବନ୍ୟଜନ୍ତୁ ଶିକାର କରୁଥିବା ଅପରାଧିଙ୍କ ପାଇଁ ସ୍ୱତନ୍ତ୍ର କୋର୍ଟର ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି । ମାମଲାକୁ ପରିଚାଳନା କରୁଥିବା ଅଧିକାରୀ ମାନେ ଠିକ୍ ଭାବେ ତଦନ୍ତ କରି ରିପୋର୍ଟ ଉପସ୍ଥାପନ କଲେ ଶିକାରୀ ମାନଙ୍କୁ ଉଚିତ ଦଣ୍ଡବିଧାନ ମିଳିପାରିବ ବୋଲି ମତପ୍ରକାଶ ପାଇଥିଲା । ଏହି ଆଲୋଚନାରେ ପରିବେଶ ବିତ ରାଜକୁମାରୀ ଅକ୍ଷିତା ରାଜ୍ୟଲକ୍ଷ୍ମୀ ଭଂଜଦେଓ, ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ, ସଂଯୁକ୍ତା ବସା, ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ବିବେକାନନ୍ଦ ପଟ୍ଟନାୟକ, ପ୍ରଦୀପ୍ତ କବି, ଅକ୍ଷୟ କୁମାର ମହାନ୍ତି, ଏସିଏଫ ନିକେଶ କୁମାର ମହାପାତ୍ର, ଫାଲଗୁନୀ ବେହେରା, ଦିଲ୍ଲୀପ କୁମାର ବାରିକ, ରବି ନାରାୟଣ ମହାନ୍ତି, ବନସୁରକ୍ଷା କମିଟିର ରାଜ୍ୟ ସଦସ୍ୟ ଗୋପୀନାଥ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଗତ ବର୍ଷ ଏହି ସମୟରେ ଶିମିଳିପାଳ ରେ ବ୍ୟାପକ ଅଗ୍ନୀକାଣ୍ଡ ଘଟିଥିଲା ଯାହାକୁ ନେଇ ଜାତୀୟ ତ ଥା ଅନ୍ତର୍ଜାତୀୟ ସ୍ତର ରେପରିବେଶବିତ ମାନେ ଚିନ୍ତା ପ୍ରକଟ କରିଥିଲେ । ଏଣୁ ଚଳିତ ବର୍ଷ ବନାଗ୍ନୀକୁ ରୋକିବା ନିମନ୍ତେ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଉଥିବାର ଦେଖା ଯାଉଛି ।

## କୃଷକ ମେଳା ଏବଂ କୃଷି ପାଣିପାଗ ସଚେତନତା ଶିବିର ଅନୁଷ୍ଠିତ



ବାରିପଦା, ୧୭/୦୩ (ନି.ପ୍ର): ଚକ୍ରଧରପୁରୁ ଗ୍ରାମରେ ବଳଦଟଣା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧୀୟ କୃଷକ ମେଳା ଏବଂ କୃଷି ପାଣିପାଗ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୁନସ୍ଥ ପଶୁଶକ୍ତିର ସଦୁପଯୋଗ ସମ୍ବନ୍ଧୀୟ ସର୍ବଭାରତୀୟ ସଂଯୋଜିତ ଗବେଷଣା ପ୍ରକଳ୍ପ ଏବଂ ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, ମୟୁରଭଞ୍ଜ-୧ର ମିଳିତ ଉଦ୍ୟମରେ ଉକ୍ତ କୃଷକ ମେଳା ଏବଂ କୃଷି ପାଣିପାଗ ସଚେତନତା ଶିବିର ଅନୁଷ୍ଠିତ ହୋଇ ଥିବା ବେଳେ, ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳରୁ ଶତାଧିକ ଅଗ୍ରଣୀ ଚାଷୀମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ପ୍ରାଣୀ ସମ୍ପଦ ଅଧକାରୀ ଡଃ ପ୍ରଭାକର ସାହୁ, ଜିଲ୍ଲା କୃଷି ଅଧୁକାରୀ ମଳୟ ଦ୍ୱାରୀ, ବ୍ଲକୁ କୃଷି ଅଧୁକାରୀ ଯୁଗଳ କିଶୋର ପାତ୍ର, ସହକାରୀ କୃଷି ଅଧୁକାରୀ ଅଙ୍କିତା ରୁପ, କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବରିଷ୍ଠ ବୈଜ୍ଞାନିକ ଡଃ ସଂଘମିତ୍ରା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଚାଷୀମାନେ ବଳଦ ଟଣା ଉନ୍ନତ କୃଷି ଯନ୍ତ୍ରପାତିର ବହୁଳ ବ୍ୟବହାର କରିବାକୁ ପରାମର୍ଶ ଦେବାସହ କୃଷି କ୍ଷେତ୍ରରେ ଯାନ୍ତ୍ରୀକରଣର ଉପକାରୀତା ଉପରେ ଆଲୋକପାତ କରିଥିଲେ । ପ୍ରକଳ୍ପର ଗବେଷଣା ଯନ୍ତ୍ରୀ ପ୍ରଫେସର ସଂଗ୍ରାମ କେଶରୀ ସ୍ୱାଇଁ ପ୍ରଥମ ଓଡ଼ ଚାଷ, ଦ୍ୱିତୀୟ ଓଡ଼ ଚାଷ, ଧାଡିବୁଣା, କାଦୁଅ କରିବା ପାଇଁ ବିକଶିତ ହୋଇଥିବା ଉନ୍ନତ କୃଷି ଯନ୍ତ୍ରପାତି ସମ୍ବନ୍ଧରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଅଞ୍ଚଳର ସହକାରୀ କୃଷିଯନ୍ତ୍ରୀ ଇଂ ଚନ୍ଦ୍ରିକା ସେଠୀ ସରକାରଙ୍କ ଦ୍ୱାରା ପ୍ରଦତ ବିଭିନ୍ନ ରିହାତି ଓ ସୁବିଧା ବିଷୟରେ ଆଲୋକପାତ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ପାଣିପାଗ ବୈଜ୍ଞାନିକ ଜ୍ୟୋତିପ୍ରକାଶ ମିଶ୍ର ପାଣିପାଗ ଭିତିକ ପରାମର୍ଶ ସହାୟତାରେ ଚାଷର କିପରି ଉନ୍ନତି ହୋଇପାରିବ ସେ ବିଷୟରେ ଆଲୋଚନା କରିଥିଲେ । କିଛି ଦଶନ୍ଧିଧରି ପାଣି ପାଗରେ ଅସନ୍ତୁଳନ ଏବଂ ବ୍ୟାପକ ଜଳବାୟୁ ପରିବର୍ତନକୁ ଦୃଷ୍ଟିରେ ରଖି ଚାଷକାମରେ ସମନ୍ୱୟ ସ୍ଥାପନା ହୋଇପାରିଲେ ଚାଷୀ ନିଶ୍ଚିତ ଲାଭବାନ ହୋଇ ପାରିବ ବୋଲି ମତବ୍ୟକ୍ତ କରିଥିଲେ । ସ୍ଥାନୀୟ ଗ୍ରାମ୍ୟ କୃଷି ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ, ଜ୍ୟୋତିପ୍ରକାଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ପୌରପାଳିକାର ବିକାଶ ଲାଗି ହେବ ମାଷ୍ଟର ପ୍ଲାନ ଓ ଟାଉନ୍‌ହଲ : ସାଂସଦ

ଜଳେଶ୍ୱର, ୧୭/୩ (ନି.ପ୍ର): ରାଜ୍ୟର ଉତ୍ତର ପ୍ରବେଶପଥ ବାଲେଶ୍ୱର ଜିଲାର ଜଳେଶ୍ୱରକୁ ଏକ ସର୍ବାଙ୍ଗ ସୁନ୍ଦର ପୌରପାଳିକାଭାବେ ପରିଚିତ କରିବାଲାଗି ବିଭିନ୍ନ କାର୍ଯ୍ୟକ୍ରମର ଅବତାରଣା କରିଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଷଡଙ୍ଗୀ । ବିଶୃଙ୍ଖଳିତ ଓ ବିକ୍ଷିପ୍ତଭାବେ ନିର୍ମାଣ ଚାଲିଥିବାରୁ ଏହାକୁ ନୂତନଢାଞ୍ଚାରେ କରିବା ଲାଗି ପୌରପାଳିକାରେ ଏକ ମାଷ୍ଟାରପ୍ଲାନ ଓ ଜନସାଧାରଣଙ୍କ ବିଭିନ୍ନ ଆନୁଷ୍ଠାନିକ କାର୍ଯ୍ୟକ୍ରମ, ମେଳା, ମହୋତ୍ସବ ଲାଗି ଏକ ଉନ୍ନତ ମାନର ଟାଉନ୍‌ହଲ ହେବ ବୋଲି ସାଂସଦ ଶ୍ରୀ ଷଡଙ୍ଗୀ ନିର୍ବାଚନୀ ସଭାରେ ଯୋଗ ଦେଇ କହିଛନ୍ତି । ବିଜେପି ପକ୍ଷରୁ ନନ୍ଦିକା (ୱାର୍ଡ-୧୩)ରେ ଆୟୋଜିତ ନିର୍ବାଚନୀ ସଭାରେ ଦଳର କାର୍ଯ୍ୟକାରୀ ସଭାପତି ରବିନ୍ଦ୍ର ନାଥ ପାତ୍ର ସଭାପତିତ୍ୱ କରିଥିଲେ । ପଶ୍ଚିମ ବଂଗର ଉଦ୍‌ବୃତ୍ତ ବର୍ଷାପାଣି, ସୁବର୍ଣ୍ଣରେଖା ନଦୀର ବନ୍ୟାଜଳ ଜଳେଶ୍ୱର ସହରତଳି ଅଂଚଳରେ ତାଣ୍ଡବ ରଚୁଥିବାରୁ ମାଷ୍ଟାର ପ୍ଲାନ ଜରିଆରେ ଜଳ ନିଷ୍କାସନ ଓ ସମସ୍ତଙ୍କ ଘରକୁ ବିଶୁଦ୍ଧ ପିଇବାପାଣି ବ୍ୟବସ୍ଥା କରାଯିବା ସମ୍ପର୍କରେ ସାଂସଦ ସୂଚନା ଦେଇଥିଲେ । ପୂର୍ବତନ ପୌରାଧ୍ୟକ୍ଷ ତଥା ଏବର ବିଜେପି ଅଧ୍ୟକ୍ଷ ପ୍ରାର୍ଥୀ ପ୍ରବୀର କୁମାର ପ୍ରଧାନ ଯୋଗ ତାଙ୍କ ଅଧୁରା ସ୍ୱପ୍ନକୁ ସାକାର କରିବାପାଇଁ ସେ ୨ୟ ଥର ଲାଗି ପ୍ରାର୍ଥି ହୋଇଛନ୍ତି । ତାଙ୍କ ସମୟରେ ୱାର୍ଡ ମାନଙ୍କର ବିଭିନ୍ନ ସ୍ଥାନକୁ ପ୍ରଥମେ କଂକ୍ରିଟ ରୋଡ ନିର୍ମାଣ କରିଥିବାରୁ ଏବେ ଏହାକୁ ଦ୍ୱିଗୁଣିତ କରିବା ତାଙ୍କର ସ୍ୱପ୍ନ ବୋଲି କହିଛନ୍ତି । ବିଜେପିର ନିର୍ବାଚନ ସଂଯୋଜକ ଉଚ୍ଚ ନ୍ୟାୟାଳୟର ଆଇନ୍‌ଜିବୀ ରାମଚନ୍ଦ୍ର ଜେନା ଯୋଗ ଦେଇ କେନ୍ଦ୍ରୀୟ ଅନୁଦାନରେ ଜଳେଶ୍ୱର ପୌରାଞ୍ଚଳର ବିକାଶ କରାଯିବା ସହିତ ଏକ ଆଦର୍ଶ ସହରରେ ପରିଣତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ । ଆଦିତ୍ୟ ନାରାୟଣ ପାତ୍ର ଓ ପ୍ରାର୍ଥିନୀ ସସ୍ମିତା ପାତ୍ର ଯୋଗ ଦେଇ ଅଂଚଳବାସୀଙ୍କ ସେବା କରିବାଲାଗି ସୁଯୋଗ ଦେବାକୁ ଅନୁରୋଧ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି



# ହୋଲିରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା ବୃନ୍ଦାବନ ମହୋତ୍ସବ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ପବିତ୍ର ଦୋଳପୂର୍ଣ୍ଣିମା ଓ ହୋଲି ପର୍ବ ଅବସରରେ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତ ସନ୍ଧ୍ୟା 'ବୃନ୍ଦାବନ ମହୋତ୍ସବ'ର ଷଷ୍ଠ ସଂସ୍କରଣ ଚଳିତ ମାସ ୧୯ ତାରିଖ ସନ୍ଧ୍ୟାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ଏବଂ ବୃନ୍ଦାବନ ଗୁରୁକୁଳର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେବ। ଗୋଟିଏ ମଂଚରେ ଶାସ୍ତ୍ରୀୟ ସଙ୍ଗୀତ ଜଗତର ବିଶିଷ୍ଟ ପ୍ରତିଭାମାନଙ୍କୁ କଳାପ୍ରେମୀମାନେ ଏକାଠି ପାଇପାରିବେ ବୋଲି ବିଶିଷ୍ଟ ବଂଶୀବାଦକ ପଦ୍ମବିଭୂଷଣ ପଣ୍ଡିତ ଡ. ହରିପ୍ରସାଦ ଚୌରାସିଆ ଆଜି ପୂର୍ବାହ୍ନରେ ଘାଟିକିଆ ବୃନ୍ଦାବନ ଗୁରୁକୁଳରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଏହି ମହୋତ୍ସବ କଳାଅନୁରାଗୀ ଓ କଳାର ଛାତ୍ରଛାତ୍ରୀମାନଙ୍କୁ ଶାସ୍ତ୍ରୀୟ ସଙ୍ଗୀତର ନିକଟତର କରିବା ସହିତ ଅନୁପ୍ରାଣିତ କରିବ ବୋଲି ଡ. ଚୌରାସିଆ ଆଶାବ୍ୟକ୍ତ କରିଛନ୍ତି। ଶାସ୍ତ୍ରୀୟ ସଙ୍ଗୀତର ବହୁଳ ପ୍ରଚାରପ୍ରସାର ପାଇଁ ଏଭଳି ଉତ୍ସବର ଆୟୋଜନ କରାଯାଉଛି ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚିବ ଶ୍ରୀମତୀ ପୂଜା ମିଶ୍ର ପ୍ରକାଶ କରିବା ସହିତ ମହୋତ୍ସବର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ପଦ୍ମବିଭୂଷଣ ପଣ୍ଡିତ ଡ. ଚୌରାସିଆଙ୍କ ପ୍ରତ୍ୟକ୍ଷ ପ୍ରେରଣାରେ ପ୍ରଖ୍ୟାତ ସଙ୍ଗୀତ ଶିଳ୍ପୀ ପଦ୍ମଭୂଷଣ ବେଗମ ପରବିନ ସୁଲତାନା, ଖ୍ୟାତନାମା ତବଲାବାଦକ ପଣ୍ଡିତ ଅଭିଜିତ ବାନାର୍ଜୀ, ବିଶିଷ୍ଟ ସିତାରବାଦକ ପଣ୍ଡିତ ଶୁଭେନ୍ଦ୍ର ରାଓ, ହାରମୋନିୟମବାଦକ ପଣ୍ଡିତ ଜ୍ୟୋତି ଗୋହୋ, ସେଲୋବାଦିକା ବିଦୁଷୀ ସାସକିଆ ରାଓ ଦେ ହାସ ଶାସ୍ତ୍ରୀୟ ସଙ୍ଗୀତ ପରିବେଷଣ କରିବେ। କାର୍ଯ୍ୟକ୍ରମ ସନ୍ଧ୍ୟା ୬.୧୫ରେ ଆରମ୍ଭ ହେବ। ସାଂସ୍କୃତିକ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଭାବେ ଗୁରୁକୁଳର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ବଂଶୀବାଦନ କରି ଉଦଘାଟନ କରିବେ। ତାପରେ ଯୁଗଳବନ୍ଦୀ ଓ ଶାସ୍ତ୍ରୀୟ ସଂଗୀତ ପରିବେଷଣ କାର୍ଯ୍ୟକ୍ରମ ରହିଛି। ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଡ. ଚୌରାସିଆଙ୍କ ଧର୍ମପତ୍ନୀ ତଥା ବୃନ୍ଦାବନ ଗୁରୁକୁଳର ଟ୍ରଷ୍ଟି ଶ୍ରୀମତୀ ଅନୁରାଧା ଚୌରାସିଆ, ଗୁରୁକୁଳର ସମ୍ପାଦକ ଦିଗବିଜୟ ସିଂହ ଚୌହାନ ଓ ଗୁରୁକୁଳର ଛାତ୍ରଛାତ୍ରୀ ମାନେ ଉପସ୍ଥିତ ଥିଲେ ।

## ଆକତପୁରରେ 'ଇସ୍କନ'ର ଗୌରପୂର୍ଣ୍ଣିମା ମହୋତ୍ସବ ଉଦଘାଟିତ

ବାଲେଶ୍ୱର,୧୭/୦୩ (ନି.ପ୍ର): 'ଇସ୍କନ' ବାଲେଶ୍ୱର ଶାଖା ପକ୍ଷରୁ ଗୌର ପୂର୍ଣ୍ଣମା ମେହୋତ୍ସବ ସହରର ଆକତପୁରରେ ଗୁରୁବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଦିବସରେ ଅଧିବାସ ସାଙ୍ଗକୁ ମହାନଗର ସଂକୀର୍ତ୍ତନ, କଳସ ଶୋଭାଯାତ୍ରା ଆଦି ଅନୁଷ୍ଠିତ ହୋଇଥିଲା। ମହିଳାମାନେ ବୁଢ଼ାବଳଙ୍ଗ ନଦୀର ବାଲିଘାଟରୁ ଘଟ ଉତ୍ତୋଳନ ପୂର୍ବକ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଭଜନ କୀର୍ତ୍ତନ ସହ ଏହି ଶୋଭାଯାତ୍ରା ଉତ୍ସବସ୍ଥଳରେ ପହଞ୍ଚିବା ପରେ ଘଟ ସ୍ଥାପନ ସହ ଯଜ୍ଞ ଶୁଭାରମ୍ଭ ହୋଇଥିଲା। ସଂଧ୍ୟାରେ ମହାଆରତୀ ସାଙ୍ଗକୁ ଗୌର ଲୀଳାକଥା ଉପରେ ଆୟୋଜିତ ପ୍ରବଚନ କାର୍ଯ୍ୟକ୍ରମରେ ଆକତପୁର ସମେତ ସହରର ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ସେହିପରି ୧୮ ତାରିଖରେ ମଙ୍ଗଳା ଆରତୀ, ଦର୍ଶନ ଆରତୀ, ନାମ ସଂକୀର୍ତ୍ତନ, ଅପରାହ୍ନରେ ମହାଭିଷେକ, ରାତିରେ ପୁଷ୍ପାଞ୍ଜଳି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହେବ ବୋଲି ଇସ୍କନ ବାଲେଶ୍ୱର ଶାଖାର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏଭଳି ଏକ ଭାବପୂର୍ଣ୍ଣ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ଶ୍ରଦ୍ଧାଳୁ ଯୋଗଦେଇ ଏହାକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ସେମାନେ ସମସ୍ତଙ୍କୁ ନିବେଦନ କରିଛନ୍ତି।

## ବିଜେପି ପକ୍ଷରୁ ୧୫ ନଂ ୱାର୍ଡ଼ରେ ନିର୍ବାଚନୀ ପଦଯାତ୍ରା

ବାଲେଶ୍ୱର,୧୭/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନେତା ମାନସ କୁମାର ଦତ୍ତଙ୍କ ନେତୃତ୍ୱରେ ଦଳୀୟ ପୌରାଧ୍ୟକ୍ଷା ପ୍ରାର୍ଥିନୀ ରଶ୍ମିରେଖା ଦେବ ଓ ୧୫ନଂ ୱାର୍ଡ଼ର କାଉନସିଲର ପ୍ରାର୍ଥିନୀ ପଙ୍କଜିନୀ ଶତପଥୀ ସମର୍ଥନରେ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ନିର୍ବାଚନୀ ସଭାରେ ଶ୍ରୀ ଦତ୍ତ ଶାସକ ଦଳ ମିଥ୍ୟା ପ୍ରତିଶ୍ରୁତିକୁ ନେଇ ସମାଲୋଚନା କରିଛନ୍ତି। ସରକାରୀ କଳ ବଳ ଜରିଆରେ ଭୋଟରମାନଙ୍କୁ ପ୍ରଭାବିତ କରି ନିର୍ବାଚନ ହାତେଇବାକୁ ଶାସକ ବିଜେଡି ଅପପ୍ରୟାସ ଜାରି ରଖିଛି ବୋଲି ସେ ଆରୋପ କରିଛନ୍ତି। ତେବେ ଚଳିତ ପୌର ନିର୍ବାଚନରେ ସାଧାରଣ ଲୋକେ ଏହାର ଉଚିତ ଜବାବ ଦେବେ ବୋଲି ସେ ଅଶା ପ୍ରକାଶ କରିଛନ୍ତି। ଏକମାତ୍ର ବିକଳ୍ପ ଭାବେ ବିଜେପିର ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ସମେତ ସମସ୍ତ ଦଳୀୟ କାଉନସିଲର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଶ୍ରୀ ଦତ୍ତ ନିବେଦନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ସଭାପତି ଦୁଷ୍ମନ୍ତ ପଢ଼ିଆରୀ, ପୂର୍ବତନ କାଉନସିଲର ଉପେନ୍ଦ୍ର ଶତପଥୀ, ଗଗନ ଜେନା, ଅଭୟ ସାହୁ, ଜଳେନ୍ଦ୍ର ସେଠୀ, ଚିତ୍ତରଞ୍ଜନ ସାହୁ, ଭବାନୀ ଶତପଥୀ, ଶିବାନୀ ଶତପଥୀ, ହରିଶ୍ଚନ୍ଦ୍ର ସାହୁ, କମଳ ଲୋଚନ ଶତପଥୀ ପ୍ରମୁଖ ଏହି ପଦଯାତ୍ରାରେ ଉପସ୍ଥିତ ଥିଲେ।

## ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ସମ୍ମିଳନୀ




ଭଦ୍ରକ,୧୭/୦୩ (ନି.ପ୍ର): ଭଦ୍ରକରେ ନେହେରୁ ଯୁବକେନ୍ଦ୍ର ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ଯୁବ ସମ୍ମିଳନୀ ସ୍ଥାନୀୟ ସୀତାରାମ କଲ୍ୟାଣ ମଣ୍ଡପ,ଗାନ୍ଧିପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଯୁବସମାବେଶରେ ଜିଲ୍ଲା ସାତଟି ବ୍ଲକର ଶତାଧିକ ଯୁବସ୍ୱେଚ୍ଛାସେବୀ ମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅଭୟ ଦ୍ୱିବେଦୀ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାୟ ଏବଂ ଅବସରପ୍ରାପ୍ତ ଅଧ୍ୟାପକ ସଂଗ୍ରାମ କିଶୋର ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ସ୍ୱେଚ୍ଛାସେବୀ ଯୁବକ ଓ ଯୁବତୀଙ୍କୁ ଉତ୍ସାହିତ କରିବା ସହିତ ତୃଣମୂଳସ୍ତରରେ ସମାଜସେବା କରିବାକୁ ଆହ୍ୱାନ ଦେଇଥିଲେ। ନେହେରୁ ଯୁବକେନ୍ଦ୍ର,ଭଦ୍ରକର ଯୁବଅଧିକାରୀ ବିଘ୍ନେଶ ଏମଙ୍କ ଅଧ୍ୟକ୍ଷତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ମିତାଞ୍ଜଳି ଦାସ ସଂଯୋଜନା କରିଥିଲେ। ଭାରତ ସରକାରଙ୍କ ଯୁବବ୍ୟାପର ଓ କ୍ରୀଡାମନ୍ତ୍ରଳାୟ ଅଧିନରେ ନେହେରୁ ଯୁବକେନ୍ଦ୍ର, ଭଦ୍ରକ ଅଧିନରେ ଅନୁଷ୍ଠିତ ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳତାର ସହ ପରିଚାଳନା କରୁଥିବା ଜିଲ୍ଲାର ସାତଟି ବ୍ଲକ୍‌ର ୨୧ଟି କ୍ଲବ୍‌ଗୁଡିକୁ ସଂଗଠନ ପକ୍ଷରୁ କ୍ରୀଡା ସାମଗ୍ରୀ ଏବଂ ଶ୍ରେଷ୍ଠ କ୍ଲବ୍‌କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ଅବସରରେ ୨୦୨୧-୨୨ବର୍ଷ ପାଇଁ ଜିଲ୍ଲାର ଶ୍ରେଷ୍ଠ ସଂଗଠନ ଭାବରେ ବିବେକାନନ୍ଦ ଯୁବ ସଂସଦ, ମଞ୍ଜୁରୋଡ, ଭଣ୍ଡାରୀପୋଖରୀକୁ ପ୍ରମାଣପତ୍ର ସହ ନଗଦ ଅର୍ଥରାଶିକୁ ଯୋଗଦେଇଥିବା ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ସତ୍ୟବ୍ରତ ଦାସ, ମାଧବାନନ୍ଦ ନାଥ ସମେତ ଅନ୍ୟ ସ୍ୱେଚ୍ଛାସେବୀମାନେ ସହଯୋଗିତା କରିଥିଲେ।

# ଗୋଟିଏ ଦିନରେ ୧୦୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୦୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୬୯୫୭ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୨୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୭୦୪୫ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୪୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୦୫ ଜଣଙ୍କ ମଧ୍ୟରୁ ୬୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଗଂଜାମ ଜିଲ୍ଲାରୁ ସବୁଠାରୁ ଅଧିକ ୩୨ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବାଲେଶ୍ୱର ଜିଲ୍ଲାରୁ ୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାର ୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ତଥା ଭଦ୍ରକ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ବଲାଙ୍ଗୀର ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଟକରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଢେଙ୍କାନାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୬ ଜଣ ସଂକ୍ରମିତ ହୋଇଛନ୍ତି । ଗଂଜାମ ଜିଲ୍ଲାରୁ ୩୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କଳାହାଣ୍ଡି ଜିଲ୍ଲାରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କନ୍ଧମାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝର ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଖୋର୍ଦ୍ଧାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

# ମଣିଷ-ହାତୀ ଲଢେଇର ଅବସାନ ଲାଗି ସଚେତନତା ଶିବିର

ଜଳେଶ୍ୱର, ୧୭/୦୩ (ନି.ପ୍ର): ଦିନକୁ ଦିନ ଜଂଗଲ ନଷ୍ଟ ହେବା ଫଳରେ ହାତୀର ବିଚରଣସ୍ଥଳ ସଂକୁଚିତ ହେବାରେ ଲାଗିଛି। ତେଣୁ ହାତୀ ଖାଦ୍ୟ ଅନ୍ୱେଷଣରେ ଜନବସତିକୁ ପଶି ଆସୁଥିବାରୁ ହାତୀ ଓ ମଣିଷ ମଧ୍ୟରେ ଲଢେଇ ଚାଲିଛି । ମଣିଷ ବାଣ, ବାଜା, ନିଆଁହୁଳା ଦ୍ୱାରା ଘଉଡାଇବା ଯୋଗୁଁ ହାତୀ ଅଶାନ୍ତ ହେଉଛି । ଏଥିରୁ ନିବୃତ ରହିବା ଲାଗି ରାଇବଣିଆ ଥାନା ଅନ୍ତର୍ଗତ ଧାନଘେରା ବନପାଳ କାର୍ଯ୍ୟାଳୟରେ ଅନୁଷ୍ଠିତ ସଚେତନତା ଶିବିରରେ ମତ ପ୍ରକାଶ ଯାଇଛି। ବାଲେଶ୍ୱର ୱାଇଲ୍ଡ ଲାଇଫ ଡିଭିଜନ୍ ପକ୍ଷରୁ ଆୟୋଜିତ ସଚେତନତା ଶିବିରରେ ଲୋକାୟୁକ୍ତ ସଦସ୍ୟ ତଥା ଅବସରପ୍ରାପ୍ତ ପ୍ରିନ୍ସିପାଲ ଚିଫ କନ୍‌ଜରଭେଟର ଡ. ଦେବବ୍ରତ ସ୍ୱାଇଁ ଯୋଗ ଦେଇ ମଣିଷ ଓ ହାତୀ ଲଢେଇର ଅବସାନ ଲାଗି ଆହ୍ୱାନ ଦେଇଥିଲେ । ସେଫ ଏଲିଫେଣ୍ଟ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ସଚେତନତା ସଭାରେ ନିଆଁ ହୁଳା, ବାଜା ଓ ବାଣ ବ୍ୟବହାର ନ କରି ହାତୀକୁ ଦୂର ସ୍ଥାନରେ ଜଗି ରହିଲେ ମନକୁମନ ଜଂଗଲକୁ ଫେରିଯିବ ବୋଲି କହିଥିଲେ । ରାଇବଣିଆ ଅଂଚଳର କାଳିକ, କଳମା, ଖୁଆଡ, ବରଡିଆ, ରାଇବଣିଆ, ସର୍ଦ୍ଦାରବନ୍ଧ, ଶ୍ୟାମନଗର ପଂଚାୟତ ଅଂଚଳକୁ ବାରମ୍ବାର ହାତୀ ଆସି କ୍ଷତି ଘଟାଉଥିବା ବେଳେ ଆବଶ୍ୟକ ଅନୁକମ୍ପା ରାଶି ମିଳୁନଥିବାରୁ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଥିଲା । ହାତୀ କ୍ଷତି ଘଟାଉଥିବା ଭାଗଚାଷୀ ଓ ସରକାରୀ ଜମିରେ ଚାଷ କରି ଆସୁଥିବା ଚାଷୀଙ୍କୁ ଅନୁକମ୍ପା ରାଶି ମିଳୁନଥିବାରୁ ସ୍ଥାନୀୟ ଲୋକେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ପଟା ନ ଥିବା ଜାଗାରେ ଘର କରି ରହିଥିବା ଲୋକଙ୍କୁ କ୍ଷତିଗ୍ରସ୍ତ ଘରର ଅନୁକମ୍ପାରାଶି ମଧ୍ୟ ମିଳୁ ନାହିଁ । ଚାଷୀଙ୍କୁ ସ୍ୱଳ୍ପ ଓ ବିଳମ୍ବିତ ଅନୁକମ୍ପା ରାଶି ବିରୋଧରେ କ୍ଷତିପୂରଣ ଲାଗି ଫାଉଣ୍ଡେସନ ପକ୍ଷରୁ ସୁପ୍ରିମକୋର୍ଟରେ ରିଟ୍ ପିଟିସନ୍ କରିବ ବୋଲି ଆଜି ଏଠାରେ ପ୍ରକାଶ କରାଯାଇଛି । କ୍ଷତିଗ୍ରସ୍ତଙ୍କୁ ଶୀଘ୍ର ଅନୁକମ୍ପା ରାଶି ମିଳିବା ଲାଗି ସରକାରଙ୍କ ପକ୍ଷରୁ ମୋବାଇଲ ଅନୁକମ୍ପା ଆପ୍ ଜରିଆରେ ଆବେଦନ କରିବାକୁ ଡିଏଫଓ ବିମଳ ପ୍ରସାଦ ଆଚାର୍ଯ୍ୟ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସେଭ୍ ଏଲିଫେଣ୍ଟର ଅଧ୍ୟକ୍ଷ ଡ. ରଂଜନ କାନ୍ତ ଜେନା, ବାଲେଶ୍ୱର ଏସିଏଫଓ ଦିଗନ୍ତ ଶୋଭନ ଚାନ୍ଦ, ସୁଶାନ୍ତ ଜେନା, ଜିତ୍‌ଶତ୍ରୁ ମହାନ୍ତି, ଆନନ୍ଦ କୁମାର, ରେଞ୍ଜର ପୂର୍ଣ୍ଣଚନ୍ଦ୍ର ପଣ୍ଡା, ହରିହର ଦାସ, ଅବୈତନିକ ୱାର୍ଡ ସେଭ୍ ୱାଡେନ୍ ଅଶ୍ୱିନୀ କୁମାର ଦାସ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଆନନ୍ଦ ସର୍ମା ଧନ୍ୟବାଦ ଅର୍ପଣ କରିଥିଲେ । ଉପରୋକ୍ତ ଅଂଚଳର ଅଧିବାସୀ, ସବୁଜ ବାହିନୀ, ସୁରକ୍ଷା ବାହିନୀ ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମରେ ପ୍ରଶ୍ନଉତ୍ତର ଆଦାନ ପ୍ରଦାନ କରିଥିଲେ ।

## କରୋନାରୁ ସୁସ୍ଥ ହେଲେ ଆଉ ୧୦୮ ଆକ୍ରାନ୍ତ

ଭୁବନେଶ୍ୱର, ୧୭/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଗୁରୁବାର ଦିନ ଆଉ ୧୦୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୭ ହଜାର ୧୫୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୨୪ ଜଣ ଓ ଖୋର୍ଦ୍ଧା ଜିଲ୍ଲାରୁ ୧୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। ଅନୁଗୁଳରୁ ୧୩, ସୁନ୍ଦରଗଡ଼ରୁ ୧୨, ଗଜପତିରୁ ୮, କେନ୍ଦ୍ରାପଡ଼ାରୁ ୭, ଯାଜପୁର, କୋରାପୁଟରୁ ୪-୪, ବାଲେଶ୍ୱର, ବଲାଙ୍ଗୀର, ଗଂଜାମ, ମୟୂରଭଂଜରୁ ୩ ଜଣ ଲେଖାଏଁ , ଜଗତସିଂହପୁର, ଝାରସୁଗୁଡ଼ାରୁ ୨-୨, କଟକ, ନୟାଗଡ଼, ସୁବର୍ଣ୍ଣପୁରରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍ ରୁ ୩ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି।

## ନୂଆଗାଁ ପଞ୍ଚାୟତରେ ନବନିର୍ବାଚିତ ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ



ଲଙ୍ଗଳେଶ୍ୱର, ୧୭/୦୩ (ନି.ପ୍ର): ବାଲିଆପାଳ ବ୍ଲକ ନୂଆଗାଁ ଗ୍ରାମପଞ୍ଚାୟତ ରେ ଆଜି ବିଧିବଦ୍ଧ ଭାବରେ ନୂଆକରି ନିର୍ବାଚିତ ହୋଇଥିବା ସରପଞ୍ଚ ପଂଚାୟତ ଅଫିସ ଗୃହରେ ପୂଜା ଅର୍ଚ୍ଚନା କରିବା ସହିତ ପଂଚାୟତର ଜନ ସାଧାରଣ ମାନେ ନୂତନ ସରପଞ୍ଚଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରିବା ପରେ ନୂତନ ସରପଞ୍ଚ ଦୀପାରାଣୀ ଦାସ ଦାଇତ୍ୱ ଗ୍ରହଣ କରିଛନ୍ତି । ସୂଚନାରୁ ପ୍ରକାଶ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରେ ବାଲିଆପାଳ ବ୍ଲକ ର ନୂଆଗାଁ ପଂଚାୟତରେ ସରପଞ୍ଚ ଭାବେ ବିଜୟୀ ହୋଇଥିବା ଦୀପାରାଣୀ ଦାସ ଆଜି ବିଦ୍ଧିବଦ୍ଧ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ସ୍ୱାଗତ ସମାରୋହ ସଭାରେ ମୁଖ୍ୟ ଅତିଥି ବାଲେଶ୍ୱର ଜିଲ୍ଲା ୨୪ ନମ୍ବର ଜୋନ ର ଜିଲ୍ଲା ପରିଷଦ ବାବାଜୀ ଦେହୁରୀ, ସମ୍ମାନିତ ଅତିଥି ସରପଞ୍ଚ ପ୍ରତିନିଧି ପ୍ରଶାନ୍ତ କୁମାର ଦାସ (ବାପି), ଜଗତିପୁର ପଂଚାୟତ ର ସମିତି ସଦସ୍ୟ ଶାନ୍ତନୁ ମହାପାତ୍ରଙ୍କ ସହ ଗୌରାଙ୍ଗ ମହାନ୍ତି, ଅଜୟ ସାମଲ,ନିରୁପମା ଦାସ, ମହେଶ୍ୱର ନାୟକ, ସଞ୍ଜୟ ସାହୁଙ୍କ ସହ ସରପଞ୍ଚ ଦୀପାରାଣୀ ଦାସ ,ବ୍ଲକ ସଦସ୍ୟ ପ୍ରଦୀପ ସାମନ୍ତରାୟ ଓ ୱାର୍ଡ ମେମ୍ବର ମାନେ ଉପସ୍ଥିତ ଥିଲେ । ପ୍ରଥମେ ମୁଖ୍ୟ ଅତିଥିଙ୍କୁ ସରପଞ୍ଚ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ପରେ ଗ୍ରାମର ମୁଖିଆ ଅଜୟ ସାମଲ ଫିତାକାଟି ଗୃହ ପ୍ରବେଶ ପରେ ଦୀପାରାଣୀ ଦାସ ନୂତନ ଭାବରେ ସରପଞ୍ଚ ଦାଇତ୍ୱ ନେଇଥିଲେ । ଏହି ସଭା କୁ ହୃଷିକେଶ ପଣ୍ଡା ପରିଚାଳନା କରିଥିବା ବେଳେ, ସର୍ବ ଶେଷରେ ପର୍ଶୁରାମ ପଢ଼ିଆରୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବାରିପଦା ଟାଉନ ପୋଲିସର ସଫଳତା : ଦୁଇ ନାବାଳକ ସହ ୪ଜଣ ଲୁଟେରା ଗିରଫ



ବାରିପଦା, ୧୭/୦୩ (ନି.ପ୍ର): ବାରିପଦା ସହର ରେଦିନକୁ ଦିନ ଚୋରୀ ଡକାୟତି ବୃଦ୍ଧି ପାଉଥିବା ବେଳେ, ଅନେକ ସମୟରେ ଅପରାଧିଙ୍କୁ ଧରିବାରେ ପୋଲିସକୁ ନାକେଦମ ହେବାକୁ ପଡୁଛି । ବିଶେଷ କରି ବାରିପଦା ଏକ ସୀମାନ୍ତ ବର୍ତୀ ଅଂଚଳ ହୋଇ ଥିବାରୁ ଅପରାଧି ମାନେ ଖୁବ ଶୀଘ୍ର ରାଜ୍ୟ ବାହାରକୁ ଖସି ଯିବାରେ ସଫଳ ହେଉଛନ୍ତି । ତେବେ ଆଜି ବାରିପଦା ଟାଉନ ପୋଲିସକୁ ମିଳିଛି ଏକ ସଫଳତା । ଦୁଇ ଜଣ ନାବାଳକ ସହ ୪ଜଣିଆ ଲୁଟେରା ଗ୍ୟାଙ୍ଗକୁ ଗିରଫ କରିଛି ବାରିପଦା ଟାଉନ ପୋଲିସ । ଅଭିଯୁକ୍ତଙ୍କ ଠାରୁ ମାରଣାସ୍ତ୍ର , ଡିକି ଭଙ୍ଗା ଯନ୍ତ୍ର, ନଗଦ ଟଙ୍କା , ମୋବାଇଲ ଫୋନ, ୨ଟି ମଟର ସାଇକେଲ, ମଙ୍ଗଳସୂତ୍ର, ବ୍ରାସଲେଟ , ହାତଘଣ୍ଟା ଇତ୍ୟାଦି ଜବତ ମଧ କରାଯାଇଛି । ଅଭିଯୁକ୍ତ ମାନେ ଯାଜପୁର ଜିଲ୍ଲା ଜଖପୁରା ଥାନା ଅଞ୍ଚଳର ବୋଲି ଜଣା ପଡିଛି । ଗିରଫ ତୋଫାନ ପ୍ରଧାନର ବୟସ ୨୨ବର୍ଷ ଓ ଅୟୁଲ୍ ଶେଖର ର ବୟସ ୩୦ବର୍ଷ ହୋଇଥିଲା ବେଳେ ଅନ୍ୟ ୨ଜଣ ନାବାଳକ ବୋଲି ଜଣା ଯାଇଛି । ସୂଚନା ମୁତାବକ ଗତ ୧୦ତାରିଖ ଦିନ ଲକ୍ଷ୍ମୀମଣୀ ସିଂ ନାମକ ଜଣେ ମହିଳା ବାରିପଦା ତକତପୁର ଷ୍ଟେଟବ୍ୟାଙ୍କ ରୁ ୩ଲକ୍ଷ ଟଙ୍କା ଉଠାଇ ନିଜ ସ୍କୁଟି ଡିକିରେ ରଖି ବାରିପଦା ଟାଉନର ବାଣ୍ଟିଆ ଜଗନ୍ନାଥ ମନ୍ଦିର ନିକଟରେ ଏକ ଦୋକାନରୁ କିଛି ଜିନିଷ କିଣିବାକୁ ପଶିଥିବା ସମୟରେ ଲୁଟେରା ମାନେ ଡିକି ଭାଙ୍ଗିବାକୁ ଉଦ୍ୟମ କରିଥିଲେ । ଦୋକାନୀ ପାଟି କରିବାରୁ ଲୁଟେରା ମାନେ ତୁରନ୍ତ ସେଠାରୁ ଚମ୍ପଟ ମାରିଥିଲେ । ତେବେ ଲକ୍ଷ୍ମୀମଣୀ ଏନେଇ ଥାନାରେ ଅଭିଯୋଗ କରିବା ପରେ ଟାଉନଥାନା ପୋଲିସ ଉକ୍ତ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରି ଅଭିଯୁକ୍ତ ମାନଙ୍କୁ ଧରିବାରେ ସକ୍ଷମ ହୋଇଛି । ଏମାନଙ୍କ ନାମରେ ପୂର୍ବରୁ ମଧ ବିଭିନ୍ନ ଥାନାରେ ଅନେକ ଅପରାଧୀକ ମାମଲା ରହିଥିବା ବେଳେ ଏମାନଙ୍କ ସମ୍ପୃକ୍ତି ଆନ୍ତରାଜ୍ୟ ଗ୍ୟାଙ୍ଗ ସହ ଥିବାର ପୋଲିସ ଅନୁମାନ କରି ଘଟଣାର ଅଧିକ ତଦନ୍ତ ଚଳାଇଛି । ଆଜି ଏନେଇ ବାରିପଦା ଟାଉନଥାନା ରେ ଭାରତୀୟ ପିଙ୍ଗଳ କୋଡ ଧାରା ୩୯୨/୫୧୧ /୩୪ ମୂଳେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ନେଇ ବାରିପଦା ସଦର ଏସ.ଡି.ପି.ଓ. କେ.କେ. ହରିପ୍ରସାଦ ଓ ବାରିପଦା ଟାଉନ ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ସୂଚନା ଦେଇଛନ୍ତି ।




## ଲୋକସଭା ଅଧ୍ୟକ୍ଷ ଦେଶବାସୀଙ୍କୁ ହୋଲିର ଶୁଭକାମନା ଜଣାଇଲେ

ନୂଆଦିଲ୍ଲୀ, ୧୭/୦୩ (ନି.ପ୍ର): ହୋଲି ଅବସରରେ ଲୋକସଭା ଅଧ୍ୟକ୍ଷ ଓମ ବିର୍ଲା ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ବିର୍ଲା ତାଙ୍କ ଅଭିନନ୍ଦନ ବାର୍ତାରେ କହିଛନ୍ତି, ସମସ୍ତଙ୍କୁ ରଙ୍ଗ ପର୍ବ ହୋଲିର ଶୁଭ କାମନା କରୁଛି । ଆନନ୍ଦ ଏବଂ ଆନନ୍ଦର ରଙ୍ଗରେ ଅଙ୍କା ଯାଇଥିବା ଏହି ପର୍ବ ଆପଣଙ୍କ ଜୀବନରେ ନୂତନ ସୁଖ ଏବଂ ନୂତନ ଆନନ୍ଦ ପ୍ରଦାନ କରୁ, ଏହିପରି ସର୍ବଶକ୍ତିମାନ ପରମେଶ୍ୱରଙ୍କ ନିକଟରେ ମୋର ପ୍ରାର୍ଥନା। ଯେପରି ଆମେ ରଙ୍ଗରେ ବିବିଧତା ଦେଖୁ ଆମର ପର୍ବଗୁଡ଼ିକ ଗୌରବ ଏବଂ ଗୌରବରେ ପରିପୂର୍ଣ୍ଣ । କିନ୍ତୁ ଗୋଟିଏ ସାଧାରଣ କଥା ଯାହା ଏହି ସମସ୍ତ ପର୍ବ ଗୁଡ଼ିକର ଏକ ସାଧାରଣ କଥା ହେଉଛି ପର୍ବ ଗୁଡ଼ିକ ଆମକୁ ଯୋଡ଼ିଥାଏ, ଆମର ସାମାଜିକ ସୌହାର୍ଦ୍ଦ୍ୟକୁ ଦୃଢ଼ କରିଥାଏ ଏବଂ ଆମର ଏକତାକୁ ଦୃଢ଼ କରିଥାଏ ।

GOVERNMENT OF ODISHA
DEPARTMENT OF WATER RESOURCES
INVITATION FOR BIDS (IFB)
"e" Procurement Notice-4 / 2021-22

BID IDENTIFICATION NO.SAL-BDK-4-P1 OF 2021-22

1. Name of work:- Maintenance of Canal and Embankment (River & Saline) works
2. Class of Contractor:- Varies from "D" Class to "B"Class
3. No of works:- 5Nos (Details as per NIT available in website)
4. Value of Work:- Rs. 12.37 Lakhs to 32.73 lakhs
5. Time of Completion:- 3 Calander Months .
6. Type of Bid :- Percentage Bid.
7. Summary for key dates is provided below.

| Procurement Officer | Bid Identification No | Availability of tender for online bidding | | Date & time of opening Bid |
|---|---|---|---|---|
| | | From | To | |
| Superintending Engineer, Salandi Canal Division, Bhadrak | SAL-BDK-4 P1 OF 2021-22 | 22.03.2022 at 11.00AM | 05.04.2022 UPTO 5.00PM | 06.04.2022 at 11.00 A.M. |

Further details can be seen from the website http.//www.tendersorissa.gov.in / www.dowrodisha.gov.in
Any addendum/ Corrigendum/ Cancellation to the above notice will be published in this web site only.

Superintending Engineer
Salandi Canal Division
Bhadrak

OIPR : 32005/11/0004/2122

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo